# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୨/୨୦୨୦ (୧୨ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 12/2020 | ★★★★

୪୭ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମୀରାଙ୍କ ମେସେଜ ଚାଟ୍ ଭାଇରାଲ**

ଶାହିଦ କପୁର ଓ ମୀରା ରାଜପୁତଙ୍କ ଯୋଡି ସୋସିଆଲ ମିଡିଆରେ ଆକ୍ଟିଭ୍ ଥିବାବେଳେ ମୀରା ଶେୟାର କରିଥିବା ଏକ ମେସେଜ୍ ଚାଟ୍ ସ୍କ୍ରିନ୍ ସଟ୍ ଭାଇରାଲ ହେବାରେ ଲାଗିଛି।

୧୦

୧୨

**ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହାନ୍ତି ରାହାନେ**

ଭାରତୀୟ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ ଦିନିକିଆ ଫର୍ମାଟ୍‌କୁ ଫେରିବାକୁ ଇଚ୍ଛା ଜାହିର କରିଛନ୍ତି।



# ପିଏମ୍ କେୟାର୍ସ ଫଣ୍ଡ ଯାଞ୍ଚ ହେବ ନାହିଁ

## ପିଏସି ରାସ୍ତାରେ ଭାଜପା ପ୍ରତିବନ୍ଧକ

**ନୂଆଦିଲ୍ଲୀ,୧୧।୭**

ପାର୍ଲାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ପ୍ୟାନେଲ ପବ୍ଲିକ୍ ଆକାଉଣ୍ଟସ କମିଟି (ପିଏସି) କୋଭିଡ୍-୧୯ ପରିଚାଳନା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଓ ଏହି ସଙ୍କଟର ମୁକାବିଲା ଲାଗି ଗଠିତ ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏଶନ୍ସ (ପିଏମ୍ କେୟାର୍ସ) ଫଣ୍ଡର ଯାଞ୍ଚ କରିବ ନାହିଁ। ଏହି ପ୍ରସଙ୍ଗରେ ଯାଞ୍ଚ ପାଇଁ ସର୍ବସମ୍ମତ ସହମତି ପ୍ରକାଶ କରିବାରେ ପିଏସି ବୈଠକ ବିଫଳ ହୋଇଛି।

ପିଏସି ହେଉଛି ପାର୍ଲାମେଣ୍ଟର ଏକ ମହତ୍ତ୍ୱପୂର୍ଣ୍ଣ ପ୍ୟାନେଲ। ଏହା ଅଡିଟର ଜେନେରାଲଙ୍କ ପକ୍ଷରୁ ଉପସ୍ଥାପନ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ରିପୋର୍ଟଗୁଡ଼ିକୁ ଯାଞ୍ଚ କରିଥାଏ। ଏହି କମିଟି ଅତୀତରେ ୨ଜି ସ୍ପେକ୍ଟ୍ରମ୍ ଦୁର୍ନୀତି ଭଳି ପ୍ରସଙ୍ଗ ଉଠାଇଥିଲା। ଶୁକ୍ରବାର ଅନୁଷ୍ଠିତ ବୈଠକରେ ପିଏସି ଅଧ୍ୟକ୍ଷ ତଥା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସଦସ୍ୟମାନଙ୍କୁ ଦେଶ ବିଷୟରେ ଚିନ୍ତାକରି ଏହି ଗୁରୁତ୍ୱପୂର୍ଣ୍ଣ ☞ପୃଷ୍ଠା-୪

## ଛୋଟ ହେବ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୧୧।୭(ଆଇଏଏନ୍ଏସ୍)**



- କେନ୍ଦ୍ରକୁ ଅଧ୍ୟାଦେଶ ଚିନ୍ତା
- ସାମାଜିକ ଦୂରତ୍ୱ ସବୁଠୁ ବଡ଼ ଚ୍ୟାଲେଞ୍ଜ
- ପ୍ରସଙ୍ଗ ପାଲଟିବ ଭାରତ-ଚାଇନା ସୀମା ବିବାଦ

ପାର୍ଲାମେଣ୍ଟର ସ୍ଥାୟୀ କମିଟିଗୁଡ଼ିକ ବସିବା ପରେ ଏବେ ମୌସୁମୀ ଅଧିବେଶନ ଆୟୋଜନ ପାଇଁ ଉଦ୍ୟମ ଚାଲିଛି। ପୂର୍ବରୁ ଅଣାଯାଇଥିବା ଅଧ୍ୟାଦେଶଗୁଡ଼ିକୁ ଗୃହୀତ କରାଇବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ଲୋକ ସଭା ଓ ରାଜ୍ୟ ସଭା ସେକ୍ରେଟାରିଏଟ୍ ଆଗରେ ଉଭୟ ସଦନର ସଦସ୍ୟଙ୍କ ପାଇଁ ଠିକ୍ ଢଙ୍ଗରେ ସିଟ୍ ବ୍ୟବସ୍ଥା ସହ ପାର୍ଲାମେଣ୍ଟ ପରିଚାଳନା କରିବା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। କାରଣ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ଗାଇଡ୍‌ଲାଇନ୍ ଅନୁସାରେ ସୋସିଆଲ ଡିଷ୍ଟାନ୍ସିଂ ବଜାୟ ରଖିବା ସମ୍ଭବପର ନୁହେଁ। ଏମିତିରେ ମୌସୁମୀ ଅଧିବେଶନକୁ ସରକାର ବହୁତ ଛୋଟ କରିବା ପାଇଁ ଯୋଜନା କରୁଥିବା ସୂତ୍ରରୁ ଜଣାପଡ଼ିଛି।

ଜୁନ୍ ୫ରେ ସରକାର ଏକ ଅଧ୍ୟାଦେଶ ଆଣିଥିଲେ, ଯାହାକି ଗେମ୍ ଚେଞ୍ଜର ହେବ ବୋଲି ଦାବି କରାଯାଇଥିଲା। ଏହି ଅଧ୍ୟାଦେଶ ବଳରେ ସାଢ଼େ ୬ ଦଶନ୍ଧି ପୁରୁଣା ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଅଣାଯାଇଛି। ଚାଷୀଙ୍କ ଆୟ ବୃଦ୍ଧି ଉଦ୍ଦେଶ୍ୟରେ ବ୍ୟବସାୟରେ ସହଜତା (ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍) ପାଇଁ ଶସ୍ୟ, ଡାଲି ଜାତୀୟ ଖାଦ୍ୟ ଓ ପିଆଜ ଭଳି ସାମଗ୍ରୀଗୁଡ଼ିକୁ ନିୟନ୍ତ୍ରଣମୁକ୍ତ କରିବା ନେଇ ଏଥିରେ ବ୍ୟବସ୍ଥା ରହିଛି। ଏହାସହ କେନ୍ଦ୍ର ସରକାର ସମବାୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଆଇନର ଶାସନ

# ଷ୍ଟାର୍ଟଅପ୍ ଏବେ ଷ୍ଟପ୍

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୧।୭**

- ୧୦% କଷ୍ଟେମଷ୍ଟେ ଚାଲିଛି
- ମିଳିନାହିଁ ସରକାରୀ ସହାୟତା
- ଶୋଇପଡ଼ିଛି ଷ୍ଟାର୍ଟଅପ୍ ସେଲ୍




କୋଭିଡ୍-୧୯ ସମଗ୍ର ଦେଶରେ ବ୍ୟବସାୟ କରିବା ଢାଞ୍ଚାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଛି। ଅଧିକାଂଶ ବିଜ୍‌ନେସ୍‌ର ମ୍ୟାନେଜମେଣ୍ଟ ପ୍ରାକ୍ଟିସ୍ ପରିବର୍ତ୍ତନ ହୋଇଥିବା ବେଳେ ଅଧାରୁ ଅଧିକ ଷ୍ଟାର୍ଟଅପ୍ ଏବଂ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଷ୍ଟପ୍ ବା ବନ୍ଦ ହେବା ଅବସ୍ଥାକୁ ଆସିଯାଇଛି। ଉଭୟ ବିଜ୍‌ନେସ୍-ଟୁ-ବିଜ୍‌ନେସ୍(ବିଟୁବି) ଏବଂ ବିଜ୍‌ନେସ୍-ଟୁ-କନ୍‌ଜ୍ୟୁମର(ବିଟୁସି) ଷ୍ଟାର୍ଟଅପ୍ କୋଭିଡ୍ ଲକ୍‌ଡାଉନ୍ ପାଇଁ ବ୍ୟାପକ କ୍ଷତି ସହିଛନ୍ତି। ଏଭଳିସ୍ଥଳେ ଓଡ଼ିଶାର ଚିତ୍ର ଆହୁରି ଖରାପ ହୋଇପଡ଼ିଛି। ରାଜ୍ୟରେ ବହୁ କମ୍‌ସଂଖ୍ୟକ ୱାର୍କିଂ କ୍ୟାପିଟାଲ ଲୋନ୍ ବା କ୍ୟାଶ୍ କ୍ରେଡିଟ୍ ଆକାଉଣ୍ଟ ଥିବା ଷ୍ଟାର୍ଟଅପ୍ ରହିଥିବାବେଳେ ଲକ୍‌ଡାଉନ୍‌ରେ ବ୍ୟବସାୟ ବନ୍ଦ ଯୋଗୁ ଓଡ଼ିଶାର ଷ୍ଟାର୍ଟଅପଗୁଡ଼ିକ ସର୍ବାଧିକ କ୍ଷତି ସହିଛନ୍ତି। ହେଲେ ଏଭଳିସ୍ଥଳେ ରାଜ୍ୟରେ ଷ୍ଟାର୍ଟଅପ୍ କଲ୍‌ଚର୍‌ର ବିକାଶ ପାଇଁ କାର୍ଯ୍ୟ କରୁଥିବା ଓଡ଼ିଶା ଷ୍ଟାର୍ଟଅପ୍ ସେଲ୍ ଶୋଇରହିଛି। ଏହି ସେଲ୍ କୌଣସି ପଞ୍ଜୀକୃତ ଷ୍ଟାର୍ଟଅପ୍ ନିକଟରେ ପହଞ୍ଚିପାରିନାହିଁ କି କାହାକୁ ଆର୍ଥିକ ସହାୟତା ଦେଇନାହିଁ ବୋଲି ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍(ଓଏଏସ୍ଏମ୍ଇ) ଅଭିଯୋଗ କରିଛି। ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ଥିବା ଛୋଟ ବଡ଼ ଉଦ୍ୟୋଗୀ ଏବଂ ସଂସ୍ଥା ଏପର୍ଯ୍ୟନ୍ତ କୌଣସି ପ୍ରକାର ସହାୟତା କିମ୍ବା ଯୋଜନା ଦ୍ୱାରା ଲାଭବାନ ହୋଇ ନ ଥିବା କୁହାଯାଇଛି। ରାଜ୍ୟ ଷ୍ଟାର୍ଟଅପ୍ ସେଲ୍ କେବଳ ଏକ ଫାର୍ସ ବୋଲି ଓଏଏସ୍ଏମ୍ଇ ପକ୍ଷରୁ କୁହାଯାଇଛି। ନିକଟରେ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ ଏମ୍ଏସ୍ଏମ୍ଇ କ୍ଷେତ୍ର ସକାଶେ ଯେଉଁ ବୃହତ୍ ପାଣ୍ଠିର ଘୋଷଣା କରିଥିଲେ, ସେଥିରୁ ଓଡ଼ିଶାର ଉଦ୍ୟୋଗୀମାନଙ୍କ ପକେଟ୍‌କୁ ଟଙ୍କାଏ ମଧ୍ୟ ଆସିନାହିଁ ବୋଲି ଅଭିଯୋଗ ହୋଇଛି।

'ଷ୍ଟାର୍ଟଅପ୍ ଓଡ଼ିଶା' ତଥ୍ୟ ମୁତାବକ ରାଜ୍ୟରେ ୬୬୨ ପଞ୍ଜୀକୃତ ଷ୍ଟାର୍ଟଅପ୍ ଅଛି। ଏଗୁଡ଼ିକ ମଧ୍ୟରୁ ଏବେ ପ୍ରାୟ ୫୦୦ଟି ବନ୍ଦ ହେବା ଅବସ୍ଥାରେ ରହିଛି। ୧୦% ଅର୍ଥାତ୍ ମାତ୍ର ୭୦ରୁ ୮୦ଟି ଷ୍ଟାର୍ଟଅପ୍ ବହୁ କଷ୍ଟେମଷ୍ଟେ ଚାଲିଥିବା ଓଏଏସ୍ଏମ୍ଇ ତଥ୍ୟରୁ ଜଣାପଡ଼ିଛି। ରାଜ୍ୟରେ ଆଇଟି କ୍ଷେତ୍ରରେ ସର୍ବାଧିକ ପଞ୍ଜୀକୃତ ଷ୍ଟାର୍ଟଅପ୍ ରହିଛି। କୋଭିଡ୍-୧୯ ଲକ୍‌ଡାଉନ୍ ପାଇଁ ୯୦% ଟେକ୍ ଷ୍ଟାର୍ଟଅପ୍ ନିଜର ଆୟ ହରାଇଛନ୍ତି। ସେହିଭଳି ୩୦ରୁ ୪୦% ଷ୍ଟାର୍ଟଅପ୍ ଏବେ ଅସ୍ଥାୟୀ ଭାବେ କାର୍ଯ୍ୟ ବନ୍ଦ ରଖିଛନ୍ତି। ଏଭଳିସ୍ଥଳେ କିଛିଟା ଆଇଟି ଷ୍ଟାର୍ଟଅପ୍ ନୂଆ ବିଜ୍‌ନେସ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। ହେଲେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବାରୁ ହାତ ବାନ୍ଧି ବସିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାରେ ଟୁରିଜମ୍, ଇ-କମର୍ସ, ଇ-ଲର୍ନିଂ ସେକ୍ଟରରେ ବହୁ ପଞ୍ଜୀକୃତ ଏବଂ ଅଣପଞ୍ଜୀକୃତ ଷ୍ଟାର୍ଟଅପ୍ କାମ କରୁଛନ୍ତି। ଟୁରିଜମ୍ ତଥା ଟ୍ରାଭେଲ୍ ଇଣ୍ଡଷ୍ଟ୍ରି ସହ ଜଡ଼ିତ ଷ୍ଟାର୍ଟଅପ୍‌ଗୁଡ଼ିକର ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଆଡ୍ ଫିଲ୍ମ, ପ୍ରମୋଶନାଲ ଆକ୍ଟିଭିଟି, ଟୁର୍ ଓ ଟ୍ରାଭେଲ ଏଜେନ୍ସି କ୍ଷେତ୍ରରେ ସେବା ଯୋଗାଉଥିବା ୫୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍‌ର ଅବସ୍ଥା ଖରାପ ହୋଇପଡ଼ିଥିବା ବେଳେ ଏହା ସ୍ଥାୟୀ ଭାବେ ବନ୍ଦହେବା ଅବସ୍ଥାରେ ରହିଛି। ସେହିଭଳି ଇ-କମର୍ସ ଷ୍ଟାର୍ଟଅପ୍ ଓଡ଼ିଶାରେ ସବୁଠାରୁ ଅଧିକ ରହିଛି। କିନ୍ତୁ ସେଗୁଡ଼ିକ ମଧ୍ୟ ସ୍ଥାଣୁ ଅବସ୍ଥାକୁ ଚାଲିଗଲାଣି। ପନିପରିବା, ଗ୍ରସେରୀ, ମାଛ, ମାଂସ ଏବଂ ଅନ୍ୟାନ୍ୟ ଖାଦ୍ୟପଦାର୍ଥ ଡେଲିଭରି କରୁଥିବା ଇ-କମର୍ସ ୱେବ୍‌ସାଇଟ୍ ଆଉ କ୍ଷତି ସହି ନ ପାରି ଶେଷରେ ନିଜକୁ 'ସ୍ୱିଗି' ଏବଂ 'ଜୋମାଟୋ' ଭଳି ବଡ଼ ବଡ଼ ଡେଲିଭରି ପ୍ଲାଟଫର୍ମ ସହ ଅନୁବନ୍ଧିତ ☞ପୃଷ୍ଠା-୪






ଆମେରିକାର କୃଷି ଗବେଷଣା ସଂସ୍ଥା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର (ଏନ୍‌ଆଇଏଫ୍‌ଏ) କାର୍ଯ୍ୟକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି ଭାରତୀୟ-ଆମେରିକୀୟ ବୈଜ୍ଞାନିକ ଡ. ପରାଗ ଚିଟନିସ୍। ପୂର୍ବରୁ ସେ ଏହି ସଂସ୍ଥାର ଆସୋସିଏଟ୍ ଡାଇରେକ୍ଟର ଥାଇ ଏହାର ୧.୭ ବିଲିୟନ ଡଲାର ମୂଲ୍ୟର ଗବେଷଣା ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିଲେ।



# ଗିନିଜ୍ ବୁକ୍‌ରେ ୨୦୧୮ ବାଘ ଗଣନା



ନୂଆଦିଲ୍ଲୀ,୧୧।୭(ପି.ଟି.)

୨୦୧୮ରେ ଭାରତରେ ହୋଇଥିବା ବାଘଗଣନା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ବାଘ ଠାବ କରିବା ପାଇଁ ହୋଇଥିବା ସର୍ଭେ ବେଳେ ବିଶ୍ୱର ସର୍ବାଧିକ କ୍ୟାମେରା ବ୍ୟବହାର କରାଯାଇଥିଲା। ସର୍ବଭାରତୀୟ ବାଘ ଆକଳନ ୨୦୧୮ର ଚତୁର୍ଥ ଚକ୍ର ଅନୁଯାୟୀ ଦେଶରେ ୨,୯୬୭ ବାଘ ରହିଛନ୍ତି, ଯାହା କି ବିଶ୍ୱ ବାଘ ସଂଖ୍ୟାର ୭୫ ପ୍ରତିଶତ। ଗତବର୍ଷ ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ଫଳାଫଳ ଘୋଷଣା କରିଥିଲେ। ୨୦୦୬ ବାଘ ସଂଖ୍ୟାଠାରୁ ଏହା ଦୁଇଗୁଣରୁ ଅଧିକ।

ଭାରତର ବ୍ୟାଘ୍ର ଗଣନା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ଏକ ବଡ଼ ସଫଳତାର ମୁହୂର୍ତ୍ତ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଟୁଇଟ୍ କରିଛନ୍ତି। ଆତ୍ମନିର୍ଭର ଭାରତ ପାଇଁ ପ୍ରକୃତରେ ଏହା ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି ସେ କହିଛନ୍ତି। ଏହାର ୪ ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ 'ସଂକଳ୍ପ ସେ ସିଦ୍ଧି' ଅଭିଯାନ ବେଳେ ବାଘ ସଂଖ୍ୟା ଦୁଇଗଣ କରିବା ପାଇଁ ରଖିଥିବା ଲକ୍ଷ୍ୟ ପୂରଣ ହୋଇପାରିଛି।

୨୦୧୮-୧୯ରେ ହୋଇଥିବା ବାଘ ଗଣନା ଉଭୟ ସମ୍ବଳ ଓ ତଥ୍ୟ ଏକାଠି କରିବା ଦୃଷ୍ଟିରୁ ଅତ୍ୟନ୍ତ ବିସ୍ତୃତ ବୋଲି ଗିନିଜ୍ ୱାର୍ଲ୍ଡ ରେକର୍ଡ ୱେବ୍‌ସାଇଟ୍‌ରେ କୁହାଯାଇଛି। ୧୪୧ଟି ବିଭିନ୍ନ ଜଙ୍ଗଲ ଅଞ୍ଚଳର ୨୬,୮୩୮ଟି ସ୍ଥାନରେ କ୍ୟାମେରା ଲଗାଯାଇଥିଲା। ଏହି କ୍ୟାମେରା ସହ ମୋଶନ ସେନ୍‌ସର ଲାଗିଥିବାରୁ ବାଘ ଗତିବିଧି ଉପରେ ପୂର୍ଣ୍ଣ ନଜର ରଖିପାରିଥିଲା। ମୋଟ ୧,୨୧,୩୩୭ ବର୍ଗ କିଲୋମିଟର ଅଞ୍ଚଳକୁ କ୍ୟାମେରା ନଜର ମଧ୍ୟରେ ରଖାଯାଇଥିଲା ଏବଂ ବନ୍ୟଜନ୍ତୁଙ୍କର ୩,୪୮,୫୮,୬୨୩ ଫଟୋ ଉଠାଯାଇଥିଲା। ସେଥିରୁ ୭୬,୬୫୧ ବାଘ ଫଟୋ ଥିବାବେଳେ ୫୧,୭୭୭ ଚିତାବାଘ ଏବଂ ଅବଶିଷ୍ଟ ଅନ୍ୟ ପ୍ରାଣୀଙ୍କ ଫଟୋ ଥିଲା। ଷ୍ଟ୍ରିପ୍ ପାଟର୍ନ ରେକଗ୍ନାଇଜେଶନ ସଫ୍ଟୱେର ବ୍ୟବହାର କରି ଉକ୍ତ ଫଟୋରୁ ଛୁଆଙ୍କୁ ବାଦ୍ ଦେଇ ୨,୪୬୧ ବାଘ ଚିହ୍ନଟ ହୋଇଥିଲେ।

୨୦୧୮ ଗଣନା ଅନୁଯାୟୀ ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ ବାଘ ରହିଥିବାବେଳେ କର୍ଣ୍ଣାଟକରେ ୫୨୪ ଓ ଉତ୍ତରାଖଣ୍ଡରେ ୪୪୨ ବାଘ ଚିହ୍ନଟ ହୋଇଥିଲେ। ଭାରତର ୫ଟି ଅଞ୍ଚଳ ବାଘମାନଙ୍କର ମୁଖ୍ୟ ବାସସ୍ଥାନ ହୋଇଆସିଛି। ସେଗୁଡ଼ିକ ହେଲା ଶିଭଲିକ୍ ଗାଙ୍ଗେୟ ସମତଳ ଅଞ୍ଚଳ, କେନ୍ଦ୍ରୀୟ ଭାରତ ଓ ପୂର୍ବଘାଟ, ପଶ୍ଚିମଘାଟ, ଉତ୍ତରପୂର୍ବ ପାର୍ବତ୍ୟାଞ୍ଚଳ ଓ ବ୍ରହ୍ମପୁତ୍ର ଅବବାହିକା ଏବଂ ସୁନ୍ଦରବନ। ଗଣନା ଅନୁଯାୟୀ ୪ଟି ରାଜ୍ୟରେ ୩୦୦ରୁ ଅଧିକ ବାଘ ରହିଛନ୍ତି। ସେହିପରି ୮ଟି ରାଜ୍ୟରେ ୧୫୦ରୁ ଅଧିକ ବାଘ ଅଛନ୍ତି। ୨୦୦୬ ତୁଳନାରେ କେରଳରେ ବାଘସଂଖ୍ୟାରେ ୩୧୩ ପ୍ରତିଶତ ବୃଦ୍ଧି ଘଟିଛି। ୮ ରାଜ୍ୟରେ ବାଘ ସଂଖ୍ୟା ଦୁଇଗୁଣ ବଢ଼ିଛି। ପରିତାପର ବିଷୟ, ବିଭିନ୍ନ ରାଜ୍ୟରେ ବାଘ ସଂଖ୍ୟା ବଢ଼ିଚାଲିଥିବାବେଳେ ଓଡ଼ିଶାରେ ତାହା ହ୍ରାସ ପାଇଛି। ୨୦୦୬ରେ ଓଡ଼ିଶାରେ ୪୫ ବାଘ ଥିବାବେଳେ ୨୦୧୮ ବେଳକୁ ତାହା ୨୮କୁ ଖସିଆସିଛି।

- ଭାରତରେ ଅଛନ୍ତି ୨,୯୬୭ ବାଘ
- ୨୦୦୬ ତୁଳନାରେ ୨ଗୁଣରୁ ଅଧିକ ବଢ଼ିଛି
- ଓଡ଼ିଶାରେ ସଂଖ୍ୟା କମିଛି
- ଗଣନା ପାଇଁ ୧୪୧ ଜଙ୍ଗଲର ୨୬,୮୩୮ ସ୍ଥାନରେ ଲାଗିଥିଲା କ୍ୟାମେରା
- ୩,୪୮,୫୮,୬୨୩ ଫଟୋ ଉଠାଯାଇଥିଲା

## ଏମ୍ସ ଡାକ୍ତରଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୧୧।୭(ପି.ଟି.)

ଦିଲ୍ଲୀ ଏମ୍ସର ଜଣେ ୨୫ ବର୍ଷୀୟ ଜୁନିୟର ଡାକ୍ତର ରହୁଥିବା ହଷ୍ଟେଲର ଦଶମ ମହଲାରୁ ଡେଇଁ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ଅନୁରାଗ କୁମାର ନାମକ ଏହି ଜୁନିୟର ଡାକ୍ତର ମାନସିକ ଚିକିତ୍ସା ବିଭାଗରେ ପିଜି କରୁଥିଲେ। ତେବେ ସେ ୮ ମାସ ହେଲା ମାନସିକ ବିଷାଦ ମଧ୍ୟରେ ରହିଥିଲେ ବୋଲି କୁହାଯାଉଛି। ଡାକ୍ତରମାନେ ରହୁଥିବା ହଷ୍ଟେଲର ଦଶମ ମହଲାରୁ ଡେଇଁପଡିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସ ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଡିସିପି ଅତୁଲ କୁମାର ଠାକୁର କହିଛନ୍ତି। ସେ ତାଙ୍କ ମାନସିକ ଅବସାଦ ସମ୍ପର୍କରେ ଜୁନ୍ ୨୧ରେ ନିଜ ବ୍ଲଗ୍‌ରେ ଲେଖି ଶେୟାର କରିଥିଲେ। ଫେବୃୟାରୀଠାରୁ ତାଙ୍କ ମନରେ ଆତ୍ମହତ୍ୟା ପ୍ରବଣତା ସୃଷ୍ଟି ହୋଇଥିଲା ଓ ସେ ବିକଳ୍ପ ସନ୍ଧାନରେ ଥିଲେ।

# ସରକାର ଭାଙ୍ଗିବାକୁ ଚକ୍ରାନ୍ତ

ଜୟପୁର,୧୧।୭(ପି.ଟି.)

କରୋନା ମହାମାରୀ ଜନିତ ସଙ୍କଟ ସମୟରେ ରାଜସ୍ଥାନ ସରକାର ଭାଙ୍ଗିଦେବା ପାଇଁ ଭାଜପା ଷଡ଼ଯନ୍ତ୍ର ଚଳାଇଛି। ରାଜ୍ୟରେ କ୍ଷମତାସୀନ ସରକାରର ପତନ ପାଇଁ ଭାଜପା ପକ୍ଷରୁ କଂଗ୍ରେସ ବିଧାୟକମାନଙ୍କୁ ୧୫ କୋଟି ଟଙ୍କା ଲେଖାଏ ଯଚାଯାଇଥିବା ଶନିବାର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନର ସ୍ଥିତି ପାଇଁ ଶାସକ ଦଳ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ଦାୟୀ ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ସରକାର ଭାଙ୍ଗିବା ଉଦ୍ୟମ ସମ୍ପର୍କରେ ବୟାନ ରେକର୍ଡ କରାଇବାକୁ ରାଜ୍ୟ ପୋଲିସ ଏସ୍‌ଓଜି ପକ୍ଷରୁ ମୁଖ୍ୟମନ୍ତ୍ରୀ ଗେହଲଟ ଓ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କୁ ନୋଟିସ କରାଯାଇଛି। ଏଥିସହିତ ସରକାରଙ୍କ ମୁଖ୍ୟ ହ୍ୱିପ୍ ମହେଶ ଜୋଷୀଙ୍କୁ ମଧ୍ୟ ଅନୁରୂପ ନୋଟିସ ପଠାଯାଇଛି।

ଗେହଲଟ ସରକାରକୁ ଭାଙ୍ଗିବା ଲାଗି କେତେଜଣ କଂଗ୍ରେସ ବିଧାୟକଙ୍କ ସହ ଘୋଡାବେପାରରେ ସମ୍ପୃକ୍ତ ଥିବା ଦୁଇଜଣଙ୍କ ବିରୋଧରେ ଶୁକ୍ରବାର ଏତଲା ଦାଏର ପରେ ସେମାନଙ୍କୁ ରାଜସ୍ଥାନ ଏସ୍‌ଟିଏଫ୍ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ଭରତ ମଲାନି ଓ ଅଶୋକ ସିଂ। ଖୁବ୍‌ଶୀଘ୍ର ପାଖାପାଖି ୧୨ ବିଧାୟକ ଓ ଅନ୍ୟମାନଙ୍କୁ ନୋଟିସ୍ କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଶନିବାର ଏକ ଖବରଦାତା ସମ୍ମିଳନୀରେ ଗେହଲଟ କହିଥିଲେ, ସାରା ଦେଶରେ ମହାମାରୀ ସଙ୍କଟ ବେଳେ ଭାଜପା ନେତାମାନେ ମାନବିକତା ଭୁଲିଯାଇ ସରକାର ଭାଙ୍ଗିବା ପାଇଁ ଉଦ୍ୟମ ଚଳାଇଛନ୍ତି। ତେବେ କଂଗ୍ରେସ ସମ୍ପୂର୍ଣ୍ଣ ୫ ବର୍ଷ ଶାସନ କରିବା ନିଶ୍ଚିତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିରୋଧୀ ଦଳ ନେତା ଗୁଲାବ ଚାନ୍ଦ କଟାରିଆ, ଉପନେତା ରାଜେନ୍ଦ୍ର ରାଠୋର, ଭାଜପା ରାଜ୍ୟ ସଭାପତି ସତୀଶ ପୁନିଆ ଦଳର କେନ୍ଦ୍ରୀୟ ନେତୃତ୍ୱ ସହ ମିଶି ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର ଚଳାଇଥିବା ସେ କହିଥିଲେ।

### ସାଂଘାତିକ ଅଭିଯୋଗ ଆଣିଲେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ



ଅଶୋକ ଗେହଲଟ

"ରାଜସ୍ଥାନରେ କଂଗ୍ରେସ ସରକାରର ପତନ ଘଟାଇବା ପାଇଁ କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ଦ୍ଦେଶରେ ଭାଜପା ଷଡ଼ଯନ୍ତ୍ର କରୁଛି। ଏହି ଦଳ ମାନବିକତାର ସବୁ ସୀମା ଲଂଘି ସାରିଛି।"

### ୨ ଭାଜପା ନେତା ଗିରଫ




ଭରତ ମଲାନି ଅଶୋକ ସିଂ

# ଲଞ୍ଚପ୍ୟାଡ୍‌ରେ ୩୦୦ ଆତଙ୍କବାଦୀ

ନୂଆଦିଲ୍ଲୀ,୧୧।୭(ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରାଇ ଆକ୍ରମଣ କରିବାକୁ ପାକିସ୍ତାନ ଉଦ୍ୟମ ଚଳାଇଛି। ଗତବର୍ଷ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ପରେ ଉପତ୍ୟକାବାସୀଙ୍କୁ ଭାରତ ବିରୋଧରେ ଉସୁକାଇବା ପାଇଁ ବାଟ ନ ପାଇବା ପରେ ପାକିସ୍ତାନ ଏପରି କରୁଥିବା ସେନା ସୂତ୍ରରୁ ଜଣାପଡ଼ିଛି।

ଜିଓସି ୧୯ ଇନ୍‌ଫାଣ୍ଟ୍ରି ଡିଭିଜନ କଶ୍ମୀରର ମେଜର ଜେନେରାଲ ବୀରେନ୍ଦ୍ର ଭାଟ୍ସ ଶନିବାର ବାରାମୂଳାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ବିଷୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତବର୍ଷର ଐତିହାସିକ ନିଷ୍ପତ୍ତି ପରେ ପାକିସ୍ତାନ କଶ୍ମୀର ଲୋକମାନଙ୍କୁ ଭାରତ ବିରୋଧରେ ମତାଇବାରେ ବିଫଳ ହୋଇଛି। ନିୟନ୍ତ୍ରଣରେଖା (ଏଲ୍‌ଓସି) ସେପଟେ ଥିବା ୨୫୦ରୁ ୩୦୦ ଲଞ୍ଚପ୍ୟାଡ୍ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ରହିଛି। ସେହିପରି କୁପୱାଡ଼ାର



ମେଜର ଜେନେରାଲ ବୀରେନ୍ଦ୍ର ଭାଟ୍ସ

### ଅନୁପ୍ରବେଶ ପାଇଁ ସୁଯୋଗ ଖୋଜୁଛନ୍ତି

ନଉଗାମ୍ ସେକ୍ଟରରେ ଶନିବାର ହୋଇଥିବା ଅପରେଶନ ସମ୍ପର୍କରେ ସୂଚନା ଦେଇ ମେଜର ଜେନେରାଲ ବୀରେନ୍ଦ୍ର ଭାଟ୍ସ କହିଛନ୍ତି, ଯବାନମାନେ ସମୟୋଚିତ କାର୍ଯ୍ୟାନୁଷ୍ଠାନ ନେଇ ଆତଙ୍କାବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛନ୍ତି। ଏଲ୍‌ଓସିରେ ଭୋର ସମୟରେ ସନ୍ଦେହଜନକ ଗତିବିଧି ଜଣାପଡ଼ିବା ପରେ ଏହି ଏନ୍‌କାଉଣ୍ଟର ହୋଇଛି। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

# ଫିଙ୍ଗର ଅଞ୍ଚଳରୁ ଆଂଶିକ ସେନା ହଟାଇଛି ଚାଇନା

ନୂଆଦିଲ୍ଲୀ,୧୧।୭

ଲଦାଖର ପଙ୍ଗଓଙ୍ଗ ହ୍ରଦ ନିକଟରେ ଥିବା ଫିଙ୍ଗର ୪ ଅଞ୍ଚଳରୁ ଚାଇନା ଆଂଶିକ ସୈନ୍ୟ ପ୍ରତ୍ୟାହାର କରିଥିବା ହାଇ ରିଜୋଲ୍ୟୁଶନ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ଚାଇନା ନିର୍ମାଣ କାର୍ଯ୍ୟ ଚଳାଇଥିବା ପୂର୍ବ ଚିତ୍ରରୁ ଦେଖିବାକୁ ମିଳିଥିଲା। ଭାରତ ଓ ଚାଇନା ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ ବେଳେ ସେଠାରେ ଚାଇନାର ଶତାଧିକ ଟେଣ୍ଟ ଓ କ୍ୟାମ୍ପ୍ ଥିଲା। ଏବେ ସେଠାରେ ବିଶେଷ ଗହଳି ଦେଖାଯାଉନାହିଁ। ତେବେ ଚାଇନା ସୈନ୍ୟ ସମ୍ପୂର୍ଣ୍ଣ ହଟିଥିବାର ସୂଚନା ମିଳିନାହିଁ, ଅର୍ଥାତ୍ ସେଠାରେ ଏପ୍ରିଲ ପୂର୍ବ ସ୍ଥିତି ଫେରିନାହିଁ। ଫିଙ୍ଗର ୪ର ପୂର୍ବରେ ୧୦ କିଲୋମିଟର ଦୂରରେ ଏକ ଜେଟି ନିକଟରେ ମୁତୟନ ଥିବା ଚାଇନାର ୧୧ ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍‌କୁ ଅନ୍ୟତ୍ର ନିଆଯାଇଛି। ଭାରତ ଦାବି କରୁଥିବା ଅଞ୍ଚଳ ମଧ୍ୟରେ ଏହି ବୋଟ୍ ଥିଲେ। ଗତ ଶୁକ୍ରବାର ଦୁଇ ଦେଶ ମଧ୍ୟରେ ହୋଇଥିବା କୂଟନୈତିକ ଆଲୋଚନାରେ ଏଲ୍‌ଏସିରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ଏବଂ ଉତ୍ତେଜନା ହ୍ରାସ ପାଇଁ ଉଭୟ ପକ୍ଷ ସହମତି ହୋଇଥିଲେ।



ନିର୍ବାସନରେ ଥିବା ତିବ୍ବତୀୟମାନେ ନୂଆଦିଲ୍ଲୀସ୍ଥିତ ଚାଇନା ଦୂତାବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସିଙ୍ଗାପୁର ନିର୍ବାଚନରେ ପିଏପିର ବିପୁଳ ବିଜୟ



ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗ୍

ସିଙ୍ଗାପୁର/ନୂଆଦିଲ୍ଲୀ,୧୧।୭: ସିଙ୍ଗାପୁରରେ ଶୁକ୍ରବାର ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଶାସକ ପିପୁଲ୍ସ ଆକ୍ସନ ପାର୍ଟି (ପିଏପି) ବିପୁଳ ବିଜୟ ହାସଲ କରିଛି। ୯୩ ସଂସଦୀୟ ଆସନ ମଧ୍ୟରୁ ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗଙ୍କ ଦଳ ୮୩ଟି ଆସନ ପାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସିଙ୍ଗାପୁର ପ୍ରତିପକ୍ଷ ଲୁଙ୍ଗଙ୍କୁ ଟୁଇଟର୍‌ରେ ଅଭିନନ୍ଦନ ଜଣାଇଛନ୍ତି। ୧୯୬୫ରେ ସ୍ୱାଧୀନତା ପରଠୁ ପିଏପି କ୍ଷମତାରେ ରହିଛି। ସଦ୍ୟ ନିର୍ବାଚନରେ ଦଳକୁ ୬୧.୨୪% ଭୋଟ ମିଳିଛି। ଫଳରେ ୨୦୦୪ରୁ ପ୍ରଧାନମନ୍ତ୍ରୀ ଥିବା ଲୁଙ୍ଗ୍ ଚତୁର୍ଥ ପାଳି ଆରମ୍ଭ କରିଛନ୍ତି।

## ଧରାବୀ ମଡେଲକୁ ଡବ୍ଲ୍ୟୁଏଚ୍‌ଓର ପ୍ରଶଂସା

ଜେନେଭା, ୧୧।୭: କରୋନା ସଂକ୍ରମଣ ନେଇ ବିଶ୍ୱରେ ଆତଙ୍କ ଖେଳିଯାଇଥିବାବେଳେ, ଏହାକୁ ରୋକିବା ସମ୍ଭବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଏଥିପାଇଁ ମୁମ୍ବାଇର ଧରାବି ଅଞ୍ଚଳରେ ଗ୍ରହଣ କରାଯାଇଥିବା ମଡ଼େଲକୁ ଡବ୍ଲ୍ୟୁଏଚ୍‌ଓ ପ୍ରଶଂସା କରିଛି। ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଏଡନୋମ୍ ଗ୍ରେବେୟେସସ୍ କହିଛନ୍ତି, ବିଶ୍ୱର ସର୍ବବୃହତ ବସ୍ତି ଧରାବୀର ଜନସଂଖ୍ୟା ସାନ୍ଦ୍ରତା ଅଧିକ। ୬ ଲକ୍ଷ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ବସ୍ତି ଏକଦା କରୋନା ହଟ୍‌ସ୍ପଟ ଘୋଷିତ ହୋଇଥିଲା। ମାତ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ ଦ୍ୱାରା ଏଠାରେ କରୋନା ସଂକ୍ରମଣକୁ ନିୟନ୍ତ୍ରିତ କରାଯାଇପାରିଛି।

ଧରାବୀରେ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୧ରେ ଚିହ୍ନଟ ହୋଇଥିଲେ। ଏପର୍ଯ୍ୟନ୍ତ ସେଠାରେ ୨,୩୫୯ ସଂକ୍ରମିତ ହୋଇଛନ୍ତି। ଜୁନ୍ ଓ ଜୁଲାଇରେ ସେଠାରେ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ଧରାବୀର ୮୨ ପ୍ରତିଶତ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି। ଧରାବୀ କୋଭିଡ୍ ପରିଚାଳନାରେ ବିଶ୍ୱ ପାଇଁ ରୋଲ୍ ମଡେଲ ସାଜିଥିବା ସେ ମତ ଦେଇଛନ୍ତି।

ସେହିପରି ଇଟାଲୀ, ସ୍ପେନ୍, ଦକ୍ଷିଣ କୋରିଆ ଆଦି ଦେଶରେ ଗ୍ରହଣ କରାଯାଇଥିବା ପଦକ୍ଷେପ ବେଶ୍ ଦୃଷ୍ଟାନ୍ତମୂଳକ ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ କହିଛନ୍ତି।



କରୋନା ମୁକାବିଲା

## ଏନ୍‌କାଉଣ୍ଟରରେ ୬ ଉଗ୍ରପନ୍ଥୀ ନିହତ

ନୂଆଦିଲ୍ଲୀ,୧୧।୭(ପି.ଟି.)

ଅରୁଣାଚଳପ୍ରଦେଶର ଖୋନ୍‌ସା ଅଞ୍ଚଳରେ ଶନିବାର ଭୋର ସମୟରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲିମ୍ (ଆଇଜାକ୍-ମୁଇଭା) ବା ଏନ୍‌ଏସ୍‌ସିଏନ୍(ଆଇଏମ୍)ର ୬ ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଆସାମ ରାଇଫଲ୍ସର ଜଣେ ଯବାନ ଆହତ ହୋଇଛନ୍ତି। ଉଗ୍ରପନ୍ଥୀମାନଙ୍କ ମୃତଦେହ ନିକଟରୁ ଚାରୋଟି ଏକେ-୪୭ ରାଇଫଲ୍ସ ଓ ଦୁଇଟି ଚାଇନା ଏମ୍‌କ୍ୟୁ ଜବତ ହୋଇଥିବା ପୋଲିସ ମହାନିର୍ଦ୍ଦେଶକ ଆର୍‌ପି ଉପାଧ୍ୟାୟ ସୂଚନା ଦେଇଛନ୍ତି। ଏନ୍‌ଏସ୍‌ସିଏନ୍(ଆଇଏମ୍) ନାଗାମାନଙ୍କ ଲାଗି ସ୍ୱତନ୍ତ୍ର ରାଜ୍ୟ ଦାବିରେ ବହୁ ଦଶନ୍ଧି ହେଲା ଲଢ଼େଇ କରିଆସୁଛି।

## କରୋନା ନେଇ ପୂର୍ବରୁ ଜାଣିଥିଲା ଚାଇନା

ହଂକଂ,୧୧।୭

କରୋନା ମହାମାରୀ ସାରା ବିଶ୍ୱରେ ୧୨ ନିୟୁତରୁ ଅଧିକ ଲୋକଙ୍କୁ ସଂକ୍ରମିତ ହେଲାଣି। ଚାଇନା ଯେଉଁ ସମୟରେ ସଂକ୍ରମଣ ନେଇ ସୂଚନା ଦେଲା ତାହାର ବହୁ ପୂର୍ବରୁ ଜାଣିଥିଲା ବୋଲି ହଂକଂର ଜଣେ ଭୂତାଣୁ ବିଜ୍ଞାନୀ କହିଛନ୍ତି। ସରକାରଙ୍କ ଉଚ୍ଚ ସ୍ତରରେ କରୋନା ତଥ୍ୟକୁ ଲୁଚାଇ ରଖାଯାଇଥିଲା ବୋଲି ହଂକଂ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥରେ ଭାଇରୋଲୋଜି ବିଶେଷଜ୍ଞ ଥିବା ଲି-ମେଙ୍ଗ୍ ୟାନ୍ ଶୁକ୍ରବାର ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି। ସେ ହଂକଂରୁ ପଳାଇଯାଇ ଏବେ ଆମେରିକାରେ ରହୁଛନ୍ତି। ମାରାତ୍ମକ ଭୂତାଣୁ ମଣିଷ ଦେହକୁ ସଂକ୍ରମଣ ହେଉଥିବା ସମ୍ପର୍କରେ ଚାଇନା ସମଗ୍ର ବିଶ୍ୱକୁ ଜଣାଇବାର ଥିଲା। ସଂକ୍ରମଣ ଆରମ୍ଭ ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ୱୀକୃତିପ୍ରାପ୍ତ ଲାବରେଟୋରି ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ଏବଂ ମହାମାରୀ ଉପରେ ଗବେଷଣା ଚଳାଇଥିଲା। ୟାନ୍ ଏହା ଉପରେ ଗବେଷଣା ଆରମ୍ଭ କରିଥିଲେ ହେଁ ତାଙ୍କର ସୁପରଭାଇଜର ତଥା ବିଶେଷଜ୍ଞମାନେ ଏହାକୁ ଅଣଦେଖା କରିଥିଲେ। ସେ ବିଶ୍ୱର ପ୍ରଥମ ବୈଜ୍ଞାନିକ ଯିଏ କୋଭିଡ୍-୧୯ ଉପରେ ଅଧ୍ୟୟନ କରିଥିଲେ ମଧ୍ୟ ତାଙ୍କର ସୁପରଭାଇଜର ଡ. ଲିଓ ପୁନ୍ ଏହାକୁ ଚାଇନା ମୁଖ୍ୟ ଭୂଖଣ୍ଡରୁ ଗତବର୍ଷ ଡିସେମ୍ବରରେ ଆସିଥିବା ସାର୍ସ ଭଳି ଭୂତାଣୁ ବୋଲି କହିଥିଲେ। ହଂକଂ କିମ୍ବା ଅନ୍ୟ ଦେଶର ଗବେଷକ ଚାଇନାରେ ଭୂତାଣୁ ଉପରେ ଗବେଷଣା କରିବାକୁ ବେଜିଂ ଚାହୁଁ ନ ଥିଲା।

### ହଂକଂ ଭୂତାଣୁ ବିଜ୍ଞାନୀଙ୍କ ପ୍ରଘଟ



ଲି-ମେଙ୍ଗ୍ ୟାନ୍

# ଏଯାଏ ବାହାରିନି ୪ ସଂକ୍ରମଣର ଟିକା

ନୂଆଦିଲ୍ଲୀ,୧୧।୭(ପି.ଟି.)

କରୋନା ସଂକ୍ରମଣକୁ ୭ ମାସ ବିତିଥିଲେ ହେଁ ଏପର୍ଯ୍ୟନ୍ତ ଟିକା ବାହାରିପାରି ନାହିଁ। ପ୍ରତିଷେଧକ ଟିକା ନ ଥିବା ଏବଂ ଉପଯୁକ୍ତ ଚିକିତ୍ସା ବାହାରିପାରି ନ ଥିବାରୁ କିଏ ପ୍ରଥମେ ବଜାରକୁ ଏହି ଟିକା ଆଣିବ ତାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇଛି। ଟିକାକୁ ନେଇ ବ୍ୟଗ୍ରତା ବଢ଼ୁଥିବାବେଳେ କେତେକ ସଂସ୍ଥା ଏହା ପ୍ରସ୍ତୁତ କରିଥିବା ଦାବି କରିଛନ୍ତି, ଯାହା ପରୀକ୍ଷା ପର୍ଯ୍ୟାୟରେ ରହିଛି। ତେବେ କୋଭିଡ୍-୧୯ ପୂର୍ବରୁ ମଧ୍ୟ କେତେକ ବିପଜ୍ଜନକ ସଂକ୍ରାମକ ରୋଗ ରହିଛି, ଯାହାର ଟିକା ଆଜି ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ। ସେହି ସଂକ୍ରାମକ ରୋଗ ହେଲା ଏଚ୍‌ଆଇଭି, ମେର୍ସ, ଏନ୍‌ସେଫାଲାଇଟ୍ସ ଏବଂ ସାର୍ସ।

ହ୍ୟୁମାନ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (ଏଚ୍‌ଆଇଭି) ହେଉଛି ଏକ ମାରାତ୍ମକ ଭୂତାଣୁ ଯାହା ଏଡ୍ସ ସୃଷ୍ଟି କରିଥାଏ। ବିଶ୍ୱରେ ୩୬.୯ ନିୟୁତ ଲୋକ ଏଥିରେ ଆକ୍ରାନ୍ତ। ଯଦିଓ ଭାରତ ସମେତ ବିଭିନ୍ନ ଦେଶ ଏଚ୍‌ଆଇଭି ସଂକ୍ରମଣକୁ ହ୍ରାସ କରିବାରେ ସଫଳ ହୋଇଛନ୍ତି, ତଥାପି ଏପର୍ଯ୍ୟନ୍ତ ଏହାର ପ୍ରତିଷେଧକ ଟିକା ବାହାରି ପାରିନାହିଁ। ଚାଇନା ବୈଜ୍ଞାନିକମାନେ ସିଆର୍‌ଆଇଏସ୍‌ପିଆର୍ ଟେକ୍‌ନୋଲୋଜି ବ୍ୟବହାର କରି ପରୀକ୍ଷା ଚଳାଇଥିଲେ ହେଁ ସଫଳ ହୋଇପାରି ନାହାନ୍ତି। ଏଚ୍‌ଆଇଭି ଭୂତାଣୁ ବିଭିନ୍ନ ପ୍ରକାରେ ଇମ୍ୟୁନ୍ ସିଷ୍ଟମକୁ ସଂକ୍ରମଣ କରୁଥିବାରୁ ସଫଳ ଟିକା ପ୍ରସ୍ତୁତ କରିବା ସମ୍ଭବ ହୋଇପାରୁନାହିଁ।

ସେହିପରି ଅନ୍ୟ ଏକ ସଂକ୍ରାମକ ରୋଗ ହେଲା ମେର୍ସ। କୋଭିଡ୍-୧୯ ଭଳି ଏହି ମିଡିଲ୍ ଇଷ୍ଟ ରେସ୍ପିରେଟୋରି ସିଣ୍ଡ୍ରୋମ୍ (ମେର୍ସ) ଭୂତାଣୁ ସଂକ୍ରମଣ କରିଥାନ୍ତି। ୨୦୨୧ରେ ପ୍ରଥମେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଦେଖାଦେଇଥିଲା। ସେଠାର ସରକାର ବିଭିନ୍ନ ପଦକ୍ଷେପ ନେଇ ସଂକ୍ରମଣକୁ ରୋକିପାରିଛନ୍ତି। ଏପର୍ଯ୍ୟନ୍ତ ଏହାର ପ୍ରତିଷେଧକ ଟିକା ବାହାରିନାହିଁ। ଗତ ଏପ୍ରିଲରେ ମେର୍ସ ଟିକାର ବିକାଶ ସମ୍ପର୍କରେ ଘୋଷଣା କରାଯାଇଥିଲା ଓ ଏହାକୁ କୋଭିଡ୍-୧୯ ଚିକିତ୍ସାରେ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଥିଲା। ଏହା କ୍ଲିନିକାଲ ପରୀକ୍ଷା ପର୍ଯ୍ୟାୟରେ ରହିଛି।

ଅନ୍ୟତମ ମାରାତ୍ମକ ରୋଗ ଆକ୍ୟୁଟ୍ ଏନ୍‌ସେଫାଲାଇଟିସ୍, ଯାହା ୨୦୦୮ରୁ ୨୦୧୪ ମଧ୍ୟରେ ବିଭିନ୍ନ ଦେଶକୁ ସଂକ୍ରମିତ ହେବା ସହ ୪୪ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା। ଜାପାନୀ ଏନ୍‌ସେଫାଲାଇଟିସ୍ ଭୂତାଣୁରୁ ଏହି ସଂକ୍ରମଣ ଆରମ୍ଭ ହୋଇଥିଲା। ଏହାର ଏପର୍ଯ୍ୟନ୍ତ ଟିକା ପ୍ରସ୍ତୁତ ହୋଇପାରିନାହିଁ। ଗତବର୍ଷ ବିହାର ଓ ଉତ୍ତରପ୍ରଦେଶରେ ବହୁ ଶିଶୁ ଓ ଯୁବଗୋଷ୍ଠୀ ଏହି ରୋଗରେ ପୀଡ଼ିତ ହୋଇଥିଲେ। ଏହା ସ୍ନାୟୁ ଓ ମସ୍ତିଷ୍କର କାର୍ଯ୍ୟକାରିତାକୁ ନଷ୍ଟ କରିଦେଇଥାଏ।

୨୦୦୩ରେ ଚାଇନାରେ ସୃଷ୍ଟି ହୋଇଥିବା ଅନ୍ୟତମ ମାରାତ୍ମକ ସଂକ୍ରାମକ ରୋଗ ସିଭିଅର୍ ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍ (ସାର୍ସ)ର ଲକ୍ଷଣ କୋଭିଡ୍ ଭଳି। ସାର୍ସ ସଂକ୍ରମଣ ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଅନେକ ବୈଜ୍ଞାନିକ ଟିକା ପ୍ରସ୍ତୁତି ଯୋଜନାରେ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସଂକ୍ରମଣ ହ୍ରାସ ପାଇବାରୁ ଟିକା ପାଇଁ ସରକାର ପାଣ୍ଠି ଯୋଗାଇ ନ ଥିଲେ। ଫଳରେ ଆଜି ପର୍ଯ୍ୟନ୍ତ ସାର୍ସ ପାଇଁ ଟିକା ବାହାରିପାରି ନାହିଁ।



# ଭୁବନେଶ୍ୱରରେ ସେରୋଲୋଜିକାଲ ଟେଷ୍ଟ ଆରମ୍ଭ

## ଗୋଷ୍ଠୀ ସଂକ୍ରମଣ ଭୟ

- ୧୫ ୱାର୍ଡରୁ ୫୫୦ ନମୁନା ସଂଗ୍ରହ, ଆଜି ୧୦ ୱାର୍ଡରୁ ହେବ
- ଲାବ୍ ଟେକ୍ନିସିଆନ୍‌ଙ୍କୁ ନେଇ ଗଠିତ ହୋଇଛି ଟିମ୍

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ଭୁବନେଶ୍ୱରରେ ଏବେ କୋଭିଡ୍-୧୯ ସଂକ୍ରମଣ ହୁହୁହୋଇ ବଢୁଛି। ଗୋଷ୍ଠୀ ସଂକ୍ରମଣ ସ୍ଥିତି ଉପୁଜିଥିବାବେଳେ ଅଧିକାଂଶ ନୂଆ ପଜିଟିଭ୍ ପୁରୁଣା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣାପଡିଛି। ଏପରିସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାରଠାରୁ ସହରରେ ସେରୋଲୋଜିକାଲ ଟେଷ୍ଟ ଆରମ୍ଭ ହୋଇଛି। ମୋଟ ୫ହଜାର ନମୁନା ପରୀକ୍ଷଣ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୫ଶହ ଲୋକଙ୍କର ସେରୋଲୋଜିକାଲ ଟେଷ୍ଟ ହେବ। ବିଭିନ୍ନ ବସ୍ତିରୁ ୧୬୦୦ ନମୁନା ଓ ଅନ୍ୟ ଅଞ୍ଚଳରୁ ୯୦୦ ନମୁନା ପରୀକ୍ଷଣ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ଓ ବିଏମ୍‌ସିର ମିଳିତ ସହଯୋଗରେ ଏହି ସେରୋଲୋଜିକାଲ ପରୀକ୍ଷା କରାଯାଉଛି। ତେବେ ସେରୋ ସର୍ଭେ ବା ସେରୋଲୋଜିକାଲ ଟେଷ୍ଟ ଆଣ୍ଟିଜେନ୍ ଟେଷ୍ଟଠାରୁ ଭିନ୍ନ। ଆଣ୍ଟିଜେନ୍ ଟେଷ୍ଟରେ ବର୍ତ୍ତମାନର କରୋନା ସଂକ୍ରମଣ ବାବଦରେ ଜଣାପଡୁଛି। ହେଲେ ସେରୋଲୋଜିକାଲ ଟେଷ୍ଟରେ କରୋନା ସଂକ୍ରମଣର ପୁରୁଣା ତଥ୍ୟ ଜଣାପଡିବ। ପୂର୍ବରୁ କରୋନା ସଂକ୍ରମିତ ହୋଇ ଆଣ୍ଟିବଡି ବିକଶିତ ହୋଇଥିଲେ ଜାଣିହେବ। ଏହି ଟେଷ୍ଟରେ ପ୍ରଥମେ କ୍ଲଷ୍ଟର, ପରେ ଘର ଓ ପୁଣି ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯିବ। ଏଥିରେ ବ୍ୟକ୍ତିଙ୍କ ରକ୍ତ ନମୁନା ସଂଗ୍ରହ କରାଯାଉଥିବାବେଳେ ଏହାଦ୍ୱାରା କରୋନା ବିରୋଧରେ ପ୍ରତିରୋଧକ ଶକ୍ତି ବଢୁଛି ନା ନାହିଁ ଜଣାପଡିବ। ଭୁବନେଶ୍ୱରରେ ପ୍ରଥମେ ଅଢେଇ ହଜାର ଓ ପରେ ପୁଣି ଦ୍ୱିତୀୟଥର ପାଇଁ ଅଢେଇ ହଜାର ସର୍ଭେ ହେବ ବୋଲି କମିଶନର ଚୌଧାରୀ କହିଛନ୍ତି।


ସେରୋଲୋଜିକାଲ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଉଛି।

ସୂଚନାଯୋଗ୍ୟ, କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଭୁବନେଶ୍ୱରରେ ଏହି ପରୀକ୍ଷା କରାଯାଉଛି। ନମୁନା ସଂଗ୍ରହବେଳେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ରୋଗୀଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ପ୍ରଥମ ପର୍ଯ୍ୟାୟ ପାଇଁ ୧୦ରୁ ୧୨ ଦିନ ଲାଗିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ୨୮ ଦିନ ପରେ କରାଯିବ। ସର୍ଭେ ପାଇଁ ଏବେ ଲାବ୍ ଟେକ୍ନିସିଆନଙ୍କୁ ନେଇ ୫ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ଆର୍‌ଏମ୍‌ଆର୍‌ସିର ୭ରୁ ୧୦ ସଦସ୍ୟ ଅଛନ୍ତି। ଟେଷ୍ଟ ପାଇଁ ଭୁବନେଶ୍ୱରର ୩ ଜୋନ୍‌ର ପ୍ରାୟ ୨୫ ୱାର୍ଡ ଚୟନ କରାଯାଇଛି। ଏନେଇ ପ୍ରତ୍ୟେକ ୱାର୍ଡରେ ଗୋଟିଏ ଲେଖା କ୍ଲଷ୍ଟର ଚୟନ କରାଯାଇଛି। ଶନିବାର ୨, ୪, ୭, ୧୪, ୧୭, ୧୯, ୨୭, ୨୯, ୩୨, ୪୦, ୪୨, ୪୫, ୫୪, ୫୬ ଓ ୫୯ ୱାର୍ଡରୁ ମୋଟ ୫୫୦ଜଣ ଲୋକଙ୍କ ନମୁନା ସଂଗ୍ରହ ସରିଥିବାବେଳେ ରବିବାର ୯, ୧୨, ୨୨, ୨୪, ୩୫, ୩୭, ୪୮, ୫୧, ୬୨ ଓ ୬୫ ୱାର୍ଡରୁ ୪ଶହ ନମୁନା ସଂଗ୍ରହ କରାଯିବ। ଦୁଇଦିନ ସଂଗୃହୀତ ନମୁନାର ପରୀକ୍ଷଣ ରିପୋର୍ଟ ବୁଧବାର ଆସିବ। ଏଥିରେ ସ୍ଥାନୀୟ ୱାର୍ଡ ଅଫିସରମାନେ ଟିମ୍‌କୁ କ୍ଲଷ୍ଟର ଯାଏ ସହଯୋଗ କରିବାକୁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି।

# କରୋନା ନେଲା ଆଉ ୫ ଜୀବନ

## ୫୭୦ ନୂଆ ଆକ୍ରାନ୍ତ ଚିହ୍ନଟ, ୩୮୮ ସୁସ୍ଥ

- ୧୨ ଜିଲାରୁ ମଲେଣି ୬୧, ଗଞ୍ଜାମରେ ସର୍ବାଧିକ ୩୬
- ମୋଟ ଆକ୍ରାନ୍ତ ସଂଖ୍ୟା ୧୨,୫୨୬ ଓ ସୁସ୍ଥ ୮,୩୬୦

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସହ ବଢ଼ି ଚାଲିଛି ମୃତ୍ୟୁ ସଂଖ୍ୟା। ଏବେ ଆଉ ୫ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ୪ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ଗଞ୍ଜାମ ଜିଲାର ୨ଜଣ ଥିବାବେଳେ ଭୁବନେଶ୍ୱର, କଟକ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୬୧ରେ ପହଞ୍ଚିଛି। କେବଳ ଗଞ୍ଜାମ ଜିଲାରେ ୩୬ଜଣ ରହିଥିବାବେଳେ ଖୋର୍ଦ୍ଧାରେ ୯, କଟକ ୬, ପୁରୀରେ ୨ ଏବଂ ଯାଜପୁର, ସୁନ୍ଦରଗଡ଼, ଗଜପତି, କେନ୍ଦ୍ରାପଡ଼ା, ଭଦ୍ରକ, ବରଗଡ଼, ରାୟଗଡ଼ା ଓ ଅନୁଗୋଳରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

ତେବେ ୫ ନୂଆ ମୃତକଙ୍କ ମଧ୍ୟରେ ପୁରୀ ଜିଲାର ୬୦ ବର୍ଷୀୟ ପୁରୁଷ ଓ କଟକ ଜିଲାର ୪୬ ବର୍ଷୀୟ ବ୍ୟକ୍ତି ମଧୁମେହ ସହ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ଗଞ୍ଜାମ ଜିଲାର ଜଣେ ୭୨ବର୍ଷୀୟ ପୁରୁଷ ଜଣକ ମଧୁମେହରେ ପୀଡିତ ଥିବାବେଳେ ମୃତ ୫୫ ବର୍ଷୀୟ ବ୍ୟକ୍ତିଙ୍କ ଅନ୍ୟ ରୋଗ ସଂକ୍ରାନ୍ତରେ କିଛି ସୂଚନା ଦିଆଯାଇନି। ସେହିପରି ଭୁବନେଶ୍ୱରର ଜଣେ ୫୬ ବର୍ଷୀୟ ମହିଳା ମଧୁମେହ ରୋଗରେ ପୀଡିତ ଥିଲେ। ଏହି ୫ଜଣଙ୍କ ବ୍ୟତୀତ ଆଉ ଜଣେ କରୋନା ରୋଗୀଙ୍କର ମଧ୍ୟ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ାର ଜଣେ ୬୨ବର୍ଷୀୟ ମହିଳା। ତାଙ୍କର ବ୍ରେନ୍ ଟ୍ୟୁମର ଯୋଗୁ ମୃତ୍ୟୁ ଘଟିଛି। ଏଥିସହ ସେ ମଧୁମେହ, ଉଚ୍ଚ ରକ୍ତଚାପ ପୀଡିତ ଥିଲେ ଓ ତାଙ୍କର ଶ୍ୱାସଜନିତ ସମସ୍ୟା ମଧ୍ୟ ରହିଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ସେପଟେ ଗୋଟିଏ ଦିନରେ ରାଜ୍ୟର ୧୯ ଜିଲାରୁ ୫୭୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ୩୮୪ଜଣ ଚିହ୍ନଟ ହୋଇଥିବାବେଳେ ୧୮୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୨୧୮, କଟକରୁ ୪୬, ସୁନ୍ଦରଗଡ଼ରୁ ୪୪, ଯାଜପୁରରୁ ୪୦, ଖୋର୍ଦ୍ଧା ଓ ନୟାଗଡ଼ରୁ ୩୭ଜଣ ଲେଖାଏ, ଝାରସୁଗୁଡ଼ାରୁ ୩୧, ଗଜପତିରୁ ୨୫, ଜଗତ୍‌ସିଂହପୁରରୁ ୧୬, ପୁରୀରୁ ୧୫, କେନ୍ଦୁଝରରୁ ୧୪, ଅନୁଗୋଳରୁ ଓ କୋରାପୁଟରୁ ୧୧ଜଣ ଲେଖାଏ, ମୟୂରଭଞ୍ଜରୁ ୧୦, କେନ୍ଦ୍ରାପଡ଼ାରୁ ୬, ବାଲେଶ୍ୱର ଓ ବୌଦ୍ଧରୁ ୩ଜଣ ଲେଖାଏ, ଭଦ୍ରକରୁ ୨ ଏବଂ ସମ୍ବଲପୁରରୁ ଜଣେ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୫୨୬କୁ ବୃଦ୍ଧି ପାଇଛି।

ଅନ୍ୟପଟେ ଆଉ ୩୮୮ଜଣ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଏଥିମଧ୍ୟରୁ ଗଞ୍ଜାମ ଜିଲାରୁ ୧୮୭ଜଣ ଥିବାବେଳେ ଖୋର୍ଦ୍ଧାରୁ ୩୭, କେନ୍ଦୁଝରରୁ ୩୧, ଯାଜପୁରରୁ ୨୭, କଟକରୁ ୨୬, ନୟାଗଡ଼ରୁ ୧୮, ପୁରୀରୁ ୧୬, ସମ୍ବଲପୁରରୁ ୧୪, ବାଲେଶ୍ୱରରୁ ୧୧, ଅନୁଗୋଳରୁ ୮, କେନ୍ଦ୍ରାପଡ଼ାରୁ ୬, ଗଜପତି ଓ ଝାରସୁଗୁଡ଼ାରୁ ୨ଜଣ ଲେଖାଏ, ବରଗଡ଼, ଭଦ୍ରକ ଓ ଦେବଗଡ଼ରୁ ଜଣେ ଲେଖାଏ ସୁସ୍ଥହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୮,୩୬୦କୁ ବୃଦ୍ଧି ପାଇଛି।

THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
LIVE 24 X 7 NEWS & ANB NEWS
NEPAL 1 TV ALSO
Lucky Yantra In Every 15 Minutes
Check Your Lucky Yantra on 24X7 NEWS
DTH Platform Channel No.
AIRTEL - 362
DD DIRECT - 102
DEN - 316
HATHW@Y - 210
VIDEOCON - 335
GTPL - 250
F W - 193
SITI - 372
JIO TV -
ADARSH CABLE - 432
Check Your Lucky Yantra on ANB NEWS
DTH Platform Channel No.
AIRTEL - 356 KGMP -305
TATA SKY -1923 GFC -180
SITI -348 BATHINDA CCN- 79
MC CABLE -194 JIO TV

| 11.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 39 | 74 | 93 | 69 |
| 09.00 | 74 | 14 | 22 | 10 |
| 09.30 | 45 | 52 | 79 | 03 |
| 10.00 | 00 | 01 | 85 | 26 |
| 10.30 | 07 | 20 | 15 | 88 |
| 11.00 | 97 | 95 | 80 | 70 |
| 11.30 | 09 | 86 | 92 | 46 |
| 12.00 | 81 | 98 | 80 | 80 |
| 12.30 | 44 | 71 | 92 | 68 |
| 01.00 | 94 | 02 | 20 | 98 |
| 01.30 | 90 | 15 | 42 | 78 |
| 02.00 | 96 | 60 | 78 | 53 |
| 02.30 | 46 | 58 | 14 | 38 |
| 03.00 | 02 | 61 | 78 | 05 |
| 03.30 | 04 | 13 | 47 | 73 |
| 04.00 | 30 | 84 | 30 | 28 |
| 04.30 | 50 | 33 | 48 | 87 |
| 05.00 | 62 | 48 | 20 | 63 |
| 05.30 | 42 | 07 | 78 | 42 |
| 06.00 | 51 | 74 | 28 | 53 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
navratnayantracoupon.com
goldennavratnacoupon.com

## ମନ୍ଦିର ପ୍ରତିଷ୍ଠା ଶୋଭାଯାତ୍ରାରେ ୫୦୦ ଲୋକ ଏକାଠି!




# କରୋନାରେ ଖବରଦାତାଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା

**ହିଞ୍ଜିଳିକାଟୁ,୧୧।୭(ଡ଼ି.ଏନ୍.ଏ.):** ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ପ୍ରେସ୍ କ୍ଲବ ସଭାପତି ତଥା ଖବରଦାତା ପ୍ରିୟଦର୍ଶୀ ପଟ୍ଟନାୟକଙ୍କର ଶନିବାର ଭୁବନେଶ୍ୱର ଏକ ଘରୋଇ କୋଭିଡ୍ ହସ୍‌ପିଟାଲରେ ମୃତ୍ୟୁ ଘଟିଛି। ୯ ଦିନ ତଳେ ପଟ୍ଟନାୟକଙ୍କ କରୋନା ରିପୋର୍ଟ ପଜିଟିଭ୍ ଆସିବା ପରେ ପ୍ରଥମେ ବ୍ରହ୍ମପୁର ଶିତଳାପଲ୍ଲୀ କୋଭିଡ୍ ହସ୍ପିଟାଲ ଓ ପରେ ଭୁବନେଶ୍ୱର ନିଆଯାଇଥିଲା। ୭ଦିନ ଧରି ସେ ଭେଣ୍ଟିଲେଟରରେ ଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ଜଣାପଡିଛି। କିନ୍ତୁ ସରକାରୀ ଭାବେ ଏ ନେଇ କିଛି କୁହାଯାଇନାହିଁ। ସେ ମଧୁମେହ ରୋଗରେ ପୀଡିତ ଥିଲେ ବୋଲି ଜଣାପଡ଼ିଛି।

# ନାଏବ ସରପଞ୍ଚଙ୍କ ସମେତ ୧୧ ଗିରଫ


## ମହଙ୍ଗା ପଡ଼ିଲା କୋଭିଡ୍ ନିୟମ ଉଲ୍ଲଂଘନ

- ନାଏବ ସରପଞ୍ଚଙ୍କୁ ନିଲମ୍ବନ କଲେ ରାଜ୍ୟ ସରକାର
- ମନ୍ଦିର ପ୍ରତିଷ୍ଠା, କଳସ ଶୋଭାଯାତ୍ରାରେ ସାମିଲ ଥିଲେ ୫ଶହରୁ ଉର୍ଦ୍ଧ୍ୱ ଲୋକ

ପୋଲସରା,୧୧।୭(ଡି.ଏନ.ଏ.)

ରାଜ୍ୟରେ ଗଞ୍ଜାମ ଜିଲା ଏବେ କରୋନା ହଟ୍‌ସ୍ପଟ୍ ପାଲଟିଛି। ମାତ୍ର କୋଭିଡ୍ ନିୟମ ଉଲ୍ଲଂଘନ କରି ପୋଲସରା ବ୍ଲକ ଜା.ଡ଼େଙ୍ଗାପଦର ପଞ୍ଚାୟତ ମର୍ଦ୍ଦରାଜପୁର ଗ୍ରାମରେ ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏନେଇ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି ଶନିବାର ଥାନାରେ ଏତଲା ଦେବାପରେ ପୋଲିସ ମାମଲା (ନଂ.୧୭୧/୨୦) ରୁଜୁକରି ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା ଓ ପୁରୋହିତଙ୍କ ସମେତ ୧୧ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଏହି ଘଟଣାରେ ନାଏବ ସରପଞ୍ଚ ଜେନାଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମର୍ଦ୍ଦରାଜପୁର ଗ୍ରାମରେ ୭ଦିନ (ଗତ ୨ରୁ ୮ ତାରିଖ)ଧରି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏନେଇ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଓ ଶିଶୁ ଏକାଠି ହୋଇ ନଦୀଘାଟକୁ ଯାଇଥିଲେ। ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ଭଳି ନିୟମକୁ କେହି ମାନି ନ ଥିଲେ। ଗ୍ରାମର ଜଣେ ବ୍ୟକ୍ତି ଆକୁଳ ସ୍ୱାଇଁ ଏହାର ପ୍ରତିବାଦ କରିବାରୁ ସରପଞ୍ଚ ସୂର୍ଯ୍ୟ ଜେନାଙ୍କ ପୁଅ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ତାଙ୍କୁ ଆକ୍ରମଣ କରିଥିଲେ। ଆକୁଳ ଏନେଇ ପୋଲସରା ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ନଂ.୧୬୭/୨୦ରେ ମାମଲା ରୁଜୁ କରି ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ତଦନ୍ତ ଚଳାଇଥିଲେ। ଇତିମଧ୍ୟରେ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ପରେ ବିଡିଓ ନନ୍ଦି ନାଏବ ସରପଞ୍ଚଙ୍କ ବିରୋଧରେ କୋଭିଡ୍-୧୯ ନିୟମ ଉଲ୍ଲଂଘନ ନେଇ ଥାନାରେ ଏତଲା ଦେଇଥିଲେ। ସନ୍ଧ୍ୟାରେ ପୋଲିସ ଗାଁରେ ପହଞ୍ଚି ନାଏବ ସରପଞ୍ଚ ଓ ପୁରୋହିତଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି।


ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ମହିଳା ପୁରୁଷ।

# ୪୧ ଇସ୍ୟୁ ଫ୍ରେମ୍ କଲେ ଟ୍ରିବ୍ୟୁନାଲ

## ମହାନଦୀ ଜଳ ବିବାଦ

## ଅଗଷ୍ଟ ୮ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ହୋଇଥିବା ମହାନଦୀ ଜଳ ବିବାଦ ମାମଲାରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶନିବାର ଇସ୍ୟୁ ଫ୍ରେମ୍ କରିଛନ୍ତି। ଅଧ୍ୟକ୍ଷ ଏଏମ୍ ଖାନ୍‌ୱିଲକର ଏବଂ ସଦସ୍ୟ ଜଷ୍ଟିସ ରବି ରଞ୍ଜନ ଏବଂ ଇନ୍ଦରମିତ କୌରଙ୍କୁ ନେଇ ଗଠିତ ଟ୍ରିବ୍ୟୁନାଲ ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୮କୁ ଧାର୍ଯ୍ୟ କରିଛନ୍ତି।

ମହାନଦୀ ଜଳ ବିବାଦର ସମାଧାନ କରିବାକୁ ଶନିବାର ଟ୍ରିବ୍ୟୁନାଲ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି କରି ବିଭିନ୍ନ ବିଷୟକୁ ନେଇ ୪୦ଟି ଇସ୍ୟୁ ଫ୍ରେମ୍ କରିଛନ୍ତି। ଓଡ଼ିଶା ପକ୍ଷରୁ ଏହି ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ରାଜ୍ୟ ପକ୍ଷରୁ ୨୮ଟି ଇସ୍ୟୁ ଫ୍ରେମ୍ କରିଥିବା ବେଳେ ଛତିଶଗଡ଼ ୨୧ଟି ଇସ୍ୟୁ ଫ୍ରେମ୍ କରିଥିଲା।

ମହାନଦୀରୁ ଅଧିକ ଜଳ ବ୍ୟବହାର କରିବାକୁ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ଛତିଶଗଡ଼ ବିରୋଧରେ କରାଯାଇଥିବା ମାମଲାର ଶୁଣାଣି କରିବା ପୂର୍ବରୁ ଉଭୟ ରାଜ୍ୟ ଚୂଡ଼ାନ୍ତ ଚିଠା ଇସ୍ୟୁ ପ୍ରସ୍ତୁତ କରିବାକୁ ପୂର୍ବରୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ।

ମହାନଦୀ ଜଳ ବିବାଦ ଆଲୋଚନା ମାଧ୍ୟମରେ ସମାଧାନ ନ ହେବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଓଡ଼ିଶା, ଛତିଶଗଡ଼ ଓ ଏହାର ଅବବାହିକାରେ ଥିବା ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଦେଖାଦେଇଥିବା ବିବାଦର ସମାଧାନ ପାଇଁ ୨୦୧୮ରେ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ଟ୍ରିବ୍ୟୁନାଲ ଗଠନ ହେବାର ୨ ବର୍ଷ ବିତିଗଲାଣି। ଏ ପର୍ଯ୍ୟନ୍ତ ଏହି ବିବାଦ ଉପରେ ଟ୍ରିବ୍ୟୁନାଲ ପକ୍ଷରୁ କୌଣସି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରାଯାଇ ପାରି ନାହିଁ। ଓଡ଼ିଶା ସରକାର ହୀରାକୁଦ ଉପରମୁଣ୍ଡରେ ଛତିଶଗଡ଼ ଦ୍ୱାରା ନିର୍ମାଣ କରାଯାଉଥିବା ବ୍ୟାରେଜକୁ ବନ୍ଦ କରିବାକୁ ଅନ୍ତରୀଣ ଆଦେଶ ଦେବାକୁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିଛନ୍ତି। ତେବେ ଏହି ଆଦେଶକୁ ଟ୍ରିବ୍ୟୁନାଲ ସଂରକ୍ଷିତ ରଖିଛନ୍ତି।

ଓଡ଼ିଶା ଆବେଦନରେ ଉଲ୍ଲେଖ କରିଛି ଯେ, ଅଣ ମୌସୁମୀ ସମୟରେ ମହାନଦୀରୁ ୧.୭୪ ନିୟୁତ ଏକର ଫୁଟ ଜଳ ଓଡ଼ିଶାକୁ ଛଡ଼ାଯିବା ନେଇ ଛତିଶଗଡ଼, ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ହୋଇଥିଲା। କିନ୍ତୁ ୨୦୧୯ ଜାନୁୟାରୀ ୧ ତାରିଖ ସୁଦ୍ଧା ପଡ଼ୋଶୀ ରାଜ୍ୟ ମହାନଦୀର ଉପରମୁଣ୍ଡରେ ୬ଟି ବ୍ୟାରେଜ ନିର୍ମାଣ କରି ପ୍ରବାହିତ ହେଉଥିବା ୨.୭୬ ନିୟୁତ ଏକର ଫୁଟ ଜଳକୁ ଅଟକାଇ ଦେଇଛି ବୋଲି ଓଡ଼ିଶା ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିଥିଲା। ଓଡ଼ିଶା ସରକାରଙ୍କ ଏହି ଆବେଦନକୁ ବିରୋଧ କରି ଛତିଶଗଡ଼ ସରକାର ମଧ୍ୟ ଅନ୍ୟ ଏକ ଆବେଦନ କରିଥିଲେ। ଉଭୟ ରାଜ୍ୟ ଏହି ସମସ୍ୟାକୁ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ତରରେ ଆଲୋଚନା ହୋଇଥିଲେ ମଧ୍ୟ ବିବାଦର ସମାଧାନ ହୋଇ ପାରି ନାହିଁ। ମହାନଦୀରେ ଗତ ୨୦ ବର୍ଷ ମଧ୍ୟରେ କେତେ ଜଳ ପ୍ରବାହିତ ହେଉଥିଲା ସେ ନେଇ ୨୦୧୮ ଡିସେମ୍ବର ୧୫ ତାରିଖ ସୁଦ୍ଧା ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା
ଷ୍ଟ୍ରଙ୍ଗ୍ ଇମ୍ୟୁନିଟି
"ଜୋଲି ତୁଳସୀ 51" ଏକ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ ଅଟେ
ଯାହାର ପରିଣାମ Lab tested ଅଟେ।




କେମିତି କାମ କରିଥାଏ Jolly Tulsi 51
ଯଦି ଇମ୍ୟୁନିଟି ମଜଭୁତ ହୋଇଥାଏ ତେବେ ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଇତ୍ୟାଦିର ଆକ୍ରମଣରୁ ପ୍ରତିରୋଧ କରାଯାଇପାରିବ। ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଲାବ୍ ଟେଷ୍ଟ (Clinical Trial)ରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁ ବ୍ୟକ୍ତିମାନେ ଜୋଲି ତୁଳସୀ 51 ଡ୍ରପ୍‌ସ ନିୟମିତ ଭାବେ ସେବନ କରୁଥିଲେ ସେମାନଙ୍କ ଇମ୍ୟୁନିଟି ବହୁ ମାତ୍ରାରେ ବଢ଼ିଯାଇଛି।
ପାଞ୍ଚ ପ୍ରକାର ତୁଳସୀ ଦ୍ୱାରା ଅତି ବିଶେଷ ବିଧିରେ ପ୍ରସ୍ତୁତ ଅର୍କ
JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...
ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରକୁ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ଯାହା ଗ୍ରାହକମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଛି।
ମନେରଖନ୍ତୁ, ଯେପରି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ନୁହେଁ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ "ଜୋଲି ତୁଳସୀ 51 ଡ୍ରପ୍‌ସ" ଭଳି ହୋଇ ନ ଥାଏ ।
ଏଥିପାଇଁ ଷ୍ଟୋର୍‌ରୁ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ। ଯାହାର ପରିଣାମ ବିଶ୍ୱସନୀୟ ହେବା ସହ ଲାବ୍ ପ୍ରମାଣିତ ମଧ୍ୟ ଅଟେ।
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ମୁନୁ
ପରିବାରବର୍ଗ


ସାଇ କ୍ରିଷ୍ଣା
ପରିବାରବର୍ଗ


ସୁରୟା
ପରିବାରବର୍ଗ


ସାଇରାମ୍
ପରିବାରବର୍ଗ


ଶ୍ୟାମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜିର ମନ୍ତବ୍ୟ

" ଭାରତର ଅର୍ଥନୀତି ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା ସଙ୍କେତ ମିଳୁଛି।

– ଶକ୍ତିକାନ୍ତ ଦାସ,
ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର

# ଜଳବାୟୁ ପରିବର୍ତ୍ତନ | ସଂଶୋଧିତ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ

**୬ ଉପକୂଳ ଜିଲ୍ଲାକୁ ବିପଦ**
- ଅନୁମୋଦନ ପାଇଁ କେନ୍ଦ୍ରକୁ ପଠାଯିବ
- ଉପକୂଳ ସବୁଜିମା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ପାଇଁ ଆଗାମୀ ଦିନରେ ଆହୁରି ବିପଦ ସୃଷ୍ଟି କରିବ। ଇଣ୍ଡିଆନ୍ ନ୍ୟାଶନାଲ୍ ସେଣ୍ଟର ଫର ଓସନ୍ ଇନ୍‌ଫର୍ମେଶନ ସର୍ଭିସେସ୍ (ଆଇଏନ୍‌ସିଓଆଇଏସ୍) ଦ୍ୱାରା ଓଡ଼ିଶାର କୋଷ୍ଟାଲ ଭଲ୍‌ନରେବିଲିଟି ଇଣ୍ଡେକ୍ସ (ସିଭିଆଇ) ପ୍ରସ୍ତୁତ କରାଯାଇଛି। ସମୁଦ୍ର ନିକଟରୁ ୧ କିଲୋମିଟର ବ୍ୟାପୀ ଅଞ୍ଚଳକୁ ନେଇ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସମଗ୍ର ଅଞ୍ଚଳକୁ ନିମ୍ନ, ମଧ୍ୟମ ଓ ଅତି ଉଚ୍ଚ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ବିଭକ୍ତ କରାଯାଇଛି। ସେହି ଅନୁଯାୟୀ ଓଡ଼ିଶା ଉପକୂଳର ୬ ଜିଲା ଗଞ୍ଜାମ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱରକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସମୁଦ୍ର ଉପକୂଳକୁ ଲାଗି ରହିଥିବା ଗଞ୍ଜାମ ଜିଲାର କିଛି ଅଞ୍ଚଳ, ଚିଲିକା, ପୁରୀର ଦକ୍ଷିଣ ଭାଗ ଏବଂ କେନ୍ଦ୍ରାପଡ଼ା ଜିଲାର ୭୬ କିଲୋମିଟର ଅଞ୍ଚଳକୁ କମ୍, ସେହି ଜିଲାଗୁଡ଼ିକର ୨୦୯ କିଲୋମିଟର ବ୍ୟାପ୍ତ ଅଞ୍ଚଳକୁ ମଧ୍ୟମ ଓ ୧୦୭ କିଲୋମିଟର ଇଲାକାକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲାର ଉତ୍ତର ଭାଗ, ଜଗତ୍‌ସିଂହପୁର ଜିଲାର କେତେକ ଅଞ୍ଚଳ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲାର ଉତ୍ତର ଓ ଦକ୍ଷିଣ ଭାଗ ଏବଂ ଦକ୍ଷିଣ ବାଲେଶ୍ୱର ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ତେବେ ସଦ୍ୟତମ ଅଧ୍ୟୟନ ଅନୁଯାୟୀ ଉପକୂଳବର୍ତ୍ତୀ ସମସ୍ତ ଜିଲା ଜଳବାୟୁ ପରିବର୍ତ୍ତନର କରାଳ ମୁହଁରେ ପଡ଼ି ଭୟଙ୍କର କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଦେଶର ତଟୀୟ ଅଞ୍ଚଳଗୁଡ଼ିକ ପ୍ରତି ବିପଦ ମାଡି ଆସୁଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ନ୍ୟାଶନାଲ୍ ଡିଟର୍ମାଇନ କଣ୍ଟ୍ରିବ୍ୟୁଶନ(ଏନ୍‌ଡିସି) ଯୋଜନାରେ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରିବା ସହ ଏକ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି।

ଜଳବାୟୁ ପରିବର୍ତ୍ତନର ମହାବିପଦରୁ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ଏକ ସଂଶୋଧିତ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏଥିରେ ୧୦ ବିଭାଗକୁ ସାମିଲ କରାଯାଇଛି। ସେହି ବିଭାଗଗୁଡ଼ିକ ହେଲା ଜଙ୍ଗଲ ଓ ପରିବେଶ, କୃଷି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଜଳ ସମ୍ପଦ, ଶକ୍ତି, ମତ୍ସ୍ୟ ଓ ପଶୁ ସମ୍ପଦ, ଶିଳ୍ପ, ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ବିଭାଗଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ଦେଖି ଯୋଜନା ପ୍ରସ୍ତୁତ କରିଛନ୍ତି। ଉପକୂଳ ଅଞ୍ଚଳଗୁଡ଼ିକରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପର ହାର କମାଇବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସମୁଦ୍ରର ଗତିବିଧି ଉପରେ ବରାବର ଅଧ୍ୟୟନ କରାଯିବ। ଉପକୂଳ ଅଞ୍ଚଳରେ ଜୈବ ବିବିଧତା ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯିବ। ସଂଶୋଧିତ ଆକ୍ସନ୍ ପ୍ଲାନ୍ ଜୁନ୍ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବାକୁ ଥିଲା। ତେବେ କରୋନା ସଂକ୍ରମଣ ଯୋଗୁ ଏଥିରେ ବିଳମ୍ବ ହୋଇଛି। ଆଇଏନ୍‌ସିଓଆଇଏସ୍ ଅନୁମୋଦନ ପରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ପରିବେଶ ନିର୍ଦ୍ଦେଶକ ସୁରେଶ ପନ୍ତ କହିଛନ୍ତି।

ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଏକ ୫ ବର୍ଷିଆ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଥିଲା। ଏଥିରେ ଆବଶ୍ୟକ କେତେକ ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବଡ଼ ସମସ୍ୟା ଭାବେ ଦେଖାଦେଲାଣି। ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶା ପାଇଁ ମଧ୍ୟ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି।

## ପିଏମ୍ କେୟାର୍ସ...

ପ୍ରଥମ ପୃଷ୍ଠାରୁ...

ପ୍ରସଙ୍ଗରେ ଏକମତ ହେବା ପାଇଁ ଅପିଲ୍ କରିଥିଲେ। ତେବେ ପିଏସି ବୈଠକରେ ଉପସ୍ଥିତ ଭାଜପାର ସମସ୍ତ ସଦସ୍ୟ ପିଏମ୍ କେୟାର୍ସ ଫଣ୍ଡର ଯାଞ୍ଚ ପାଇଁ ଅଧୀର ଦେଇଥିବା ପ୍ରସ୍ତାବକୁ ଘୋର ବିରୋଧ କରିଥିଲେ। ଭାଜପାକୁ ସବୁଠୁ ବଡ଼ ସମର୍ଥନ ମିଳିଛି ବିଜୁ ଜନତା ଦଳ (ବିଜେଡି) ନେତା ଭର୍ତ୍ତୃହରି ମହତାବଙ୍କଠାରୁ। ପ୍ରସ୍ତାବ ସପକ୍ଷରେ ବିରୋଧୀଙ୍କ ସଂଖ୍ୟାବଳ ଥିଲା। ଡିଏମ୍‌କେ ନେତା ଟି.ଆର୍. ବାଲୁ ବିପକ୍ଷର ପ୍ରସ୍ତାବକୁ ସମର୍ଥନ ଦେଇଥିବା ସଦସ୍ୟଙ୍କ ମଧ୍ୟରୁ ଅନ୍ୟତମ। କେତେଜଣ ବିରୋଧୀ ନେତା ଦାବି କରିଛନ୍ତି ଯେ, ଭାଜପା କରୋନା ମହାମାରୀ ଓ ଏହାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପର ତଦନ୍ତକୁ ଏଡ଼ାଇବାକୁ ଚାହୁଁଛି। କାରଣ ଯାଞ୍ଚ କରାଗଲେ ପିଏମ୍ କେୟାର୍ସ ଫଣ୍ଡ ଉପରେ କଡ଼ା ନଜର ରଖାଯାଇପାରିବ। ପିଏମ୍ କେୟାର୍ସ ଫଣ୍ଡ ସିଏଜିଙ୍କ ଅଧୀନରେ ମଧ୍ୟ ଆସୁନାହିଁ।

ସଂସଦୀୟ କମିଟିରେ ଭାଜପାର ନେତୃତ୍ୱ ନେଉଥିବା ବରିଷ୍ଠ ନେତା ଭୂପେନ୍ଦ୍ର ଯାଦବ ପିଏମ୍ କେୟାର୍ସ ଫଣ୍ଡର ଯାଞ୍ଚ ପ୍ରସ୍ତାବକୁ ବିରୋଧ କରି କହିଥିଲେ, ଏହି ପାଣ୍ଠିର ଫଣ୍ଡିଂ ସଂସଦ ଦ୍ୱାରା ସ୍ୱୀକୃତ ନୁହେଁ ଏବଂ ଏହି କାରଣରୁ କମିଟି ଏହି ପ୍ରସଙ୍ଗରେ ତଦନ୍ତ କରିପାରିବ ନାହିଁ। ଏହି ନିଷ୍ପତ୍ତି ଫଳରେ ପିଏସି ବିଶ୍ୱର ସବୁଠୁ ବଡ଼ ଲକ୍‌ଡାଉନ୍ ଓ କରୋନା ଭାଇରସ୍ ମୁକାବିଲା ପାଇଁ ସରକାରଙ୍କ ପଦକ୍ଷେପଗୁଡ଼ିକର ଯାଞ୍ଚ ଏବଂ ବିଶ୍ଳେଷଣ କରିପାରିବ ନାହିଁ। ତେବେ ଭାରତ-ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ମଧ୍ୟରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ ଅଞ୍ଚଳରେ ନିର୍ମାଣାଧୀନ ରାସ୍ତା ଓ ଅନ୍ୟ ଭିତ୍ତିଭୂମି ଢାଞ୍ଚା ତଥା ସାମରିକ ବଳ ପାଇଁ ପୋଷାକ କିଣିବା ନେଇ ସମୀକ୍ଷା କରିବା ଉପରେ ରାଜି ହୋଇଥିଲା।

## ଛୋଟ ହେବ...

ବ୍ୟାଙ୍କଗୁଡ଼ିକର ଉନ୍ନତ ପରିଚାଳନା ଓ ଉଚିତ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ବ୍ୟାଙ୍କିଙ୍ଗ୍ ରେଗୁଲେଶନ (ଆମେଣ୍ଡମେଣ୍ଟ) ଅର୍ଡିନାନ୍ସ, ୨୦୨୦ ନାଁରେ ଆଉ ଏକ ଅଧ୍ୟାଦେଶ ଆଣିଥିଲେ। 'ୱାନ୍ ଇଣ୍ଡିଆ, ୱାନ୍ ମାର୍କେଟ' ବା ଗୋଟିଏ ଭାରତ ଗୋଟିଏ କୃଷି ବଜାର ପ୍ରତିଷ୍ଠା ପାଇଁ ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ମାର୍କେଟ କମିଟି (ଏପିଏମ୍‌ସି) ବ୍ୟବସ୍ଥାରେ ଉନ୍ନତି ଆଣିବା ମଧ୍ୟ ଏହି ଅଧ୍ୟାଦେଶର ଉଦ୍ଦେଶ୍ୟ। କିନ୍ତୁ କରୋନା ମୁକାବିଲା ଲାଗି ଜାରି ଲକ୍‌ଡାଉନ୍ ଯୋଗୁ ବିପର୍ଯ୍ୟସ୍ତ ହୋଇଥିବା ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ସକାଶେ କେନ୍ଦ୍ର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ଏହି ଅଧ୍ୟାଦେଶଗୁଡ଼ିକ ପାର୍ଲାମେଣ୍ଟରେ ପାରିତ ହେବା ଜରୁରୀ। ମୌସୁମୀ ଅଧିବେଶନର ପ୍ରାଥମିକ ଲକ୍ଷ୍ୟ ହେବ ସଂସଦରେ ଏଗୁଡ଼ିକୁ ଯଥାଶୀଘ୍ର ସମ୍ଭବ ପାସ୍ କରାଇବା। ଏହା ବାଦ୍ ଭାରତ-ଚାଇନା ସୀମା ବିବାଦ ଓ ସଂଘର୍ଷରେ ୨୦ ଭାରତୀୟ ଯବାନ ଶହୀଦ ହେବା ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇବେ। ତେଣୁ ସରକାରୀ ପକ୍ଷ ବିବୃତି ରଖିବାକୁ ପ୍ରସ୍ତୁତ ହେଉଛନ୍ତି। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଅତିକ୍ରମଣ ନେଇ ଚାଇନାକୁ 'ଏକତାର କଡ଼ା ସନ୍ଦେଶ' ଦେବା ପାଇଁ କେନ୍ଦ୍ର ପାର୍ଲାମେଣ୍ଟକୁ ବ୍ୟବହାର କରିପାରେ।

ତେବେ ପାର୍ଲାମେଣ୍ଟକୁ କିପରି ଆହୂତ କରାଯିବ ତାହା ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି। ଏଥର ଗୃହରେ ସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ପାଇଁ ବିସ୍ତୃତ ଅଧିବେଶନ ହୋଇ ନ ପାରେ। ଉଭୟ ଲୋକ ସଭା ଓ ରାଜ୍ୟ ସଭା ସେକ୍ରେଟାରିଆଟ୍ ସମସ୍ତ ବିକଳ୍ପ ନେଇ ଅନୁଧ୍ୟାନ କରିଛନ୍ତି। 'ଦୁଇ ଗଜର ଦୂରତ୍ୱ' ବଜାୟ ରଖି ସଦସ୍ୟମାନଙ୍କ ବସାଇବା ଲାଗି ବିଜ୍ଞାନ ଭବନରେ ବ୍ୟବସ୍ଥା ଉପରେ ମଧ୍ୟ ଚିନ୍ତା କରାଯାଇଛି। କିନ୍ତୁ ସମ୍ପୂର୍ଣ୍ଣ ପାର୍ଲାମେଣ୍ଟକୁ ଅନ୍ୟତ୍ର ଚଳାଇବା ପାଇଁ କୌଣସି ସ୍ଥାନ ପର୍ଯ୍ୟାପ୍ତ ନୁହେଁ। ଧାରଣ କ୍ଷମତାର ଅଭାବ ଯୋଗୁ ଭର୍ଚୁଆଲ ସେସନ ନେଇ ମଧ୍ୟ କିଛି ସ୍ଥିର ହୋଇପାରୁ ନାହିଁ। ବଡ଼ ଆକାରରେ ଭର୍ଚୁଆଲ ପାର୍ଲାମେଣ୍ଟ ପରିଚାଳନା ପାଇଁ ଧାରଣ କ୍ଷମତା ମାପିବା ଉପରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଗୁରୁତ୍ୱ ଦେବା ସତ୍ତ୍ୱେ ଏହାକୁ ଏତେ ଶୀଘ୍ର ବାସ୍ତବିକ ରୂପ ଦିଆଯାଇପାରିବ ନାହିଁ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ତେଣୁ ରାଜ୍ୟ ସଭା ସେକ୍ରେଟାରିଏଟ୍ ଉଚ୍ଚ ସଦନର ସଦସ୍ୟଙ୍କ ବସିବା ଲାଗି ଗୃହର ଚ୍ୟାମ୍ବର ଓ ଗ୍ୟାଲେରିଗୁଡ଼ିକରେ ବ୍ୟବସ୍ଥା କରୁଛି। ଏହାଦ୍ୱାରା ବ୍ୟକ୍ତିଗତ ଭାବେ ଦୂରତ୍ୱ ବଜାୟ ରଖିବା ସହ ଅନ୍ୟ ସଦସ୍ୟମାନଙ୍କୁ ସଂସଦ ପରିସରରେ ଥିବା ସେଣ୍ଟ୍ରାଲ ହଲ୍ କିମ୍ବା ବାଲାଯୋଗୀ ଅଡିଟୋରିୟମରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦାନର ସୁଯୋଗ ମିଳିପାରିବ। ରାଜ୍ୟ ସଭାର ଚାମ୍ବର ଓ ଗ୍ୟାଲେରିଗୁଡ଼ିକରେ ସାମାଜିକ ଦୂରତ୍ୱ ନିୟମକୁ ମାନି ୧୨୭ ସଦସ୍ୟ ବସିପାରିବେ।

ସେହିପରି ୫୪୩ ଆସନ ବିଶିଷ୍ଟ ଲୋକ ସଭା କଥା ବିଚାର କଲେ ଚ୍ୟାଲେଞ୍ଜ ବଡ଼ ହୋଇଥିବାରୁ ଏହାକୁ ସଂକ୍ଷିପ୍ତ କରିବା ପାଇଁ ଯୋଜନା ଚାଲିଛି। ଏନେଇ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏକାଧିକ ଥର ବୈଠକ କରିଛନ୍ତି। ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନ ଦେବା ସହ ଉଭୟ ସରକାରଙ୍କ ଆବଶ୍ୟକତା ଓ ବିରୋଧୀଙ୍କ ଦାବି ଉପରେ ଗୁରୁତ୍ୱ ଦେଇ ସେ ସମାଧାନର ବାଟ ଖୋଜିଛନ୍ତି। କୋଭିଡ୍-୧୯ ସଂକ୍ରମଣକୁ ଦେଖି ଗତ ବଜେଟ ଅଧିବେଶନରେ କାଟଛାଣ୍ଟ କରାଯାଇଥିଲା। ଅଧ୍ୟାଦେଶଗୁଡ଼ିକ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାର ୬ ସପ୍ତାହ ପର୍ଯ୍ୟନ୍ତ ବଳବତ୍ତର ରହିପାରିବ। ଆଇନରେ ପରିଣତ ହେବା ପାଇଁ ଅଧ୍ୟାଦେଶଗୁଡ଼ିକୁ ଉଭୟ ଗୃହରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ସାଧାରଣତଃ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ମୌସୁମୀ ଅଧିବେଶନ ଚାଲିଥାଏ।

## ଷ୍ଟାର୍ଟଅପ୍ ଏବେ...

ହୋଇଛନ୍ତି। ଫଳରେ ଲାଭାଂଶର ଏକ ବଡ଼ ଅଂଶ ସଂସ୍ଥା ହାତରୁ ଚାଲିଯାଉଛି, ଯେଉଁଥିପାଇଁ କର୍ମଚାରୀ ଛଟେଇ କରିବାକୁ ସେମାନେ ବାଧ୍ୟ ହେଉଛନ୍ତି। ଏହାଫଳରେ ରାଜ୍ୟ ବହୁ ନିଯୁକ୍ତି ସୁଯୋଗ ମଧ୍ୟ ହରାଇଥିବା କୁହାଯାଇଛି। ପ୍ରାୟ ବର୍ଷେ ହେଲା ଦେଶରେ ଲାଗି ରହିଥିବା ଆର୍ଥିକ ମାନ୍ଦାବସ୍ଥା ଓ ଅନାଦାୟ ଋଣ ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଷ୍ଟାର୍ଟଅପ୍‌କୁ ଋଣ ଦେଉ ନ ଥିଲେ। ଏବେ କରୋନା ପାଇଁ ଏଭଳି ସ୍ଥିତି ହୋଇଛି ଯେ, ଷ୍ଟାର୍ଟଅପ୍‌ଗୁଡ଼ିକ ପାଖରେ ଋଣ ଆଣିବା ଲାଗି ବ୍ୟାଙ୍କକୁ ଦେଖାଇବାକୁ ସମ୍ପତ୍ତି ନାହିଁ। ଏନେଇ 'ଇ ମିଟ୍' ଫାଉଣ୍ଡର୍ ସୌମ୍ୟରଞ୍ଜନ ପଣ୍ଡା କହିଛନ୍ତି, କ୍ୟାଶ୍ ଏବଂ କ୍ୟାଶ୍ ଫ୍ଲୋ ନ ଥିବାରୁ ଛୋଟ ଛୋଟ ଷ୍ଟାର୍ଟଅପ୍ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଘରଭଡ଼ାରୁ ଆରମ୍ଭକରି କର୍ମଚାରୀଙ୍କ ବେତନ, ଭେଣ୍ଡର୍ ପେମେଣ୍ଟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଠିକ୍ ସମୟରେ ଦେବା ଆମପାଇଁ କଷ୍ଟକର ହୋଇପଡୁଛି। ବଡ଼ ବଡ଼ କମ୍ପାନୀ କଷ୍ଟେମଷ୍ଟେ ଚଳିଯାଉଛନ୍ତି। ହେଲେ ଆମ ପାଖେ ଏତେ ଜରୁରିକାଳୀନ ପାଣ୍ଠି ନାହିଁ ଯେ ଆମେ ୩ରୁ ୬ ମାସ ଯାଏ ବ୍ୟବସାୟ ନ କରି ସବୁ ଖର୍ଚ୍ଚ ତୁଲାଇ ପାରିବୁ। ସବୁଠାରୁ ବଡ଼ କଥା ହେଲା ସପ୍ଲାଏ ଚେନ୍ ଏବେ ସମ୍ପୂର୍ଣ୍ଣଭାବେ ଅସଜଡ଼ା ହୋଇଯାଇଥିବାରୁ ବ୍ୟବସାୟକୁ ପୁଣିଥରେ ପୂର୍ବଭଳି ଛିଡ଼ାକରିବା ଅସମ୍ଭବ ବୋଲି ସେ କହିଛନ୍ତି। ଓଏଏସ୍‌ଏମ୍‌ଇ ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି, ଓଡ଼ିଶାର ପ୍ରାୟ ୯୦% ଷ୍ଟାର୍ଟଅପ୍ ଏବେ ଡିଫଲ୍ଟରେ ଚାଲିଛନ୍ତି। ଫଣ୍ଡିଂ ଏବଂ ସରକାରୀ ସହାୟତା ଅଭାବରୁ ଆଉ କିଛିଦିନ ମଧ୍ୟରେ ସେଗୁଡ଼ିକ ସବୁଦିନ ପାଇଁ ବନ୍ଦ ହୋଇଯିବ। କ୍ୟାଶ୍ କ୍ରେଡିଟ୍ ଆକାଉଣ୍ଟ ନ ଥିବାରୁ ଆମ ଷ୍ଟାର୍ଟଅପ୍‌ଗୁଡ଼ିକ କେନ୍ଦ୍ର ସରକାରଙ୍କ ପ୍ୟାକେଜ୍‌ରେ କୌଣସି ସହାୟତା ପାଇପାରୁନାହାନ୍ତି। ଓଡ଼ିଶା ଷ୍ଟାର୍ଟଅପ୍ ପଲିସି କେବଳ ଏକ ଫାର୍ସ। ଅନ୍ୟ ରାଜ୍ୟର ଷ୍ଟାର୍ଟଅପ୍ ସେଲ୍‌ଗୁଡ଼ିକ ଉଦ୍ୟୋଗୀମାନଙ୍କୁ ବ୍ୟକ୍ତିଗତସ୍ତରରେ ସହାୟତା ପାଇଁ ପଦକ୍ଷେପ ନେଉଥିବା ଆମ ଷ୍ଟାର୍ଟଅପ୍ ସେଲ୍‌ର ଅଫିସରମାନେ କେବଳ ସରକାରଙ୍କଠାରୁ ମାସିକ ଦରମା ନେବାରେ ବ୍ୟସ୍ତ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଗୁରୁବାର ବିଭାଗୀୟ ବୈଠକରେ ଆଲୋଚନା ହୋଇଛି। ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମଇକୁ ୧୦୦୦ କୋଟି ଟଙ୍କା ଋଣ ଦିଆଯାଇଥିବା ସୂଚନା ଦିଆଯାଇଛି। ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପ୍ରୋତ୍ସାହିତ କରାଯିବା ବ୍ୟବସ୍ଥା ହାତକୁ ନିଆଯାଇଛି। ଧାର୍ଯ୍ୟ କରାଯାଇଥିବା ୨୮୦୦ କୋଟି ଟଙ୍କାର ଋଣ ପ୍ରଦାନକୁ ୩୧ ଜୁଲାଇରେ ସାରିବାକୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଥିବା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ବିଭାଗ ପକ୍ଷରୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବାଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତଳ ବରଡ଼ା ଖସୁଛି, ଉପର ବରଡ଼ା ହସୁଛି,**
**ମଝି ବରଡ଼ା ଥାଇ ବୋଇଲା; ମୋ ଦିନକାଳ ଆସୁଛି ।**

ବାସ୍ତବିକ ଏ ମରଣଶୀଳ ଦୁନିଆରେ କିଛି ବି ସ୍ଥାୟୀ ନ ଥାଏ। ତଳ ବରଡ଼ା ଖସିଲା ପରି ଦିନେ ଉପର ବରଡ଼ା ମଧ୍ୟ ସମୟକ୍ରମେ ଖସିପଡୁଥିବାର ଦେଖିବାକୁ ମିଳିଥାଏ। ମଣିଷର ଅଗ୍ରଗତି ପଥରେ କାଳର ଏହା ସତର୍କବାଣୀ । ଏହା ହିଁ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତତେ ଯେ ମାଇଲା, ତୁ ତାକୁ ନ ମାର,**
**ତାକୁ ମାରୁଥିବ ଆନ; ଦେଖୁଥିବ ତୋର ଦୁଇ ନୟନ,**
**ଶୁଣୁଥିବ ତୋର କାନ ।**

ଯିଏ ଅନ୍ୟାୟରେ ଆଘାତ ଦିଏ ତା'ର ପରିଣତି ସେ ଦିନେ ନା ଦିନେ ଭୋଗକରିଥାଏ। ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତିକୁ ସହିପାରି ନ ଥାନ୍ତି। ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ**
**– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଯାତ୍ରା ବାଣିଜ୍ୟ, ସଭାସମିତି, ବନ୍ଧୁ ମିଳନ, ନୂତନ କର୍ମାରମ୍ଭ, ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପନ୍ନ ହେବ। କୃତ୍ତିକା ନକ୍ଷତ୍ର ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** ସଭାସମିତିର ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଓ ଫେରନ୍ତା ବାଟରେ ନୂତନବନ୍ଧୁତ୍ୱ ସୃଷ୍ଟି ହେବ। ବ୍ୟବସାୟିକ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ। କୃତ୍ତିକା ଘର ସାଜସଜ୍ଜାରେ କିମ୍ବା ନିର୍ମାଣରେ ସମୟ ଅତିବାହିତ କରିପାରନ୍ତି।

**ମିଥୁନ** ସବୁ ସୁବିଧା ଥାଇ ମଧ୍ୟ କେତେକ କାମ ନ ହେବା କାରଣରୁ ମନ ଭଲ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ଦୈହିକ ଅସୁସ୍ଥତା ଦେଖାଦେଇପାରେ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ସମସ୍ୟା ଆସିବ।

**କର୍କଟ** ଦୀର୍ଘଦିନର ଆଶା ମଉଳିବାକୁ ଯାଉଥିବା ଅନୁଭବ କରି କୌଣସି କାମରେ ଉତ୍ସାହ ଲାଗିବ ନାହିଁ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅଶ୍ଳେଷା ନକ୍ଷତ୍ରର ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବା ଭଲ ହେବ।

**ସିଂହ** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ଆସିପାରେ କିନ୍ତୁ ଉପରିସ୍ଥଙ୍କ ସାହାଯ୍ୟରୁ ଅସୁବିଧା ହେବନି। ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ଘରଲୋକମାନଙ୍କ ବିରାଗଭାଜନ ହେବେ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ ଚେଷ୍ଟା କରିପାରନ୍ତି। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**କନ୍ୟା** ବିଭିନ୍ନ ପ୍ରକାରର ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅଚାନକ ଭାବରେ ଅଶୌଚ ଖବର ଶୁଣି ବିସ୍ମିତ ହୋଇପାରନ୍ତି। ବିଭିନ୍ନ ପ୍ରକାରର ସମସ୍ୟା ହେତୁ କର୍ମକ୍ଷେତ୍ରରେ ଅନିଶ୍ଚିତତା ମଧ୍ୟରେ ଗତି କରିବେ। ଚିତ୍ରା ନକ୍ଷତ୍ର ସକାଶେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆଜିର ଯାତ୍ରା ବିଳମ୍ବିତ ହେବ।

**ତୁଳା** କାର୍ଯ୍ୟଦକ୍ଷତା ଓ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। କିନ୍ତୁ ଖଳ ଲୋକ ମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡି ପାରନ୍ତି। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଚିତ୍ରା ନକ୍ଷତ୍ର ବ୍ୟବସାୟ ଓ ବାଣିଜ୍ୟରୁ ଅର୍ଥ ଲାଭ ହେତୁ ଖୁସି ରହିବେ।

**ବିଛା** ଆଜି ପ୍ରଶାସନିକ କାମରେ, ଯାତ୍ରା ଓ ଆନୁଷ୍ଠାନିକ କ୍ଷେତ୍ରରେ ତଥା ସଭା ସମିତିରେ ଆଶାଜନକ ଫଳ ପାଇବେ। ଜ୍ୟେଷ୍ଠା ନକ୍ଷତ୍ର ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରୁହନ୍ତୁ। ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଅର୍ଥସାହାଯ୍ୟ ଓ ସହଯୋଗର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଅତି ନିଜର ପ୍ରିୟ ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧରେ କଥା କହିବ। କାମଗୁଡିକ ଠିକ୍ ଭାବେ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେବ। ଉତ୍ତରାଷାଢା ନକ୍ଷତ୍ର ଘରର ମରମକଥା ଅନ୍ୟମାନଙ୍କୁ କହି ସମାଲୋଚିତ ହେବେ।


**ମକର** ଆଜିର ଯାତ୍ରାରେ ଅର୍ଥ ପ୍ରାପ୍ତିର ଆଶା ପୂରାମାତ୍ରାରେ ରହିଛି। ଯୋଗ, ବ୍ୟାୟାମ ଓ ଶୃଙ୍ଖଳିତ ଜୀବନଯାତ୍ରାଜନିତ ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ଭିତରେ ଅଯଥା କଳହରୁ ଦୂରେଇ ରୁହନ୍ତୁ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ।

**କୁମ୍ଭ** ନିଜର ସମ୍ପର୍କୀୟମାନେ ବିନା କାରଣରେ କଳହ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ଛାଡିପାରିବେ ନାହିଁ। ହଠାତ୍‌ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡିପାରେ। ଧନିଷ୍ଠା ନକ୍ଷତ୍ର ପିଲାମାନଙ୍କ କୌଣସି ସମସ୍ୟାକୁ ନେଇ ବିଚଳିତବୋଧ କରିବେ।

**ମୀନ** କର୍ମକ୍ଷେତ୍ରରେ ଆଶା କରୁଥିବା ସବୁ ପ୍ରକାରର ସୁବିଧା ସୁଯୋଗ ପାଇ ଖୁସୀ ହେବେ। ପରିସ୍ଥିତିବଶତଃ ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା ପ୍ରୟୋଗ କରି ସୁସମ୍ପର୍କ ହରାଇପାରନ୍ତି। ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ଚିନ୍ତିତ ରହିପାରନ୍ତି। ପରିବାରର ଋଣଭାର ବଢିଯାଉଥିବା କାରଣରୁ ଚିନ୍ତିତ ରହିବେ।

ଆଜି ଶ୍ରାବଣ କୃଷ୍ଣପକ୍ଷର ସପ୍ତମୀ ଯୁକ୍ତ ଅଷ୍ଟମୀ ରବିବାର, ଜୁଲାଇ ୧୨ ତାରିଖ, ଆଜି ମାଲାଲା ଦିବସ, ରାଶିନକ୍ଷତ୍ର-ଦିବା ଘ.୦୮.୧୮ମି. ଗତେ ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୭.୦୪ମି. ଗତେ ଘ.୦୯.୪୧ମି. ମଧ୍ୟେ, ଦିବା ଘ.୧୨.୧୮ମି. ଗତେ ଘ.୦୨.୫୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି.ଗତେ ଘ.୦୭.୫୨ମି.ମଧ୍ୟେ, ରାତ୍ରି ଘ.୧୦.୪୭ମି. ଗତେ ଘ.୧୨.୫୮ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୪.୪୧ମି. ଗତେ ଘ.୦୫.୩୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ. ୦୪.୦୭ମି.ଗତେ ଘ.୦୬.୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**GROOM WANTED**

47 ବର୍ଷର ବିଧବା ମହିଳା ପାଇଁ ବରପାତ୍ର ଆବଶ୍ୟକ। SSC Hindi Translater ଭାବେ କାର୍ଯ୍ୟରତ। ଉପଯୁକ୍ତ ବୟସର ବରପାତ୍ର ଯୋଗାଯୋଗ କରନ୍ତୁ। ଅବିବାହିତ ଗ୍ରହଣୀୟ ନୁହେଁ। 7377689793. D-68828

Khandayat girl, Age-32, H-5'5", Work-Management Trainee, BBSR, Mob: 9337019409, 9658323522. D-17715

Beautiful Barik girl 1991, 5'4" B-Tech State Government Engineer. 9776562742. D-17733

36 ବୟସ୍କା Divorcee Play School Teacher ବ୍ରାହ୍ମଣ ଝିଅଙ୍କ ପାଇଁ any caste ପୁଅ ଦରକାର। 9668488654. D-67944

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

"Red Hero Honda CBZ in tip top condition for sale. 9337128558". D-59953




**SALE**

**3BHK Botique Villa immediate sale infront of Aditya Hyundai, Tamando. Finance from all leading Banks. Call. 8260657123 8260673884.** D-17721

SC house 23,00,000/- finishing Hanspal, Gharabari plot- Atala, Bhingarpur- 8093465134, 9668194157 D-68700

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Commercial SC plot 8700sqft. Hanspal, General plot 6500sqft and 2500sqft. adjacent to Puri Canal- 9040059669** D-68699

**Urgent sale 13000 sqft commercial plot near main road near Jagannath Medical College close to Toshali Sands Hotel, Puri. 8260673884 Call 8260657123.** D-17722

**Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932.** D-69320

Private bounded plot 11100sqft. Keshura Bank Colony, Bhubaneswar. 8249310165. D-69423

**1 Acre commercial land main road side suitable for Hotel/ Hospital/Petroleum adjacent to blacktop defence road, Puri. Call immediately. 8260673884 8260657123.** D-17720

ପୁରୀ ବାଟମଙ୍ଗଳା ମନ୍ଦିରଠାରୁ ଅଠରନଳା ମଝିରେ ମେନ୍‌ରୋଡ୍‌ରୁ **200** ମିଟର ଦୂରରେ **2** ମହଲା ଘର ବିକ୍ରୟ ହେବା ସମ୍ପୂର୍ଣ୍ଣ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। **9438109040, 8144658008.** D-17723

ତମାଣ୍ଡୋ National Highwayଠାରୁ 600mtrs. ଦୂରରେ immediate ଘରକରି ରହିବା ପାଇଁ yellowzone plot ମିଳୁଛି। 8480348215. D-69524




ସାମନ୍ତରାୟପୁରପାଖ ରାସ୍ତାକଡ଼େ ଦୋକାନ, ଅଫିସ୍, ଗୋଦାମ, କଲେଜ ସ୍କୁଲ୍‌ପାଇଁ ଭଡ଼ାଦିଆଯିବ। 7609836849, 9861416754. D-67756

540sqft. First Floor, Hall for commercial purpose near Rupali Square, Saheed Nagar, Bhubaneswar. 7978179503. D-69422




Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883

# ହସ୍ପିଟାଲ, ହଟ୍‌ସ୍ପଟ୍ ଜିଲା ଫେରନ୍ତାଙ୍କ ପାଇଁ ସଂକ୍ରମଣ ବଢୁଛି

**ଭୁବନେଶ୍ୱର, ୧୧।୭(ବ୍ୟୁରୋ)**

ରାଜଧାନୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ଜୁଲାଇ ୧ରୁ ୧୦ ମଧ୍ୟରେ ୩୧୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ହସ୍ପିଟାଲରୁ ୬୧, ସ୍ଥାନୀୟ ସଂକ୍ରମିତ ୩୭ ଏବଂ ଟ୍ରାଭେଲ ହିଷ୍ଟ୍ରି ଥିବା ବା କଣ୍ଟାକ୍ଟରେ ଆସି ୨୧୨ଜଣ ସଂକ୍ରମିତ ହୋଇଛନ୍ତି। ଏବେ ହସ୍ପିଟାଲ, ହଟ୍‌ସ୍ପଟ୍ ଜିଲା ଓ ବାହାର ଫେରନ୍ତାଙ୍କ ଯୋଗୁ ଭୁବନେଶ୍ୱରରେ ପୁନଃ ସଂକ୍ରମଣ ବ୍ୟାପିବାରେ ଲାଗିଛି ବୋଲି ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଭୁବନେଶ୍ୱରରେ ସଂକ୍ରମଣ ସ୍ଥିତିକୁ ନେଇ ଶନିବାର ଗୀତଗୋବିନ୍ଦ ସଦନରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ କୋଭିଡ୍ ପର୍ଯ୍ୟବେକ୍ଷକ ଥିବା ଅନୁ ଗର୍ଗ କହିଛନ୍ତି, ସହରରେ ଦୈନିକ ପାଖାପାଖି ୧୦୦୦ ନମୁନା ପରୀକ୍ଷା କରାଯାଉଛି। ବିଭିନ୍ନ ସଚେତକ ଟିମ୍ ଗଠନ କରିବା ସହ କଣ୍ଟାକ୍ଟ ଟ୍ରେସିଂକୁ ଗୁରୁତ୍ୱ ଦିଆଯାଉଛି। ଭୁବନେଶ୍ୱରବାସୀ ପୂର୍ବପରି ମାସ୍କ ପିନ୍ଧିବା ସହ ସଚେତନ ଓ ସତର୍କତା ଅବଲମ୍ବନ କରନ୍ତୁ ବୋଲି ସେ କହିଛନ୍ତି।

ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଭୁବନେଶ୍ୱରର ଏ ପରିସ୍ଥିତି ପାଇଁ ଚିନ୍ତାବ୍ୟକ୍ତ କରିବା ସହ ଯଥା ସମ୍ଭବ ଘରେ ରହିବା ପାଇଁ ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ଲୋକେ କଟକଣା ମାନିଲେ ଓ ସତର୍କ ରହିଲେ ହିଁ ଆମେ କରୋନାକୁ ହରାଇ ପାରିବା। ସଂକ୍ରମଣ କମିଯିବ। ଏବେ ଶନିବାର ଏବଂ ରବିବାର ଶଟ୍‌ଡାଉନ ରହୁଥିବାରୁ ଲୋକେ ଶୁକ୍ରବାର ହାଟବଜାରରେ ପ୍ରବଳ ଭିଡ ଜମାଉଛନ୍ତି। ସାମାଜିକ ଦୂରତା ନିୟମ ଉଲ୍ଲଂଘନ କରୁଥିବାରୁ ସଂକ୍ରମଣ ବଢୁଛି। ନିଜକୁ ତଥା ଅନ୍ୟମାନଙ୍କୁ ସଂକ୍ରମଣରୁ ବଞ୍ଚାଇବା ପାଇଁ ଭିଡ ସ୍ଥାନକୁ ଯାଆନ୍ତୁ ନାହିଁ। ଅତି ଜରୁରୀ ନ ଥିଲେ ବାହାରକୁ ବାହାରନ୍ତୁ ନାହିଁ। ଅନ୍‌ଲାଇନରେ ଜରୁରୀ ଜିନିଷ କିଣନ୍ତୁ। ସାମାନ୍ୟ ଅସୁସ୍ଥ ଅନୁଭବ କଲେ ଡାକ୍ତରଖାନା ନ ଯାଇ ବିଏମ୍‌ସିର ଟେଲିମେଡ଼ିସିନ ସୁବିଧାକୁ ବ୍ୟବହାର କରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ବିଶେଷକରି ବରିଷ୍ଠ ନାଗରିକଙ୍କ ପ୍ରତି ଅଧିକ ବିପଦ ରହିଛି। ବିଏମସିର ସଚେତକ ଆପ୍ ମୋବାଇଲ ଫୋନ୍‌ରେ ଇନ୍‌ଷ୍ଟଲ କରି ଜରୁରୀ ସେବା ପାଇବା ସହ ବରିଷ୍ଠ ନାଗରିକଙ୍କର ସ୍ୱତନ୍ତ୍ର ଯତ୍ନ ନେବାକୁ ଚୌଧାରୀ ପରାମର୍ଶ ଦେଇଛନ୍ତି।

■ଚିନ୍ତାବ୍ୟକ୍ତ କଲେ ବିଏମ୍‌ସି କମିଶନର

■ସଂସ୍ପର୍ଶରେ ଆସି ୧୦ ଦିନରେ ୨୧୨ ଆକ୍ରାନ୍ତ

### ସହରବାସୀଙ୍କ ସହଯୋଗ ଲୋଡ଼ିଲେ

କରୋନା ମୁକାବିଲାରେ ଲୋକେ ଆଉ ପୂର୍ବପରି ସହଯୋଗ କରୁନାହାନ୍ତି। ବଜାର ହାଟରେ ସାମାଜିକ ଦୂରତା ରକ୍ଷା ନ କରି ଭିଡ଼ ଜମାଉଛନ୍ତି। କରୋନା ମୁକାବିଲା ଏକ ସାମୂହିକ ଦାୟିତ୍ୱ। ତେଣୁ ଏହି ଲଢ଼େଇରେ ସହରବାସୀ ସାମିଲ ହୋଇ ସହଯୋଗ କରନ୍ତୁ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଅନୁରୋଧ କରିଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାର ମୁଖ୍ୟ କାରଣ ହେଉଛି ସତର୍କତା ଅବଲମ୍ବନ ନ କରିବା। ଯଦି ଏପରି ସ୍ଥିତିରେ ଲୋକେ ସହଯୋଗ ନ କରନ୍ତି, ତା'ହେଲେ ଭବିଷ୍ୟତରେ ଭୁବନେଶ୍ୱରର ସ୍ଥିତି ଭିନ୍ନ ଥିବ ବୋଲି ଚୌଧାରୀ ଚେତାଇ ଦେଇଛନ୍ତି।


### ଭୁବନେଶ୍ୱରରୁ ହଟିଲା ଆବଦ୍ଧାଞ୍ଚଳ କଟକଣା

ସଙ୍ଗରୋଧରେ ଥିବା ସମସ୍ତ ଲୋକଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ଭୁବନେଶ୍ୱରର ୪ ଅଞ୍ଚଳକୁ କଣ୍ଟେନମେଣ୍ଟ୍ ଜୋନ୍ ବା ଆବଦ୍ଧାଞ୍ଚଳ କଟକଣାରୁ ମୁକ୍ତ କରାଯାଇଛି। ଏହି ଅଞ୍ଚଳ ହେଲା ମଞ୍ଚେଶ୍ୱରସ୍ଥିତ ବ୍ଲୁ ହୁଇଲ ହସ୍ପିଟାଲ, ଏକ ଶିଳ୍ପ ସଂସ୍ଥା, ଲକ୍ଷ୍ମୀବଜାର ବସ୍ତି ଓ ସୁବାସନଗର ବସ୍ତି। ଏସବୁ ଅଞ୍ଚଳରେ ଅଧିକ ସଂଖ୍ୟକ କରୋନା ଆକ୍ରାନ୍ତ ବାହାରିବା ପରେ କଟକଣା ଲାଗୁ କରାଯାଇ ଅନ୍ୟମାନଙ୍କୁ ସଙ୍ଗରୋଧରେ ରହିବା ପାଇଁ କୁହାଯାଇଥିଲା। ବିଏମ୍‌ସି ଦ୍ୱାରା ୧୪ ରାଉଣ୍ଡ ଆକ୍ଟିଭ୍ ସର୍ଭେଲାନ୍ସ ପରେ ସଙ୍ଗରୋଧରେ ଥିବା ସମସ୍ତଙ୍କ ନମୁନା ପରୀକ୍ଷା କରାଯାଇଥିଲା।

### ଶିଳ୍ପ ସଂସ୍ଥା ଓ ବ୍ଲୁ ହୁଇଲ୍ ହସ୍ପିଟାଲରୁ ୮୧ ଆକ୍ରାନ୍ତ, ଦୁଇ ମୃତ

ମଞ୍ଚେଶ୍ୱରସ୍ଥିତ ବ୍ଲୁ ହୁଇଲ ହସ୍ପିଟାଲର ୪୩ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୧ଜଣ ସୁସ୍ଥ ହୋଇଥିବାବେଳେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। କଣ୍ଟାକ୍ଟ ଟ୍ରେସିଂରେ ଉକ୍ତ ହସ୍ପିଟାଲର ୨୫୦ କର୍ମଚାରୀଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ସେହିପରି ମଞ୍ଚେଶ୍ୱରସ୍ଥିତ ଏକ ଶିଳ୍ପସଂସ୍ଥାରୁ ୩୮ ଶ୍ରମିକ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାପରେ ଅନ୍ୟ ୮୭ଜଣ ଶ୍ରମିକଙ୍କ ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବାବେଳେ ସମସ୍ତ ଆକ୍ରାନ୍ତ ସୁସ୍ଥ ହୋଇଥିବା ବିଏମ୍‌ସି କମିଶନର ସୂଚନା ଦେଇଛନ୍ତି।

# ଅମିତାଭ, ଅଭିଷେକ କୋଭିଡ୍ ପଜିଟିଭ୍





**ମୁମ୍ବାଇ, ୧୧।୭**

ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ କୋଭିଡ୍ ପଜିଟିଭ୍ ବାହାରିଛି। ଏନେଇ ସେ ଶନିବାର ଟୁଇଟରରେ ସୂଚନା ଦେଇଛନ୍ତି। ଏହି ବିଶିଷ୍ଟ ଅଭିନେତା କରୋନା ଭୂତାଣୁରେ ସଂକ୍ରମିତ ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ ମୁମ୍ବାଇସ୍ଥିତ ନାନାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପରିବାରର ଅନ୍ୟ ସଦସ୍ୟ ଓ ଷ୍ଟାଫ୍‌ମାନଙ୍କ ମଧ୍ୟ କୋଭିଡ୍ ଟେଷ୍ଟ କରାଯାଇଛି। ବିଳମ୍ବିତ ରାତିରେ ମିଳିଥିବା ତଥ୍ୟ ଅନୁଯାୟୀ ତାଙ୍କ ପୁଅ ତଥା ଅଭିନେତା ଅଭିଷେକ ବଚ୍ଚନଙ୍କ ରିପୋର୍ଟ ମଧ୍ୟ ପଜିଟିଭ୍ ଆସିଛି। ଅନ୍ୟମାନଙ୍କ ରିପୋର୍ଟ ହସ୍ତଗତ ହୋଇନାହିଁ। ଯେଉଁମାନେ ବିଗତ ୧୦ ଦିନ ମଧ୍ୟରେ ଅମିତାଭଙ୍କ ସଂଶର୍ସ୍ପରେ ଆସିଥିଲେ, ସେମାନେ ସମସ୍ତେ ନିଜ ନିଜ ନମୁନା ପରୀକ୍ଷା କରାଇନିଅନ୍ତୁ ବୋଲି ମହାନାୟକ ଅମିତାଭ ଅନୁରୋଧ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସିନେ ପ୍ରେମୀ, କଳାକାର ଜଗତ ଅମିତାଭ ଓ ଅଭିଷେକଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

## ୨ ଯବାନଙ୍କ ସମେତ ଖୋର୍ଦ୍ଧାରେ ୬ ପଜିଟିଭ୍

ଖୋର୍ଦ୍ଧା ଅଫିସ,୧୧।୭: ଖୋର୍ଦ୍ଧା ଜିଲାରେ ଶନିବାର ୬ଜଣ କରୋନା ପିଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଟଣୀ ବିଏସ୍‌ଏଫ କ୍ୟାମ୍ପର ୨ ଯବାନ, ଖୋର୍ଦ୍ଧା ପୌରାଞ୍ଚଳର ୨, ଟାଙ୍ଗୀ ଓ ମେଣ୍ଢାଶାଳର ଜଣେ ଲେଖାଏ ରହିଥିବା ଜିଲାପାଳ ଶୀତାଂଶୁ କୁମାର ରାଉତ ଟୁଇଟ କରି ଜଣାଇଛନ୍ତି। ଅନ୍ୟପଟେ ଶନିବାର ସୁଦ୍ଧା ୧୨,୧୩୪ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ବେଳେ ୧୦ହଜାର ୧୪୪ଜଣଙ୍କ ନେଗେଟିଭ ରହିଛି। ସେଥିରୁ ୪୦୪ଜଣ ପଜିଟିଭ୍ ରହିଛନ୍ତି। ସେଥିମଧ୍ୟରୁ ୩୨୨ଜଣ ସୁସ୍ଥ ହୋଇଥିବା ବେଳେ ୮୨ ଆକ୍ଟିଭ କେସ୍ ରହିଛି।



ଶ୍ରୀମନ୍ଦିର ସମ୍ମୁଖରେ ରହିଥିବା ତିନି ରଥ ଶନିବାର ସନ୍ଧ୍ୟାରେ ଆଲୋକମାଳାରେ ଝଲସି ଉଠୁଛି। (ଫଟୋ- ଅନୀଲ)

# ସାଉଦିରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ/ବାଣପୁର, ୧୧।୭(ଡି.ଏନ୍.ଏ.)**



■କରୋନା ଯୋଗୁ ଦେଢ଼ ମାସ ଅଟକିଥିଲା

■୯ ବର୍ଷ ଧରି କମ୍ପାନୀରେ କାର୍ଯ୍ୟ କରୁଥିଲେ

ସାଉଦି ଆରବରେ ମୃତ୍ୟୁ ଘଟିଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଦେଢ଼ମାସ ପରେ ଶନିବାର ଗ୍ରାମରେ ପହଞ୍ଚିଛି। ସେ ହେଲେ ବାଣପୁର ଥାନା ହରିକୁଣ୍ଡ ବରଡ଼ିହ ଗ୍ରାମର ବାବୁଲି ଜେନା। ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ବାବୁଲି ସାଉଦିର ରିୟାଦ ସହରର ଏକ କମ୍ପାନୀରେ ୯ବର୍ଷ ହେବ କାର୍ଯ୍ୟ କରୁଥିଲେ। ମେ' ୨୪ରେ ଛାତିରେ ହଠାତ୍ ଯନ୍ତ୍ରଣା ହେବାରୁ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ୨୫ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇବା ପରେ ତାଙ୍କ ମୃତଦେହ ଗ୍ରାମକୁ ପଠାଇବା ବ୍ୟବସ୍ଥା କରିବା ଲାଗି ତାଙ୍କ ସ୍ତ୍ରୀ କାମିନୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କରୋନା ଯୋଗୁ ବିମାନ ଚଳାଚଳ ବନ୍ଦ ଥିବାରୁ କର୍ତ୍ତୃପକ୍ଷ ସହଯୋଗ କରି ନ ଥିଲେ। ତାଙ୍କ ସମ୍ପର୍କୀୟ ବାବୁଲି ସାହୁ ଭାରତୀୟ ଦୂତାବାସର ଅଧିକାରୀ ଦେଶବନ୍ଧୁ ଭାତି ଏବଂ କମ୍ପାନୀ ଲୋକସମ୍ପର୍କ ଅଧିକାରୀ ବାଲକ୍ରିଷ୍ଣନ୍ ନାୟରଙ୍କ ସହ ଯୋଗାଯୋଗ କରି ମୃତଦେହ ଭାରତ ଆଣିବାକୁ ଉଦ୍ୟମ କରିଥିଲେ। ରିଆଦ୍‌ରୁ କାର୍ଗୋ ବିମାନ ଯୋଗେ ବୁଧବାର ରାତିରେ ବାବୁଲାଙ୍କ ମୃତଦେହ କୋଲକାତା ଦମଦମ୍ ବିମାନ ବନ୍ଦରରେ ପହଞ୍ଚିଥିଲା। ଏହା ପରେ ଏକ ଆମ୍ବୁଲାନ୍ସରେ ତାଙ୍କ ମୃତଦେହ ଗ୍ରାମକୁ ଅଣାଯାଇଥିଲା। ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ବଡ଼କୁମ୍ଭାରୀ ପଞ୍ଚାୟତର ୩ ଗାଁ ଶଟ୍‌ଡାଉନ

**ବୋଲଗଡ,୧୧।୭(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଅନ୍ତର୍ଗତ ବଡ଼କୁମ୍ଭାରୀ ପଞ୍ଚାୟତର ଶ୍ରୀଚନ୍ଦନପୁରପାଟଣା, ଶ୍ରୀଚନ୍ଦନପୁର ଓ ମାଣିକପୁର ଗ୍ରାମକୁ ସରପଞ୍ଚ ହୁଲ୍ଲାସ ପ୍ରଧାନ ୩ଦିନ ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାର ସନ୍ଧ୍ୟା ୭ଟାରୁ ଆସନ୍ତା ମଙ୍ଗଳବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ଅଞ୍ଚଳରେ ହୋଇଥିବା ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ବାହାର ଅଞ୍ଚଳର ଜଣେ ବ୍ୟକ୍ତି ଆସିଥିଲେ। ଉକ୍ତ ବ୍ୟକ୍ତି ଜଣକ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ଗୋଷ୍ଠୀ ସଂକ୍ରମଣକୁ ଆଶଙ୍କା କରି ଏହି ତିନି ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରାଯାଇଥିବା ସରପଞ୍ଚ କହିଛନ୍ତି।

# ମିଳୁନି ସଚେତକ କିଟ୍ ହିସାବ

**ଭୁବନେଶ୍ୱର, ୧୧।୭ (ବ୍ୟୁରୋ)**

■ଜୋନାଲ ଡେପୁଟି କମିଶନର ଓ ସିଓଙ୍କ ମଧ୍ୟରେ ଟଣାଓଟରା

■ଚାଲିଛି ତଦନ୍ତ, ସୋମବାର ଫଇସଲା

ଭୁବନେଶ୍ୱରରେ ଏବେ ସଂକ୍ରମଣ ଓ ସଂକ୍ରମିତଙ୍କ ସଂଖ୍ୟା ଅଣାୟତ୍ତ ହେବାରେ ଲାଗିଛି। ସଂକ୍ରମଣକୁ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବିଭିନ୍ନ ଯୋଜନା କରୁଥିବାବେଳେ ଲୋକଙ୍କ କାର୍ଯ୍ୟରେ ସେସବୁ କାମରେ ଲାଗି ପାରୁନାହିଁ ବୋଲି ଅଭିଯୋଗ ହେଉଛି। ବିଏମ୍‌ସି ଲକ୍ଷ ଲକ୍ଷ ଟଙ୍କାର କରୋନା ସାମଗ୍ରୀ କିଣି ବିଭିନ୍ନ ବର୍ଗର ଅଧିକାରୀ ଓ କର୍ମଚାରୀଙ୍କୁ ଦେଉଛି ହେଲେ ସେସବୁ ସାମଗ୍ରୀ କୁଆଡ଼େ ଯାଉଛି ତାର କିଛି ହିସାବ ମିଳୁନାହିଁ। କିଛି ଅଧିକାରୀ ସାମଗ୍ରୀ କିଣି ନିଜ କାର୍ଯ୍ୟରେ ଲଗାଉଥିବାବେଳେ ଆଉ କିଛି ଚୋରି ହୋଇଯାଉଥିବା ଅଭିଯୋଗ ହୋଇଛି। ତେବେ ଏସବୁ ମଧ୍ୟରେ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ରେ ସଚେତକଙ୍କ କିଟ୍ କେଲେଙ୍କାରୀ ଆଲୋଡ଼ନ ସୃଷ୍ଟି କରିଛି। କୋଭିଡ୍ ସାମଗ୍ରୀ ଚୋରିକୁ ନେଇ ଗୋଷ୍ଠୀ ସଙ୍ଗଠକ(ସିଓ) ଓ ଜୋନାଲ ଡେପୁଟି କମିଶନରଙ୍କ ମଧ୍ୟରେ ଟଣାଓଟରା ବଢ଼ିବାରେ ଲାଗିଛି ବୋଲି କାର୍ଯ୍ୟାଳୟରେ ଆଲୋଚନା ହେଉଛି।

ବିଏମ୍‌ସି ଦକ୍ଷିଣପୂର୍ବ ଜୋନ୍ କାର୍ଯ୍ୟାଳୟର ଜନୈକ କର୍ମଚାରୀଙ୍କ କହିବା ଅନୁସାରେ, ବର୍ତ୍ତମାନ ୩୦ରୁ ଊର୍ଦ୍ଧ୍ୱ କୋଭିଡ୍ କିଟ୍ ସହ ଅନ୍ୟାନ୍ୟ ସାମଗ୍ରୀର ହିସାବ ମିଳୁନାହିଁ। କିନ୍ତୁ ସିଓମାନେ କିଟ୍‌କୁ ଜୋନାଲ ଡେପୁଟି କମିଶନରଙ୍କ ନିକଟରେ ଡିପୋଜିଟ କରି ଦେଇଛନ୍ତି ବୋଲି କହୁଛନ୍ତି। ଏହି ସାମଗ୍ରୀ ହେର୍‌ଫେର ଘଟଣା ପଛରେ ଆଉ କିଏ ସେ ସବୁ ସାମଗ୍ରୀ ଚୋରି କରିଛି ତାହା ଆସନ୍ତା ସୋମବାର ଜଣାପଡ଼ିବ। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଜନୈକ ଅତିରିକ୍ତ କମିଶନରଙ୍କୁ ଏହି ଦାୟିତ୍ୱ ଦେଇଥିବାବେଳେ ଘଟଣାର ତଦାରଖ କରିବା ସହ ପ୍ରକୃତ ଘଟଣାକୁ ସନ୍ଧାନ କରିବାକୁ କୁହାଯାଇଛି। ସେ ବିଷୟରେ ଠିକ ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ସମ୍ପୃକ୍ତ ଅତିରିକ୍ତ କମିଶନର ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, କରୋନା ସଂକ୍ରମଣର ଭୟାବହତାରୁ ସହରବାସୀଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ନିକଟରେ ବିଏମ୍‌ସି ପକ୍ଷରୁ ଏକ ସଚେତକ କମିଟି ଗଠନ କରାଯାଇଥିଲା। ଏହି କମିଟି ପ୍ରତି ୱାର୍ଡରେ ଗଠନ କରାଯାଇଥିବାବେଳେ ଏଥିରେ ୧୫ରୁ ୨୦ଜଣ ଲୋକଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ସେମାନଙ୍କୁ ଆର୍ଥିକ ସହାୟତା ସହ ଲକ୍ଷ ଲକ୍ଷ ଟଙ୍କାର କୋଭିଡ୍ ସାମଗ୍ରୀ ବକ୍ସ ପ୍ରଦାନ କରାଯାଇଥିଲା। ଏହି କମିଟି ଗଠନ ପରେ ଭୁବନେଶ୍ୱରରେ ସଂକ୍ରମଣର ସଂଖ୍ୟା ହ୍ରାସ ପାଇବ ବୋଲି ବିଏମ୍‌ସି ଲକ୍ଷ୍ୟ ରଖିଥିଲା। ହେଲେ କମିଟି ଗଠନ ଓ ଆର୍ଥିକ ସହାୟତା ପାଇସାରିଲା ପରେ ସେମାନେ ଆଉ ପୂର୍ବ ପରି ଦେଖିବାକୁ ମିଳୁନାହାନ୍ତି। ପ୍ରତି ୱାର୍ଡକୁ ବାହାର ଜିଲାରୁ ଆସୁଥିବା ଲୋକଙ୍କ ଖବର ରଖିବା ସହ ଘର ଘର ସ୍ୱାସ୍ଥ୍ୟ ପରୀକ୍ଷା କରିବା, ବିଶେଷ କରି ବରିଷ୍ଠ ନାଗରିକ ଓ ଅସୁସ୍ଥ ଲୋକଙ୍କ ଉପରେ ନଜର ରଖିବା ସହ ୱାର୍ଡ ଅଫିସର, ସିଓ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସାଙ୍ଗରେ ଯୋଗାଯୋଗରେ ରହି ୱାର୍ଡରେ କରୋନା ସମ୍ପର୍କିତ ବିଭିନ୍ନ କାର୍ଯ୍ୟ କରିବାକୁ ସେମାନଙ୍କୁ କୁହାଯାଇଥିଲା। ହେଲେ ଏବେ ଦିନକୁ ଦିନ ବିଏମ୍‌ସି ଅଞ୍ଚଳରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବିଏମସି ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନା କେବଳ ବ୍ୟୟ ସାପେକ୍ଷ। ଏଥିରୁ ଲୋକଙ୍କୁ କୌଣସି ସୁଫଳ ମିଳୁନାହିଁ ବୋଲି ଆଲୋଚନା ହେଉଛି।

# ବିଜ୍‌ନେସ୍ ଡେଭଲପ୍‌ମେଣ୍ଟ୍ ୟୁନିଟ୍ ଗଠିତ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

■ପଣ୍ୟ ପରିବହନକୁ ପୂର୍ବତଟ ରେଳପଥର ଗୁରୁତ୍ୱ

■୨୦୨୪ ସୁଦ୍ଧା ମାଲ୍ ପରିବହନ ୨ ଗୁଣା ଲକ୍ଷ୍ୟ

ରେଳ ପଣ୍ୟ ପରିବହନ କ୍ଷେତ୍ରରେ ଉପଭୋକ୍ତାଙ୍କୁ ଆବଶ୍ୟକ ସୁବିଧା ଓ ପରିବହନ ବୃଦ୍ଧି ନିମନ୍ତେ ପୂର୍ବତଟ ରେଳପଥ ଦ୍ୱାରା ବିଜ୍‌ନେସ୍ ଡେଭଲପ୍‌ମେଣ୍ଟ ୟୁନିଟ୍(ବିଡିୟୁ) ଗଠନ କରାଯାଇଛି। ଉଭୟ ଜୋନାଲ୍ ଓ ମଣ୍ଡଳ ସ୍ତରରେ ଏହି ୟୁନିଟ୍ କାର୍ଯ୍ୟ କରିବ। ଜୋନାଲ୍‌ସ୍ତରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କ ନେତୃତ୍ୱରେ ୪ଜଣ ସଦସ୍ୟଙ୍କୁ ନେଇ ଗଠିତ ବିଜ୍‌ନେସ୍ ଡେଭଲପ୍‌ମେଣ୍ଟ ୟୁନିଟ୍‌ରେ ଆବାହକଭାବେ ମୁଖ୍ୟ ମାଲ ପରିବହନ ପ୍ରବନ୍ଧକ ସଞ୍ଜୟ ମିଶ୍ର, ପଣ୍ୟ ପରିବହନ ସେବାର ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ମୁଖ୍ୟ ରୋଲିଂ ଷ୍ଟକ୍ ଇଞ୍ଜିନିୟର ଏସ୍. ପି. ସିଂହ ଏବଂ ଅର୍ଥନୈତିକ ପରାମର୍ଶଦାତା ବିଜୟ କୁମାର ମିଶ୍ର ରହିଛନ୍ତି। ସେହିପରି ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼, ବିଶାଖାପାଟଣା ଓ ସମ୍ବଲପୁର ମଣ୍ଡଳରେ ଗଠିତ ବିଜ୍‌ନେସ୍ ଡେଭଲପ୍‌ମେଣ୍ଟ୍ ୟୁନିଟରେ ଟ୍ରେନ୍ ପରିଚାଳନା, ବାଣିଜ୍ୟ, ଅର୍ଥ ଓ ଯାନ୍ତ୍ରିକ ବିଭାଗରୁ ଶାଖା ଅଧିକାରୀମାନେ ସଦସ୍ୟ ରହିଛନ୍ତି। ଏହି ୟୁନିଟ୍‌ଗୁଡ଼ିକ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା ସହିତ ଆଲୋଚନା କରି ବର୍ତ୍ତମାନର ପରିବହନ ପଦ୍ଧତି ସମ୍ବନ୍ଧରେ ଜଣାଇବେ। ଏହାସହ ସେମାନଙ୍କୁ ରେଳପଥ ମାଧ୍ୟମରେ ପରିବହନ କରିବା ପାଇଁ ଆକୃଷ୍ଟ କରିବେ। ଏହା ଶିଳ୍ପ ଓ ବାଣିଜ୍ୟ ପ୍ରତିନିଧି ଏବଂ ରେଳ ପଣ୍ୟ ଉପଭୋକ୍ତାଙ୍କୁ ଉପଯୁକ୍ତ ଜୋନାଲ୍ ଓ ମଣ୍ଡଳସ୍ତରରେ ରେଳପଥ ସହିତ ସମ୍ପର୍କ ସ୍ଥାପନା କରିବାରେ ସହାୟକ ହେବ। ଏହି ୟୁନିଟ୍ ଭାରତୀୟ ରେଳପଥରେ ୨୦୨୪ ସୁଦ୍ଧା ମାଲ୍ ପରିବହନକୁ ଦୁଇ ଗୁଣିତ କରିବା ଲକ୍ଷ୍ୟଧାର୍ଯ୍ୟ ଉପରେ ଗୁରୁତ୍ୱଦେବ।

## ଖଦି ମିଲ୍ ପରିସରରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ମାହାଙ୍ଗା,୧୧।୭(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଗେଡପଡାସ୍ଥିତ ସର୍ବୋଦୟ ସେବା ସମବାୟ ସମିତ ଖଦି ମିଲ୍ କାର୍ଯ୍ୟାଳୟ ପରିସରରୁ ଶନିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ସାଲେପୁର ଥାନା ରାଘବପୁର ଗ୍ରାମର କେଶବ ଚନ୍ଦ୍ର ସାହୁ। ମୃତଦେହ ଉଦ୍ଧାର ବେଳେ ଗୋଟିଏ ଗୋଡ ଟୁଲ୍‌ରେ ଥିବା ବେଳେ ଅନ୍ୟ ଗୋଡ଼ ତଳେ ଝୁଲୁଥିଲା। ଫଳରେ ତାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଖଦି ମିଲ୍‌ରେ ତାଙ୍କ ସ୍ତ୍ରୀ ତିଲୋତ୍ତମା ପୃଷ୍ଟି କାର୍ଯ୍ୟ କରନ୍ତି। ଉଭୟ ଏଠାରେ ଦୀର୍ଘଦିନ ହେବ ରହୁଥିଲେ। ମାତ୍ର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗିରହିଥିଲା। ଏଥିପାଇଁ କିଛି ଦିନ ପୂର୍ବେ ତିଲୋତ୍ତମା ମାହାଙ୍ଗା ଥାନାରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉଭୟ ଅଲଗା ରହିବା ପାଇଁ ଥାନାରେ ଆପୋସ ବୁଝାମଣା ହେବା ପରେ ଏହାର ସମାଧାନ ହୋଇଥିଲା। କେଶବଙ୍କ ମୃତ୍ୟୁ ପରେ ଭାଉଜ ସୁକାନ୍ତି ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଅପମୃତ୍ୟୁ ମାମଲା (ନଂ.୮/୨୦)ରୁଜୁ ହୋଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ସମୀର ଲେଙ୍କା ପ୍ରକାଶ କରିଛନ୍ତି।

# କଟକରେ ଶଟ୍‌ଡାଉନ ବଢ଼ିବା ମେସେଜ ଭାଇରାଲ

**କଟକ ଅଫିସ,୧୧।୭**




■ବଢ଼ିବନି ବୋଲି ସ୍ପଷ୍ଟ କଲା ସିଏମ୍‌ସି

■ଗୁଜବ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା

କଟକ ସହରରେ ଶଟ୍‌ଡାଉନକୁ ୨୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ଏକ ମେସେଜ୍ ଭାଇରାଲ୍ ହୋଇଥିଲା। ଏନେଇ କଟକ ମହାନଗର ନିଗମ (ସିଏମ୍‌ସି) ସ୍ପଷ୍ଟୀକରଣ ଦେଇଛି। ସହରରେ ଶଟ୍‌ଡାଉନ ବଢ଼ାଇବା ପାଇଁ କୌଣସି ପ୍ରକାର ନିଷ୍ପତ୍ତି ନିଆଯାଇ ନାହିଁ। ଯେଉଁ ମେସେଜ୍ ଭାଇରାଲ୍ ହେଉଛି, ତାହା ମିଥ୍ୟା ବୋଲି ସିଏମ୍‌ସି ତରଫରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ଓଡ଼ିଶା ସୁରକ୍ଷା ସେନାର କଟକ ଶାଖା ପକ୍ଷରୁ ପୁରୀଘାଟ ଥାନାରେ ଏତଲା ଦିଆଯାଇଛି। ସିଏମ୍‌ସିର ଲୋଗୋକୁ ରଖି ମେସେଜ ଭାଇରାଲ ହେଉଥିବା ଯୋଗୁ ଲୋକେ ବିଶ୍ୱାସ କରୁଛନ୍ତି। ଏଭଳି ଗୁଜବ ପ୍ରସାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏପିଡେମିକ ଆକ୍ଟ ଅନୁସାରେ ଦଣ୍ଡ ଦେବାକୁ ସେନା ପକ୍ଷରୁ ଦାବି କରାଯାଇଛି। ସେନା ପକ୍ଷରୁ ସାଧାରଣ ସମ୍ପାଦକ ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ସତ୍ୟବ୍ରତ ପଣ୍ଡା, ଦେବବ୍ରତ ମିଶ୍ର, ପାର୍ଥ ସାରଥୀ ସ୍ୱାଇଁ, ରାଜକିଶୋର ବାରିକ ଉପସ୍ଥିତ ରହି ଏତଲା ଦେଇଥିଲେ।

# ଗୃହିଣୀ ସାଜିଲେ ଅଟୋଚାଳକ

**ଖୋର୍ଦ୍ଧା ଅଫିସ,୧୧।୭**



■୪ ପ୍ରାଣୀକୁଟୁମ୍ବଙ୍କ ପେଟ ପୋଷୁଛନ୍ତି ରସିଦା

■ଅନ୍ୟ ମହିଳାଙ୍କ ଲାଗି ପାଲଟିଛନ୍ତି ପ୍ରେରଣାର ଉତ୍ସ

କରୋନା ଯୋଗୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି। ଏଭଳି ସ୍ଥିତିରେ ଲୋକେ କାମଧନ୍ଦା ନ ପାଇ ଘରେ ବସି ରହିଛନ୍ତି। ଘରେ ବସିବା ଅପେକ୍ଷା ଅଟୋ ଚଳାଇ ଜଣେ ମହିଳା ଗତ ୪ମାସ ହେବ ତାଙ୍କ ପରିବାର ପୋଷଣ କରୁଛନ୍ତି। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୭ନଂ. ୱାର୍ଡର ବାସିନ୍ଦା ରସିଦା ବେଗମ(୪୮)ଙ୍କ କ୍ଷେତ୍ରରେ। ସେ ଅନ୍ୟ ମହିଳାମାନଙ୍କ ଲାଗି ପାଲଟିଛନ୍ତି ପ୍ରେରଣାର ଉତ୍ସ।

ରସିଦାଙ୍କ କହିବାନୁଯାୟୀ, ତାଙ୍କ ସ୍ୱାମୀ ଏକ ଅଟୋ ଫାଇନାନ୍ସରେ କିଣି ଚଳାଉଥିଲେ। ଗତ କିଛି ମାସ ପୂର୍ବେ ତାଙ୍କ ସ୍ୱାମୀ ପକ୍ଷଘାତ ରୋଗରେ ଆକ୍ରାନ୍ତ ହେବା ସହ ଆଖିକୁ ମଧ୍ୟ ଠିକ୍‌ରେ ଦେଖାଗଲା ନାହିଁ। ଏହା ପରେ ପରିବାର ଚଳାଇବା କଷ୍ଟକର ହୋଇପଡିଥିଲା। ଅଟୋକୁ ଭଡ଼ାରେ ଚଳାଇବା ଲାଗି ଜଣଙ୍କୁ ଦେଇଥିଲି। ହେଲେ ଲାଭ ହେବା ପରିବର୍ତ୍ତେ ଅଟୋର ମରାମତି ଖର୍ଚ୍ଚ ବଢ଼ିଯାଇଥିଲା। ଏପଟେ କରୋନା ଯୋଗୁ କେଉଁଠି ବି କାମ ମିଳିଲା ନାହିଁ। ଦୁଇ ଝିଅ, ଗୋଟିଏ ପୁଅ ଏପଟେ ସ୍ୱାମୀର ଚିକିତ୍ସା ଚିନ୍ତା କରି ଭାଙ୍ଗିପଡିଥିଲି। ଏହା ପରେ ଆର୍ଥିକ ଅଭାବ ଅନଟନକୁ ଦୂର କରିବା ପାଇଁ ନିଜେ ଅଟୋ ଚଳାଇବା ଲାଗି ଶିକ୍ଷା ଆରମ୍ଭ କରିଥିଲି। ପରେ ଜଣେ ଗୃହିଣୀରୁ ଅଟୋଚାଳକ ପାଲଟି ଯାଇଥିଲି। ପ୍ରତ୍ୟେକ ଦିନ ଭୋର୍‌ରୁ ଉଠି ଘର କାମ ସହ ରୋଷେଇ ସାରି ଅଟୋ ନେଇ ବାହାରିଯାଇଥାଏ। ଜଟଣୀଠାରୁ ଭୁବନେଶ୍ୱର ଓ ନିମାପଡ଼ା ପର୍ଯ୍ୟନ୍ତ ଦୈନିକ ୬୦ରୁ ୭୦କି.ମି. ଯାତ୍ରା କରିଥାଏ। ତେଲ ଖର୍ଚ୍ଚ ଛାଡି ଦୈନିକ ଶହେ କି ଦୁଇ ଶହ ଟଙ୍କା ରୋଜଗାର ହୋଇଥାଏ। ଏହି ଟଙ୍କାରୁ ପରିବାର ଚଳୁଥିବା ବେଳେ ଅଟୋର ମାସିକିଆ ଇନଷ୍ଟାଲମେଣ୍ଟ ଭରିବାକୁ ପଡ଼ିଥାଏ। ଏବେ ଏହା ମୋ ଜୀବନ ଜୀବିକା ପାଲଟିଯାଇଛି। ସକାରଙ୍କ ପକ୍ଷରୁ ରାଶନକାର୍ଡ ମିଳିଥିବା ବେଳେ ଅନ୍ୟ କୌଣସି ସହାୟତା ମିଳିନାହିଁ। ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳିଲେ, ପରିବାର ଚଳାଇବା ସହଜ ହେବ ବୋଲି ସେ କହିଛନ୍ତି।

> ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ। –ଶ୍ରୀଅରବିନ୍ଦ



# ଆଇନର ଶାସନ



ଆକାର ପଟେଲ

ମିଳିତ ଜାତିସଂଘ ଆଇନର ଶାସନକୁ ନିମ୍ନ ପ୍ରକାରେ ସଂଜ୍ଞାବଦ୍ଧ କରିଛନ୍ତି: ଏହା ଏକ ପ୍ରକାର ଶାସନ ନୀତି, ଯେଉଁଥିରେ ରାଷ୍ଟ୍ର ସମେତ ସମସ୍ତ ସରକାରୀ ତଥା ବେସରକାରୀ ବ୍ୟକ୍ତି, ଅନୁଷ୍ଠାନ ଓ ସଂସ୍ଥା ଆଇନ ପାଖରେ ଉତ୍ତରଦାୟୀ ଏବଂ ଯାହା ସର୍ବସାଧାରଣରେ ପ୍ରକାଶିତ, ସମାନ ଭାବରେ ଲାଗୁ ହୋଇଥାଏ, ସ୍ୱାଧୀନ ଭାବରେ ବିଚାର କରାଯାଇଥାଏ ଏବଂ ଯାହା ଅନ୍ତର୍ଜାତୀୟ ମାନବିକ ଅଧିକାରର ମାନ ଓ ମାନଦଣ୍ଡ ସହ ସଙ୍ଗତିଶୀଳ। ଭାରତ ହେଉଛି ଆଇନର ଶାସନ ଚାଲୁଥିବା ଦେଶ ଏବଂ ଆମ ସମ୍ବିଧାନର ଧାରା ୨୧ରେ କୁହାଯାଇଛି ଯେ, 'ଆଇନ ଦ୍ୱାରା ସ୍ଥାପିତ ପଦ୍ଧତି ବ୍ୟତୀତ କୌଣସି ବ୍ୟକ୍ତି ତାଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ ହେବେ ନାହିଁ।' ଏହାକୁ ମାନିବାକୁ ସରକାର ଆଇନ ଅନୁଯାୟୀ ବାଧ୍ୟ। ଏହି ନିୟମ ନ ମାନିବା ଅର୍ଥ ହେଉଛି ଆଇନ ଭାଙ୍ଗିବା ଏବଂ ଅପରାଧ କରିବା। ଇନ୍ଦିରା ଗାନ୍ଧୀଙ୍କ ଏକଚ୍ଛତ୍ର କ୍ଷମତାକୁ ସୁପ୍ରିମ୍‌କୋର୍ଟ ଦେଇଥିବା ମଞ୍ଜୁରୀ ବିରୋଧରେ ଜଷ୍ଟିସ୍ ଏଚ୍.ଆର୍. ଖାନ୍ନା କହିଥିଲେ ଯେ ଜୀବନ ଓ ସ୍ୱାଧୀନତା ବିନା ଆଇନହୀନ ସମାଜ ଏବଂ ଆଇନ ଦ୍ୱାରା ପରିଚାଳିତ ସମାଜ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ସେ ସମୟରେ ଭାରତର ଆର୍ଟର୍ନି ଜେନେରାଲ୍ ନିରେନ୍ ଦେ ଦାବି କରିଥିଲେ ଯେ ଜରୁରିକାଳୀନ ପରିସ୍ଥିତିରେ ଧାରା ୨୧ ଅନୁଯାୟୀ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ମଧ୍ୟ ସରକାରଙ୍କ ଦୟାଧୀନ ଥିଲା। କେତେ ଦଶନ୍ଧି ପରେ ଜଷ୍ଟିସ୍ ଖାନ୍ନାଙ୍କ ମତକୁ ଏକ ନଅ ଜଣିଆ ବିଚାରପତିଙ୍କ ବେଞ୍ଚ ସମର୍ଥନ କରିଥିଲେ ଏବଂ କହିଥିଲେ: ''କୌଣସି ସଭ୍ୟ ରାଷ୍ଟ୍ର ଆଇନଗତ କ୍ଷମତା ବିନା ଜୀବନ ତଥା ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଆକ୍ରମଣର ଚିନ୍ତା ବି କରିପାରିବ ନାହିଁ। ଜୀବନ ବା ସ୍ୱାଧୀନତା ମଧ୍ୟ ରାଷ୍ଟ୍ର କାହାକୁ ଦାନରେ ଦେଇନାହିଁ କିମ୍ବା ସମ୍ବିଧାନ ଏ ଅଧିକାର ସୃଷ୍ଟି କରି ନାହିଁ। ଜୀବନର ଅଧିକାର ସମ୍ବିଧାନ ସୃଷ୍ଟି ହେବା ପୂର୍ବରୁ ରହିଆସିଛି। ଅଧିକାରକୁ ଚିହ୍ନିବା ଦ୍ୱାରା ସମ୍ବିଧାନ ଅଧିକାରର ଏକମାତ୍ର ଭଣ୍ଡାରରେ ପରିଣତ ହୁଏ ନାହିଁ।''

ଆଜି ଭାରତରେ ଯାହା ଘଟୁଛି ତାହା ଆଇନର ଶାସନ ନୁହେଁ। ଆମେ ଏକ ଆଇନହୀନ ରାଷ୍ଟ୍ର ଏବଂ ମୁଁ କ୍ରୋଧରେ କିମ୍ବା ନିରାଶାରେ ଏହା କହୁ ନାହିଁ। ଆମ ଚାରିପାଖରେ ଯାହା ଘଟୁଛି ତାହାର ଏକ ଅବ୍‌ଜେକ୍ଟିଭ୍ ଷ୍ଟେଟ୍‌ମେଣ୍ଟ ଭାବରେ ମୁଁ ଏହା କହୁଛି। ଜଣେ ବ୍ୟକ୍ତି ଯିଏ ନିଜର ପ୍ରଭାବ ଦ୍ୱାରା ସାଂଘାତିକ ଅପରାଧ କରି ଖସିଯାଉଥିଲେ ଓ ତାଙ୍କୁ ପୋଲିସ ଧରିପାରୁ ନ ଥିଲା, ସେ ଆତ୍ମସମର୍ପଣ କରିବା ପରେ ବାବୁମାନଙ୍କ ଗୁମର ଖୋଲିଯିବା ଭୟରେ ତାଙ୍କୁ ହାଜତରେ ଗୁଳି କରି ମାରିଦିଆଗଲା। ସମ୍ବିଧାନ ଅନୁଯାୟୀ ତାଙ୍କର ବିଚାର କରାଗଲା ନାହିଁ ଏବଂ ବିନା ନ୍ୟାୟିକ ପ୍ରକ୍ରିୟାରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା।

ତେବେ କେବଳ ଏହି ଆଧାରରେ ଭାରତ ଏକ ଆଇନହୀନ ରାଷ୍ଟ୍ର ବୋଲି ମୁଁ କହୁନାହିଁ। ଭାରତରେ କିମ୍ବା ଉତ୍ତରପ୍ରଦେଶରେ ମଧ୍ୟ ଏହା ପ୍ରଥମ ଏନ୍‌କାଉଣ୍ଟର ନୁହେଁ। ଯୋଗୀ ଆଦିତ୍ୟନାଥ ଉତ୍ତରପ୍ରଦେଶ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସେଠାରେ ୧୧୯ ଜଣଙ୍କୁ ଏପରିଭାବେ ହତ୍ୟା କରାଯାଇଛି ଏବଂ ଦେଶସାରା ଏମିତି ଅନେକ ମାମଲା ରହିଛି। ଦୋକାନ ଖୋଲିଥିବାରୁ ଜଣେ ବାପା ଓ ତାଙ୍କ ପୁଅକୁ ପୋଲିସ ନିର୍ଯାତନା ଦେଇ ହତ୍ୟା କରିପାରେ। ଏହା ଭାରତରେ ଘଟୁଛି। ଅନ୍ୟ ଅରାଜକ ଦେଶରେ ମଧ୍ୟ ଏହା ଘଟେ ଏବଂ ତାହା ସତ୍ୟ। ଯେଉଁମାନଙ୍କର କ୍ଷମତା ଅଛି ସେମାନେ ଏକ ଅରାଜକ ଦେଶରେ ତାକୁ ଯାହା ବିରୋଧରେ ଇଚ୍ଛା ପ୍ରୟୋଗ କରିପାରିବେ। ଭାରତ ଭଳି ଆଇନହୀନ ଦେଶରେ ସରକାରଙ୍କୁ ମଧ୍ୟ ଆଇନ ଜଣା ନାହିଁ। ନରେନ୍ଦ୍ର ମୋଦି ସରକାର ପଶୁ ବଜାରରେ ବଧ ପାଇଁ ଗାଈ ଓ ବଳଦଙ୍କ ବିକ୍ରି ଉପରେ ନିଷେଧାଦେଶ ଜାରି ଏକ ଆଇନ ପାସ୍ କରିଦେଲେ। ମୋଦି ଗାଈମାନଙ୍କୁ ଭଲ ପାଆନ୍ତି କିନ୍ତୁ ଜାଣି ନ ଥିଲେ ଯେ ତାଙ୍କର ଏପରି ଆଇନ କରିବାର ଅଧିକାର ନାହିଁ। ଏହାର କାରଣ ହେଉଛି ସମ୍ବିଧାନରେ ଏହା କେନ୍ଦ୍ର ତାଲିକାରେ ନୁହେଁ ବରଂ ରାଜ୍ୟ ତାଲିକାରେ ଅଛି। କେନ୍ଦ୍ର ସରକାର ଆଇନ କରିବା ପୂର୍ବରୁ ଏହା ଜାଣି ନ ଥିଲେ। ସୁପ୍ରିମ୍‌କୋର୍ଟ ଏହା ଦର୍ଶାଇବା ପରେ ଆଇନକୁ ପ୍ରତ୍ୟାହାର କରାଯାଇଥିଲା। ଆଇନହୀନ ଦେଶରେ ଏମିତି ସବୁ ଘଟେ। ସରକାର ନିଜେ ଆଇନ ନ ଜାଣିଲେ କେମିତି ଏହାକୁ ପାଳନ କରିବେ? ରାଜ୍ୟ ସରକାର ବି ଜାଣନ୍ତି ନାହିଁ ଏବଂ ବେଳେବେଳେ ସୁପ୍ରିମ୍‌କୋର୍ଟ ମଧ୍ୟ ଜାଣନ୍ତି ନାହିଁ। ୧୯୬୭ ମସିହାରେ ଓଡ଼ିଶା ସରକାର ଧର୍ମପରିବର୍ତ୍ତନକୁ ନିଷିଦ୍ଧ କରି ଏକ ଆଇନ ପ୍ରଣୟନ କରିଥିଲେ, ଯାହା ସମ୍ବିଧାନର ଧାରା ୨୫ର ସ୍ପଷ୍ଟ ଉଲ୍ଲଂଘନ। ବିଧାନସଭା ବିତର୍କରୁ ଜଣାପଡିଛି ଯେ, ଧର୍ମାନ୍ତରୀକରଣର ନିର୍ଦ୍ଦିଷ୍ଟ ଅର୍ଥ ସହିତ ଧର୍ମ ପ୍ରଚାର କରିବାର ଅଧିକାର ଧାରା ୨୫ରେ ନିଶ୍ଚିତ ହୋଇଛି। ଓଡ଼ିଶା ହାଇକୋର୍ଟ ଏହି ଆଇନକୁ ଖଣ୍ଡନ କଲାବେଳେ ସୁପ୍ରିମ୍‌କୋର୍ଟ ହାଇକୋର୍ଟଙ୍କ ରାୟକୁ ରଦ୍ଦ କରିଦେଇଥିଲେ। ଏହାର ଫଳାଫଳ ହେଉଛି ଯେ, ୧୦ଟି ରାଜ୍ୟ ବର୍ତ୍ତମାନ ଧର୍ମାନ୍ତରୀକରଣ ବିରୋଧୀ ଆଇନ ପ୍ରଣୟନ କରିଛନ୍ତି। ପ୍ରତାରଣାପୂର୍ଣ୍ଣ ଭାବେ ଏହାକୁ 'ଧର୍ମଗତ ସ୍ୱାଧୀନତା ଆଇନ' ବୋଲି ନାମକରଣ କରାଯାଇଛି। ଏହି ଆଇନ ପ୍ରଣୟନ କରିବାରେ ଉତ୍ତରପ୍ରଦେଶ ଏକାଦଶ ରାଜ୍ୟ ହେବାକୁ ଯାଉଛି। ଆଦିତ୍ୟନାଥ ତାଙ୍କ ପୋଲିସକୁ ଯାହା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ତାହା ଏକ ଅପରାଧ, ଯେଉଁଥିପାଇଁ ସାମ୍ବିଧାନିକ ଭାବେ ସେ ଦଣ୍ଡିତ ହେବା ଉଚିତ। ଏପରି ଘଟଣା ଏକ ଆଇନହୀନ ଦେଶରେ ଘଟେ। ଅଦାଲତଗୁଡ଼ିକ କ୍ରିୟାହୀନ, ଅନେକ ବିଚାରପତିଙ୍କୁ ଆଇନ ଜଣାନାହିଁ, ବ୍ୟବସ୍ଥାପକ ସଭା ନିୟମିତ ବସେ ନାହିଁ, ନିର୍ବାଚିତ ଜନପ୍ରତିନିଧିମାନେ ଆଇନକୁ ଅନୁସରଣ କରନ୍ତି ନାହିଁ ଏବଂ ପୋଲିସ୍ ତାଙ୍କ ହାଜତରେ କାହାକୁ ହତ୍ୟା ବି କରିପାରନ୍ତି। ଏହା ହେଉଛି ଆମ ଭାରତ।

aakar.patel@gmail.com

# ଚାଇନା ସହ ଭାରତର ବ୍ୟବସାୟିକ ସମୀକରଣ



ବିଚିତ୍ର ବିଶ୍ୱାଳ

ଭାରତର ସୀମା ଭିତରକୁ ଚାଇନାର ଅନୁପ୍ରବେଶ ଓ ସେଥିପାଇଁ କୋଡ଼ିଏ ଜଣ ଭାରତୀୟ ଯବାନ ଶହୀଦ ହେବା ପରେ ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କରେ ଅତ୍ୟନ୍ତ ତିକ୍ତତା ପ୍ରକାଶ ପାଇବା ପରେ କୂଟନୈତିକ ସ୍ତରରେ ଦୁଇ ପକ୍ଷର ଆଲୋଚନା ଯୋଗୁ ଚାଇନା ପଛକୁ ହଟିଛି। ତଥାପି ଏପରି ସ୍ଥିତିରେ ସାଧାରଣ ଭାରତୀୟଙ୍କ ମଧ୍ୟରେ ଚାଇନା ପ୍ରତି ଅତ୍ୟନ୍ତ କ୍ରୋଧ ପ୍ରକାଶ ପାଉଥିବାର ଦେଖାଯାଉଛି। ଚାଇନାର ଦାଦାଗିରି ବିରୋଧରେ ପ୍ରତିବାଦ ସଭା ଓ ଚାଇନା ସାମଗ୍ରୀ ବର୍ଜନ କରିବାକୁ ଅନେକ ଲୋକ ଆହ୍ୱାନ ଦେଉଛନ୍ତି। ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ସବୁଆଡ଼େ ଲୋକମାନେ ଚାଇନା ବିରୋଧରେ ବିଷୋଦ୍‌ଗାର ଓ ଚାଇନା ସାମଗ୍ରୀକୁ ପୋଡୁଥିବା ଓ ଭାଙ୍ଗୁଥିବାର ଖବରମାନ ଟିଭି ପରଦାରେ ଦେଖିବାକୁ ମିଳୁଛି। ସୀମାରେ ଚାଇନା ଦ୍ୱାରା ୨୦ ଜଣ ଯବାନ ଶହୀଦ ହେବା ପରେ ଭାରତବାସୀଙ୍କର ଏପରି କ୍ରୋଧ ପ୍ରକାଶ ପାଇବା ସ୍ୱାଭାବିକ। କିନ୍ତୁ ସରକାର ଏପର୍ଯ୍ୟନ୍ତ ଚାଇନା ବିରୋଧରେ ଠୋସ୍ କିଛି କହିଥିବାର ଶୁଣାଯାଉନି। ବରଂ ସରକାର ପ୍ରଥମେ କହୁଥିଲେ ସୀମାରେ ହୋଇଥିବା ସଂଘର୍ଷରେ ଭାରତର କେହି ଯବାନ ନିଖୋଜ ହୋଇନାହାନ୍ତି। କିନ୍ତୁ ପରମୁହୂର୍ତ୍ତରେ ଚାଇନା ଯବାନମାନଙ୍କୁ ଛାଡ଼ିବା ପରେ ଭାରତ ସରକାର ଯବାନଙ୍କ ନିଖୋଜ ଘଟଣାକୁ ସ୍ୱୀକାର କରିଛନ୍ତି। ଏଥିରୁ ଗୋଟିଏ କଥା ବୁଝିହେଉଛି ଯେ, ସରକାର ଚାଇନା ବିରୋଧରେ ଦୃଢ଼ଭାବେ କିଛି ପଦକ୍ଷେପ ନେବା ପରିସ୍ଥିତିରେ ନାହାନ୍ତି। କିନ୍ତୁ ଲୋକମାନେ ଯେତେବେଳେ ଚାଇନା ସାମଗ୍ରୀ ବର୍ଜନକୁ ନେଇ ବାରମ୍ବାର ଦାବି କରିଆସୁଛନ୍ତି ଓ ସରକାରଙ୍କୁ ଚାଇନା ସହିତ ସମସ୍ତ ପ୍ରକାର ବ୍ୟବସାୟିକ ସମ୍ପର୍କ ଛିନ୍ନ କରିବାକୁ ଆହ୍ୱାନ ଦେଉଛନ୍ତି, ସରକାର ସେ ବିଷୟରେ ସମ୍ପୂର୍ଣ୍ଣ ନୀରବ ଅଛନ୍ତି, କେବଳ ସଂପ୍ରତି ୫୯ଟି ଚାଇନା 'ଆପ୍‌'କୁ ନିଷିଦ୍ଧ ଘୋଷଣା କରିବା ବ୍ୟତୀତ। ତାହା ପୁଣି ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ପ୍ରସଙ୍ଗରେ ନିଷିଦ୍ଧ ଘୋଷଣା କରାଯାଇଛି। ଆମ ସରକାରଙ୍କର ଏହି ପଦକ୍ଷେପ ଚାଇନା ପ୍ରତି ନିଶ୍ଚିତ ଭାବେ ଏକ ଦୃଢ଼ ପଦକ୍ଷେପ ନୁହେଁ। ସରକାରଙ୍କ କିଛି ସମର୍ଥକ ଏକଥା ବି କହୁଛନ୍ତି ଯେ, ଅନ୍ତର୍ଜାତୀୟ ଚୁକ୍ତି ଆଦି ପାଇଁ ଭାରତ ସରକାର ଚାଇନା ସହିତ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିପାରିବେ ନାହିଁ। ଲୋକମାନେ ଚାଇନା ବସ୍ତୁ ବର୍ଜନ କରିବା ଉଚିତ। ଏହା ଠିକ୍ ପର ପାଟିରେ ଲଙ୍କା ଚାଖିବା ପରି। ଅନ୍ତର୍ଜାତୀୟ ଚୁକ୍ତି ଶୁଳ୍କ ଓ ବାଣିଜ୍ୟ ସଂକ୍ରାନ୍ତ ସାଧାରଣ ରାଜିନାମା (ଗ୍ୟାଟ୍)ର ଧାରା ୨୧(ଖ) ୩ ଅନୁଯାୟୀ ବିଶ୍ୱ ବାଣିଜ୍ୟ ସଂଗଠନର ଏକ ସଦସ୍ୟ ଦେଶ ଅନ୍ୟ ଏକ ଦେଶ ବିରୋଧରେ ବାଣିଜ୍ୟିକ କାର୍ଯ୍ୟାନୁଷ୍ଠାନ ନେଇପାରିବ। ଯୁଦ୍ଧ ସମୟରେ, ନିଜ ଦେଶର ସୁରକ୍ଷା, ସ୍ୱାର୍ଥ କିମ୍ବା ଅନ୍ତର୍ଜାତୀୟ ସମ୍ପର୍କରେ ଜରୁରିକାଳୀନ ପରିସ୍ଥିତିକୁ ଦେଖି ଏହି ପଦକ୍ଷେପ ନିଆଯାଇପାରିବ। ଭାରତ ଏବଂ ଚାଇନା ମଧ୍ୟରେ ସଂପ୍ରତି ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା କଥା ଉଠୁଥିବାରୁ ଭାରତ ଚାହିଁଲେ ଚାଇନା ସହିତ ଏପରି ପଦକ୍ଷେପ ନେଇପାରିବ। ପାକିସ୍ତାନ ବିରୋଧରେ ଭାରତ ସରକାର ଶୁଳ୍କ ବୃଦ୍ଧି ପାଇଁ ଯେପରି ପଦକ୍ଷେପ ନେଇଥିଲେ, ଚାଇନା ସହିତ ମଧ୍ୟ ସେପରି ପଦକ୍ଷେପ ନେଇପାରିବ। କିନ୍ତୁ ଅସଲ କଥା ହେଉଛି, ଭାରତ ସରକାର ଚାଇନା ବିରୋଧରେ ସେପରି ପଦକ୍ଷେପ ନେବାକୁ ଚାହୁଁନାହାନ୍ତି। କାରଣ ପାକିସ୍ତାନ ସହିତ ଭାରତର ବାଣିଜ୍ୟର ଆକାର ଆଖିଦୃଶିଆ ନ ଥିଲା, କିନ୍ତୁ ଚାଇନା ସହିତ ଭାରତର ବାଣିଜ୍ୟର ଆକାର ବହୁତ ବଡ଼। ଏଥିରେ ଚାଇନା ଅପେକ୍ଷା ଭାରତର ସ୍ୱାର୍ଥ ଅଧିକ ଜଡ଼ିତ।

ଅନ୍ୟପକ୍ଷରେ ପ୍ରଶ୍ନ ଉଠୁଛି, ଭାରତ ସରକାର କ'ଣ ଚାଇନା ସାମଗ୍ରୀକୁ ବର୍ଜନ କରିପାରିବେ? ଭାରତ ଚାଇନା ସହିତ ବ୍ୟବସାୟିକ ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବେ ଛିନ୍ନ କରିବାକୁ ସମର୍ଥ କି ଓ ଏହାଦ୍ୱାରା ସତରେ କ'ଣ ଚାଇନାର ଆର୍ଥିକ ଅବସ୍ଥା ଦୋହଲିଯିବ? ପରିସଂଖ୍ୟାନରୁ ଜଣାଯାଉଛି ଯେ, ଆର୍ଥିକ ଓ ବ୍ୟବସାୟିକ ପରିସ୍ଥିତିକୁ ନେଇ ଭାରତ ସରକାର ଚାଇନା ସହିତ ପାକିସ୍ତାନ ପରି ବ୍ୟବହାର କରିପାରିବ ନାହିଁ। ଯଦି ଆମେ ପରିସଂଖ୍ୟାନ ଉପରେ ଆଖି ପକେଇବା ତେବେ ଜାଣିବା ଯେ, ଆଜି ୨୦୨୦ରେ ଆମ ଅର୍ଥନୀତି ଚାଇନା ଉପରେ ଅଧିକାଂଶ ଭାବେ ନିର୍ଭରଶୀଳ। ଆମେ ଚାଇନା ସାମଗ୍ରୀ ବର୍ଜନ କଲେ ବା ଚାଇନା ସାମଗ୍ରୀ ଉପରେ ପ୍ରତିବନ୍ଧକ ଲଗେଇଲେ ଚାଇନାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ନାହିଁ। ଏପରି କି ଆମର ପ୍ରତିବନ୍ଧକ ଦ୍ୱାରା ଚାଇନାର ଯେତିକି କ୍ଷତି ହେବ ତା'ଠାରୁ ଅଧିକ କ୍ଷତି ଭାରତର ହେବ। କାରଣ ଏପର୍ଯ୍ୟନ୍ତ ଆମେ କେବଳ ଆତ୍ମନିର୍ଭରଶୀଳତାର ଭାଷଣ ଦେଇ ଆସିଛୁ କିନ୍ତୁ ପ୍ରକୃତ ଅର୍ଥରେ ଆତ୍ମନିର୍ଭରଶୀଳ ହେବାକୁ ପ୍ରୟାସ ବି କରିନାହୁଁ। କୌଣସି ସରକାର ବି ଭାରତକୁ ଆତ୍ମନିର୍ଭରଶୀଳ କରିବା ଦିଗରେ କିଛି ବି ଠୋସ୍ ପଦକ୍ଷେପ ନେଇନାହାନ୍ତି।

ଭାରତ ଚାଇନାକୁ ଯେତିକି ପରିମାଣର ରପ୍ତାନି କରୁଛି ତାହା ଭାରତର ସମୁଦାୟ ରପ୍ତାନିର ମାତ୍ର ୫ପ୍ରତିଶତ। ସେହିପରି ଭାରତର ସମୁଦାୟ ଆମଦାନିରେ ଚାଇନାର ଭାଗ ୧୪ପ୍ରତିଶତ। ଅର୍ଥାତ୍ ଭାରତ ଯେତିକି ମୂଲ୍ୟର ଜିନିଷ ଆମଦାନି କରୁଛି ତା'ର ୧୪ପ୍ରତିଶତ କେବଳ ଚାଇନାରୁ ଆମଦାନି କରୁଛି। କିନ୍ତୁ ଚାଇନା କ୍ଷେତ୍ରରେ ଏହି ପରିସଂଖ୍ୟାନ ଅତ୍ୟନ୍ତ ନଗଣ୍ୟ। ଚାଇନା ଆମକୁ ଯାହା ରପ୍ତାନି କରୁଛି, ତାହା ତା'ର ସମୁଦାୟ ରପ୍ତାନିର ମାତ୍ର ୩ପ୍ରତିଶତ। ଏହା ବନ୍ଦ ହୋଇଗଲେ, ନିଶ୍ଚିତ ଭାବେ ଚାଇନା ଦୋହଲିଯିବ ନାହିଁ। ସେହିପରି ଚାଇନାର ଆମଦାନିରେ ଭାରତର ଭାଗ ମାତ୍ର ୧ପ୍ରତିଶତ। ପରିସଂଖ୍ୟାନକୁ ଦେଖିଲେ ବୁଝାପଡୁଛି ଯେ, କାଲି ଯଦି ଆମେ ଚାଇନା ସହିତ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିଦେବା ତେବେ ଚାଇନା ଅପେକ୍ଷା ଭାରତ ବେଶି ପ୍ରଭାବିତ ହେବ।

ଦ୍ୱିତୀୟ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାଟି ହେଉଛି, ସଂପ୍ରତି ଚାଇନାର କମ୍ପାନୀ ଭାରତର ସଫଳ ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକରେ ପ୍ରାୟ ୪୦୦ କୋଟି ଡଲାରର ଅର୍ଥ ନିବେଶ କରିଛନ୍ତି। ସେଥିରେ ଓୟୋ, ପେଟିଏମ୍ ଓ ଜୋମାଟୋ ପରି ସଫଳ ଓ ଘରେ ଘରେ ପରିଚିତ କମ୍ପାନୀଗୁଡ଼ିକ ଅନ୍ତର୍ଭୁକ୍ତ। ଚାଇନାର ଆଲିବାବା ଗ୍ରୁପ୍ 'ପେଟିଏମ୍‌'ରେ ୪୦୦ ମିଲିୟନ୍ ଡଲାର, ଜୋମାଟୋରେ ୨୦୦ ମିଲିୟନ୍ ଡଲାର, ବିଗ୍ ବାସ୍କେଟ୍‌ରେ ୨୫୦ ମିଲିୟନ୍ ଡଲାର, 'ପେଟିଏମ୍ ମଲ୍‌'ରେ ୧୫୦ ମିଲିୟନ୍ ଡଲାର, ସ୍ନାପ୍‌ଡିଲ୍‌ରେ ୧୦୦ମିଲିୟନ୍ ଡଲାର, ବାଇଜୁରେ ୫୦ ମିଲିୟନ୍ ଡଲାର ଓ ଓଲା, ସ୍ୱିଗି ଆଦିରେ ଚାଇନାର କମ୍ପାନୀଗୁଡ଼ିକ ପ୍ରଚୁର ପରିମାଣର ଟଙ୍କା ନିବେଶ କରିଛନ୍ତି। ଏହି ସବୁ କମ୍ପାନୀ ଓ ତାଙ୍କ ବ୍ୟବସାୟ ଚାଇନାର ଅର୍ଥରେ ହିଁ ଚାଲୁଛି। ତେଣୁ ଏପରି ପରିସ୍ଥିତିରେ ଭାରତ ଚାଇନା ସହିତ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିବା ସ୍ଥିତିରେ ହିଁ ନାହିଁ। କାରଣ ଏହାଦ୍ୱାରା ଭାରତର ଅର୍ଥନୀତି ଭୟଙ୍କର ଭାବେ ପ୍ରଭାବିତ ହେବ।

ଏହା ବ୍ୟତୀତ ୨୦୧୭–୧୮ରେ ଭାରତ ପ୍ରାୟ ୬୦ ପ୍ରତିଶତ ଇଲେକ୍ଟ୍ରିକ୍ ସାମଗ୍ରୀ ଚାଇନାରୁ ଆମଦାନି କରିଛି। ସେହିପରି ଭାରତରେ ବହୁଳ ଭାବେ ବିକ୍ରି ହେଉଥିବା ୫ଟି ମୋବାଇଲ୍ ଫୋନ୍‌ରୁ ୪ଟି ଫୋନ୍ ଚାଇନାର। ଭାରତର ମୋବାଇଲ୍ ଆମଦାନି କ୍ଷେତ୍ରରେ ଚାଇନାର ଭାଗ ମଧ୍ୟ ୬୦ପ୍ରତିଶତ। ସେହିପରି ପ୍ରାୟ ୩୦ ପ୍ରତିଶତ ଅଟୋମୋବାଇଲ୍ ସାମଗ୍ରୀ, ୫୦ପ୍ରତିଶତ ସାଇକେଲ ଓ ୯୦ପ୍ରତିଶତ ଖେଳନା ସାମଗ୍ରୀ ଭାରତ ଚାଇନାରୁ ଆମଦାନି କରିଥାଏ। ଔଷଧ ଆମଦାନି କ୍ଷେତ୍ରରେ ଚାଇନାର ଯୋଗଦାନ ବି କମ୍ ନୁହେଁ। ଚାଇନା ସାମଗ୍ରୀର ଆଉ ଗୋଟିଏ ମୁଖ୍ୟ କଥା ହେଉଛି, ତାହା ତୁଳନାତ୍ମକ ଭାବେ ଦାମ୍ କମ୍ ଓ ଗୁଣବତ୍ତା ଦୃଷ୍ଟିରୁ ବି ଖରାପ ନୁହେଁ। ତେଣୁ ଭାରତର ମଧ୍ୟବିତ୍ତମାନେ ଖୁବ୍ ସହଜରେ ଚାଇନା ସାମଗ୍ରୀର ପ୍ରେମରେ ପଡ଼ିଯାଉଛନ୍ତି। ଭାରତ ଯଦି ହଠାତ୍ ଚାଇନା ସାମଗ୍ରୀ ଉପରେ ପ୍ରତିବନ୍ଧକ ଲଗେଇ ଦିଏ, ଏହାର ସବୁଠାରୁ ଅଧିକ ପ୍ରଭାବ ପଡ଼ିବ ଭାରତର ମଧ୍ୟବିତ୍ତଙ୍କ ଉପରେ। ଯେଉଁମାନେ ଅଳ୍ପ ମୂଲ୍ୟରେ ସାମଗ୍ରୀ ପାଉଥିଲେ, ସେମାନେ ତାହା ହରେଇବାକୁ ବାଧ୍ୟ ହେବେ। ଆଉ ଗୋଟିଏ କଥା ହେଉଛି, ଭାରତ ଚାଇନାରୁ ମୁଖ୍ୟତଃ ତିଆରି ହୋଇଥିବା ସାମଗ୍ରୀ ଆମଦାନି କରେ ନାହିଁ। ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି ହେବା ପାଇଁ କଞ୍ଚାମାଲ୍ ବି ଆମଦାନି କରିଥାଏ। ଛୋଟ ଛୋଟ ଭାରତୀୟ କମ୍ପାନୀ ଏଥିରେ ଜିନିଷ ତିଆରି କରି ବିକ୍ରି କରିଥାନ୍ତି। ତେଣୁ ଚାଇନା ଉପରେ ପ୍ରତିବନ୍ଧକ ଲଗେଇ ଦେଲେ, ଭାରତର ଛୋଟ ଛୋଟ କମ୍ପାନୀଗୁଡ଼ିକ ବେଶି କ୍ଷତି ସହିବେ ଓ ଏହାର ସିଧା ପ୍ରଭାବ ନିଯୁକ୍ତି ଓ ଆମ ଅର୍ଥବ୍ୟବସ୍ଥା ଉପରେ ପଡ଼ିବ। ଏହା ବର୍ତ୍ତମାନର ଦୁର୍ବଳ ଅର୍ଥବ୍ୟବସ୍ଥାକୁ ଆହୁରି ଦୁର୍ବଳ କରିଦେବ। ବିଭିନ୍ନ ପ୍ରକାର ଔଷଧ ତିଆରି କରିବା ପାଇଁ ଭାରତ ଚାଇନାରୁ କଞ୍ଚାମାଲ୍ ଆମଦାନି କରିଥାଏ। ଚାଇନା ସହିତ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିଦେଲେ, ଭାରତ ଏତେ ଶୀଘ୍ର ସେହି ସବୁ କଞ୍ଚାମାଲ ଆଉ କେଉଁଠୁ ଆମଦାନି କରିବା ସମ୍ଭବପର ନୁହେଁ। ଏହା ଆମ ଔଷଧ ଉଦ୍ୟୋଗକୁ ବହୁଳ ଭାବେ ପ୍ରଭାବିତ କରିବ। ତେଣୁ ଭାରତ କ୍ଷେତ୍ରରେ ସଂପ୍ରତି ଚାଇନା ସହିତ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିବା ପ୍ରାୟତଃ ସମ୍ଭବପର ନୁହେଁ। ସେଥିପାଇଁ ସରକାର ଚାଇନା ସାମଗ୍ରୀକୁ ନେଇ ନୀରବ ଅଛନ୍ତି। ଚାଇନା ସାମଗ୍ରୀକୁ ନେଇ ସରକାରରେ ଥିବା କିଛି କିଛି ନେତା ଓ ସରକାରୀ ସମର୍ଥକ ସଂଗଠନଙ୍କ ବୟାନବାଜି କେବଳ ଲୋକଙ୍କ କ୍ରୋଧକୁ ସାମୟିକ ଭାବେ ଥଣ୍ଡା କରିବା ପାଇଁ ଉଦ୍ଦିଷ୍ଟ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

# ଆପ୍ରବାସୀ ଚିକିତ୍ସା ବିଶେଷଜ୍ଞ

ବ୍ୟକ୍ତିତ୍ୱ



ଡାକ୍ତର ସିଦ୍ଧାର୍ଥ ମୁଖାର୍ଜୀ

ଆମେରିକାର ଉନ୍ନତିରେ ଇମିଗ୍ରାଣ୍ଟ୍ସ ବା ଆପ୍ରବାସୀଙ୍କ ଭୂମିକା ସର୍ବଦା ଗୁରୁତ୍ୱ ବହନ କରିଆସିଛି। ଜୁଲାଇ ୪ ଆମେରିକାର ସ୍ୱାଧୀନତା ଦିବସ ପୂର୍ବରୁ ୨୦୦୬ରୁ ପ୍ରତିବର୍ଷ କାର୍ନେଜି କର୍ପୋରେଶନ ବାଛିବାଛି ବିଶିଷ୍ଟ ଆପ୍ରବାସୀଙ୍କୁ ସମ୍ମାନିତ କରିଆସୁଥିବାର ଏକ ପରମ୍ପରା ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, କାର୍ନେଜି କର୍ପୋରେଶନର ପ୍ରତିଷ୍ଠାତା ଆଣ୍ଡ୍ରୁ କାର୍ନେଜି ସ୍କଟଲାଣ୍ଡରୁ ଆସି ଆମେରିକାରେ ଶିଳ୍ପ ପ୍ରତିଷ୍ଠା କରି ଅନନ୍ୟ ଖ୍ୟାତି ଅର୍ଜନ କରିଥିଲେ। ଏକ ଗରିବ ପରିବାରରେ ଜନ୍ମିତ ଆଣ୍ଡ୍ରୁ ଜନକଲ୍ୟାଣ ଲାଗି ଗଠନ କରିଥିବା ପାଣ୍ଠି ସମଗ୍ର ଆମେରିକାର ଶିକ୍ଷା କାର୍ଯ୍ୟକ୍ରମକୁ ବିଶେଷ ସହାୟକ ହୋଇପାରିଛି। ଆପ୍ରବାସୀ ଭାବେ ଆମେରିକାରେ ତାଙ୍କ ବଳିଷ୍ଠ ଭୂମିକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ 'ଗ୍ରେଟ୍ ଇମିଗ୍ରାଣ୍ଟ୍ସ' ସମ୍ମାନ ଦିଆଯାଉଛି। ୨୦୨୦ ଲାଗି ସମ୍ମାନିତ ହୋଇଥିବା ୩୮ ଜଣ ଆପ୍ରବାସୀଙ୍କ ମଧ୍ୟରେ ଭାରତୀୟ–ଆମେରିକୀୟ ଡାକ୍ତର ସିଦ୍ଧାର୍ଥ ମୁଖାର୍ଜୀ ସ୍ଥାନ ପାଇଛନ୍ତି। ଆମେରିକାର ସ୍ୱାସ୍ଥ୍ୟ ଗବେଷଣା କ୍ଷେତ୍ରକୁ ଅତୁଳନୀୟ ଅବଦାନ ଲାଗି ତାଙ୍କୁ ମିଳିଥିବା ଏହି ସମ୍ମାନ ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରିଛି।

ସିଦ୍ଧାର୍ଥ ନୂଆଦିଲ୍ଲୀରେ ୨୧ ଜୁଲାଇ ୧୯୭୦ରେ ଜନ୍ମଗ୍ରହଣ କରିଥିଲେ। ପିତା ସିବେଶ୍ୱର ମୁଖାର୍ଜୀ ମିତ୍‌ସୁବିଶିରେ ଜଣେ ଏକ୍‌ଜିକ୍ୟୁଟିଭ୍ ଥିବା ବେଳେ ମାତା ଚନ୍ଦନା କଲିକତାରେ ଜଣେ ଶିକ୍ଷୟିତ୍ରୀ ଥିଲେ। ସିଦ୍ଧାର୍ଥ

କିନ୍ତୁ ନୂଆଦିଲ୍ଲୀର ସେଣ୍ଟ କଲମ୍ବା ସ୍କୁଲରେ ପଢ଼ି ୧୯୮୯ରେ ଶ୍ରେଷ୍ଠ ଛାତ୍ର ଭାବେ 'ସୋର୍ଡ ଅଫ୍ ଅନର'ରେ ସମ୍ମାନିତ ହୋଇଥିଲେ। ଉଚ୍ଚଶିକ୍ଷା ପାଇଁ ସେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଯୋଗଦେଇଥିଲେ। ସେଠାରେ ବାୟୋଲୋଜି ମେଜର ଭାବେ ନୋବେଲ ପୁରସ୍କାର ବିଜେତା ପଲ୍ ବର୍ଗଙ୍କ ପରୀକ୍ଷାଗାରରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। କ୍ୟାନ୍‌ସର ସେଲ୍‌ର ବ୍ୟବହାରିକ ପରିବର୍ତ୍ତନ ଆଣିବାରେ ସେଲୁଲାର ଜିନ୍‌ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଅଧ୍ୟୟନ କରିଥିଲେ। ସେ ୧୯୯୩ରେ ବ୍ୟାଚଲର ଅଫ୍ ସାଇନ୍ସ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ମାଗ୍‌ଦାଲେନ୍ କଲେଜରେ ଡକ୍ଟରାଲ ରିସର୍ଚ୍ଚ କରି ରୋଡ୍ସ୍ ସ୍କଲାରଶିପ୍ ପାଇଥିଲେ। ଭାଇରାଲ ଆଣ୍ଟିଜେନ୍ ମାଧ୍ୟମରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ଦିଗରେ ନିରନ୍ତର କାର୍ଯ୍ୟ କରିଥିଲେ। ତାଙ୍କ ସନ୍ଦର୍ଭ 'ଦି ପ୍ରୋସେସିଂ ଆଣ୍ଡ ପ୍ରେଜେଣ୍ଟେଶନ୍ ଅଫ୍ ଭାଇରାଲ ଆଣ୍ଟିଜେନ୍ସ' ଉଚ୍ଚ ପ୍ରଶଂସିତ ହେବା ପରେ ୧୯୯୭ରେ ସେ ଡି.ଫିଲ୍ ଡିଗ୍ରୀ ହାସଲ କରିଥିଲେ। ହାର୍ଭାର୍ଡ ମେଡିକାଲ ସ୍କୁଲରୁ ସେ ୨୦୦୦ ମସିହାରେ ଡକ୍ଟର ଅଫ୍ ମେଡିସିନ୍ (ଏମ୍.ଡି) ଲାଭ କରିଥିଲେ। ତେବେ ୨୦୦୦ରୁ ୨୦୦୩ ଯାଏ ସେ ମାସାଚ୍ୟୁସେଟ୍‌ସ ଜେନେରାଲ ହସ୍ପିଟାଲରେ ଇଣ୍ଟରନାଲ୍ ମେଡିସିନ୍‌ର ରେସିଡେଣ୍ଟ ରହିଥିଲେ। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ହାର୍ଭାର୍ଡ ମେଡିକାଲ ସ୍କୁଲ ଅଧୀନ ବୋଷ୍ଟନ୍‌ସ୍ଥିତ ଡାନା–ଫାର୍ବର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟରେ ଅନ୍‌କୋଲୋଜିର ଫେଲୋ ଭାବେ ପ୍ରଶିକ୍ଷଣ ନେଇଥିଲେ। ୨୦୦୯ରେ ସେ କଲମ୍ବିଆ ୟୁନିଭର୍ସିଟି ମେଡିକାଲ ସେଣ୍ଟରରେ ଡିପାର୍ଟମେଣ୍ଟ ଅଫ୍ ମେଡିସିନ୍ (ଡିଭିଜନ୍ ଅଫ୍ ହେମାଟୋଲୋଜି/ଅନ୍‌କୋଲୋଜି)ର ସହକାରୀ ପ୍ରଫେସର ଭାବେ ଯୋଗ ଦେଇଥିଲେ। ଏଥିସହିତ ସିଦ୍ଧାର୍ଥ ମିନେସୋଟାର ରୋଚେଷ୍ଟରସ୍ଥିତ ମାୟୋ କ୍ଲିନିକ୍‌କୁ ଭିଜିଟିଂ ପ୍ରଫେସର, ମାସାଚ୍ୟୁସେଟ୍‌ସ ମେଡିକାଲ ସୋସାଇଟି ଏବଂ ଜନ୍ ହପ୍‌କିନ୍ସ ସ୍କୁଲ ଅଫ୍ ମେଡିସିନ୍‌ରେ ଅବୈତନିକ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରି ଆମେରିକାର ସ୍ୱାସ୍ଥ୍ୟ ଗବେଷଣା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି। କର୍କଟ ରୋଗ ଗବେଷଣା କ୍ଷେତ୍ରରେ ଅଭିନବ ଡାକ୍ତରୀବିଦ୍ୟା ପ୍ରୟୋଗ ଯୋଗୁ ତାଙ୍କ ଚାହିଦା ସର୍ବୋଚ୍ଚରେ ପହଞ୍ଚିପାରିଛି। ନର୍ମାଲ ଷ୍ଟେମ୍ ସେଲ୍‌ସ ଓ କ୍ୟାନ୍‌ସର ସେଲ୍ ମଧ୍ୟରେ ଯୋଗାଯୋଗ ସ୍ଥାପନ ସଂକ୍ରାନ୍ତ ସ୍ୱତନ୍ତ୍ର ଅଧ୍ୟୟନ ତାଙ୍କ ଫୋକସରେ ରହିଛି।

ଡାକ୍ତରୀ ଗବେଷଣା କରି ସେ ଅର୍ଜନ କରିଥିବା ଅଭିଜ୍ଞତାକୁ 'ଦି ଏମ୍ପେରର୍ ଅଫ୍ ଅଲ୍ ମାଲାଡିଜ୍: ଏ ବାୟୋଗ୍ରାଫି ଅଫ୍ କ୍ୟାନସର' ବହିରେ ଗୁନ୍ଥିଛନ୍ତି। ଫଳରେ ଏହି ପୁସ୍ତକ ୨୦୧୧ରେ ଜେନେରାଲ ନନ୍–ଫିକ୍ସନ ବର୍ଗରେ ପୁଲିଜର ପୁରସ୍କାର ପାଇବାରେ ଯୋଗ୍ୟ ବିବେଚିତ ହୋଇଥିଲା। ଏହା ମଧ୍ୟ ଅଲ୍ ଟାଇମ୍ ୧୦୦ ନୋଟଫିକେଶନ ବୁକ୍ସ (ଗତ ଶତାବ୍ଦୀର ୧୦୦ ଶ୍ରେଷ୍ଠ ପ୍ରଭାବଶାଳୀ ପୁସ୍ତକ) ହୋଇପାରିଥିଲା। କେବଳ ଆମେରିକା ନୁହେଁ, ୨୦୧୪ରେ ଭାରତ ସରକାରଙ୍କ ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସିଦ୍ଧାର୍ଥଙ୍କୁ ସମ୍ମାନିତ କରାଯାଇଛି। ସେ ଏବେ ନ୍ୟୁୟର୍କ ସିଟିରେ ସହଧର୍ମିଣୀ ସାରା ଜେ ଓ ଦୁଇ ସନ୍ତାନଙ୍କୁ ନେଇ ରହୁଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଖଣି ଶ୍ରମିକରୁ ଶିକ୍ଷାର ବର୍ତ୍ତିକା ସାଜିଛନ୍ତି ଝାଡ଼ଖଣ୍ଡର ନୀରଜ ମୁର୍ମୁ। ଗିରିଡିହର ଡୁଲିୟାକରମ୍ ଗାଁରେ ତାଙ୍କ ଘର। ଆଦିବାସୀ ପରିବାରରେ ଜନ୍ମିତ ମୁର୍ମୁଙ୍କୁ ଏବେ ବୟସ ୨୨। ସେ ଏକ ସ୍କୁଲ୍ ପ୍ରତିଷ୍ଠା କରି ଅସହାୟ ପିଲାମାନଙ୍କୁ ମାଗଣାରେ ପଢ଼ାଉଛନ୍ତି। ଏମାନଙ୍କ ମଧ୍ୟରେ ଖଣିରେ କାମ କରୁଥିବା ଶିଶୁ ଶ୍ରମିକଙ୍କ ସଂଖ୍ୟା ଅଧିକ । ନୀରଜ ୯ ବର୍ଷ ବୟସରେ ମା' ସାଙ୍ଗରେ ଖଣିକୁ ଯାଉଥିଲେ। ଏହା ଭିତରେ ବେଳେବେଳେ ସ୍କୁଲ ବି ଯାଆନ୍ତି। ପଢ଼ା ଛାଡି ମିକା ଖଣିରେ ସେ ୨୦୧୧ ଯାଏ ଜଣେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରିଛନ୍ତି। ପୁଣି ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ମାଟ୍ରିକ ପାସ୍ କରିବା ପରେ ଇଞ୍ଜିନିୟରିଂରେ ଡିପ୍ଲୋମା କରିବାକୁ ସେ ଚେନ୍ନାଇ ଯାଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେଥିରୁ ଓହରି ଯାଇ ଘରେ ରହି ଇଣ୍ଟରମିଡିଏଟ ପାସ୍ କଲେ। ଏହି ସମୟରେ ଶିକ୍ଷକମାନଙ୍କ ଷ୍ଟ୍ରାଇକ୍ ଯୋଗୁ ପିଲାମାନେ ପାଠ ଛାଡି ଖଣିରେ ବହୁ ସଂଖ୍ୟାରେ କାମ କରିବାକୁ ଲାଗିଲେ । କିନ୍ତୁ ନୀରଜ ଏମାନଙ୍କୁ ଉଦ୍ଧାର କରି ୨୦୧୮ରେ ତାଙ୍କ ଗାଁରେ ଏକ ଭଡ଼ା ଘରେ ସ୍କୁଲ୍ ପ୍ରତିଷ୍ଠା କରି ପଢ଼ାଇବା ଆରମ୍ଭ କରିଥିଲେ। ତାଙ୍କ ସ୍କୁଲ ନାଁ କୈଳାସ ସତ୍ୟାର୍ଥୀ ସ୍କୁଲ। ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ ପଢ଼ାଉଛନ୍ତି। ଏବେ ସ୍କୁଲରେ ୨୦୦ରୁ ଉର୍ଦ୍ଧ୍ୱ ଶିଶୁ ପଢୁଛନ୍ତି। ସ୍କୁଲରେ ନୀରଜଙ୍କ ଜଣେ ସାଙ୍ଗଙ୍କ ସହ ତାଙ୍କ ଭଉଣୀ ପଢ଼ାଉଛନ୍ତି। ଏବେ ସୁଦ୍ଧା ସେ ୨୦ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସ୍କୁଲକୁ ଆଣିପାରିଛନ୍ତି। ସେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ବି ହାସଲ କରିଛନ୍ତି। ବି.ଏଡ୍. ପାସ୍ କରିବା ପରେ ଖଣି ଅଞ୍ଚଳରେ ଅଧିକ ସ୍କୁଲ ଖୋଲି ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ପଢ଼ାଇବାର ଲକ୍ଷ୍ୟ ରଖିଛନ୍ତି ନୀରଜ। ଏହି କାର୍ଯ୍ୟ ଲାଗି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୯୫

- ପାକିସ୍ତାନର ମାନବାଧିକାର ସୁରକ୍ଷା ସଙ୍ଗଠନର ମହିଳା ସ୍ୱେଚ୍ଛାସେବୀ ଜାହାଙ୍ଗୀରଙ୍କୁ ସମ୍ମାନଜନକ ରମଣ ମାଗାସେସ ପୁରସ୍କାର ପ୍ରଦାନ।
- କ୍ୱାଲିଟି ଇଷ୍ଟ ଏବଂ ବୃକ୍‌ବଣ୍ଡ ଲିପ୍‌ଟନ ଇଣ୍ଡିଆ ଲିମିଟେଡ୍ (ବିବିଏଲ୍) ମଧ୍ୟରେ ଆଇସକ୍ରିମ୍ ତିଆରି ଓ ବିତରଣ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ।
- ବମ୍ବେର ବରୁଆ ହାର୍ଟ ଭାଲ୍‌ଭ ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଉନ୍ନତ ଜୈବିକ ହୃତ୍‌ପିଣ୍ଡ ପ୍ରସ୍ତୁତ କରାଯାଇଥିବା ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ହୃଦ୍‌ରୋଗ ଚିକିତ୍ସାବିତ୍ ଡା. ଆର. ବରୁଆ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ବହିଯାଏ ଧୀରେ ନୟନର ନୀରେ ବାରତା କିବା  
ତାହାରି ଧିଆନେ ଉଜଳି ଉଠେ ମୋ ରଜନୀ ଦିବା।  
ନ ଚାହିଁ କେଣିକି ସେ ଏଣୀ–ନୟନା ନଚାଇ ବେଣୀ  
ଲୁଚାଇ ଚାଲଇ ଓଠ ତଳେ କେତେ ବାସନା ଶ୍ରେଣୀ।

(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | E | | | | | 6 | C | | 3 | | |
| | A | 5 | 1 | B | | 6 | | | | | | | | |
| 4 | | | | 6 | | 8 | C | 0 | | | | | | |
| | 7 | 6 | | | | | | 5 | 8 | | 9 | B | | |
| 8 | | | 2 | | 4 | | 9 | | 3 | | B | | | |
| | | B | | | | | | | | | | 0 | | |
| 3 | C | | | | | 7 | | | | E | | 4 | | |
| | 0 | | E | 8 | | | | | | | | 1 | | 2 |
| | 4 | | | 2 | B | | | 9 | | 3 | 5 | E | | |
| 6 | | | | 0 | | 5 | 4 | C | D | 8 | | | | |
| A | | | D | | 3 | | E | B | 7 | | | C | | 5 |
| | | E | 8 | | | 4 | 1 | | A | | 6 | | | |
| | | | | | 7 | 9 | | | C | | 0 | | | |
| 7 | D | | | 4 | 0 | | | | 2 | | | 8 | | |
| | 2 | | | | | | | | B | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | E | 2 | B | C | 6 | 7 | 4 | 9 | 3 | 1 | 8 | 5 | 0 |
| 9 | 4 | 6 | E | 8 | 3 | 1 | B | 2 | 0 | 7 | 5 | C | D | A |
| C | 0 | B | 5 | 6 | 7 | A | E | 3 | 8 | 4 | D | 1 | 9 | 2 |
| 1 | 7 | 5 | 0 | 4 | A | D | 8 | 9 | C | 2 | B | 3 | E | 6 |
| 3 | 8 | 2 | D | 9 | 1 | C | 5 | 0 | E | 6 | A | 4 | B | 7 |
| B | 2 | D | 7 | 5 | 4 | 0 | 9 | 8 | 3 | 1 | E | 6 | A | C |
| 5 | E | C | B | D | 9 | 2 | 1 | A | 4 | 8 | 6 | 0 | 7 | 3 |
| 0 | A | 4 | 6 | 3 | 2 | 7 | D | C | 5 | B | 9 | E | 1 | 8 |
| 7 | 3 | 9 | A | 1 | 8 | 5 | 6 | E | 2 | 0 | C | B | 4 | D |
| 8 | 6 | 1 | C | E | 0 | 3 | 4 | B | D | A | 7 | 9 | 2 | 5 |
| 4 | C | 0 | 1 | 2 | E | 9 | 3 | D | 7 | 5 | 8 | A | 6 | B |
| D | 1 | 8 | 9 | 7 | 5 | E | A | 6 | B | C | 0 | 2 | 3 | 4 |
| 2 | 9 | 7 | 3 | C | 6 | B | 0 | 1 | A | D | 4 | 5 | 8 | E |
| 6 | B | A | 8 | 0 | D | 4 | 2 | 5 | 1 | E | 3 | 7 | C | 9 |
| E | 5 | 3 | 4 | A | B | 8 | C | 7 | 6 | 9 | 2 | D | 0 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଳିଆ ପଡ଼ି ରାସ୍ତା ଅପରିଷ୍କାର ହେଉଛି

ମହାଶୟ,

ପ୍ରତ୍ୟେକ ଦିନ ସକାଳୁ ସଫେଇ କର୍ମଚାରୀମାନେ ରାସ୍ତାଘାଟ ସବୁ ଝାଡୁ ମାରି ପରିଷ୍କାର କରୁଛନ୍ତି। ଅଳିଆଆତକ ନେଇ ଏକାଠି କରି ଡଷ୍ଟବିନ୍ ମଧ୍ୟରେ ପକାଉଛନ୍ତି। କିଛି ସମୟ ବ୍ୟବଧାନରେ ଟ୍ରାକ୍ଟର ଓ ଟ୍ରକ୍ ଦ୍ୱାରା ସେହି ଡଷ୍ଟବିନ୍‌ରୁ ଅଳିଆଆତକ ନେଇ ଡମ୍ପିୟାର୍ଡରେ ପକାଉଛନ୍ତି। ଏହିସବୁ କଥା ଲକ୍ଷ୍ୟକଲେ ଅନେକ ସମସ୍ୟା ଦୃଷ୍ଟି ଗୋଚର ହୁଏ। ଅଳିଆବୁହା ଗାଡ଼ିଗୁଡ଼ିକ ମନଇଚ୍ଛା ଦିନ ତମାମ ରାସ୍ତାଘାଟରେ ଦ୍ରୁତ ଗତିରେ ଯାତାୟାତ କରିବା ଫଳରେ ଲୋକମାନଙ୍କର ଗମନାଗମନରେ ଅସୁବିଧା ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାଛଡ଼ା ଉକ୍ତ ଅଳିଆବୁହା ଗାଡ଼ିରୁ କିଛି ଅଳିଆ ସଫା ରାସ୍ତା ଉପରେ ପଡ଼ି ପୁଣି ଅପରିଷ୍କାର ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡଷ୍ଟବିନ୍‌ରୁ ଅଳିଆ ଗଲାପରେ ସେ ଡଷ୍ଟବିନ୍‌କୁ ବିଶୋଧନ କରାଯାଉନି। ଫଳତଃ ଏଥିରୁ ଦୁର୍ଗନ୍ଧ ବାହାରି ପରିବେଶକୁ ଦୂଷିତ କରିପକାଉଛି। ଏବେ କରୋନା ମହାମାରୀ ବ୍ୟାପିବାରେ ଲାଗିଛି। ଏପରି ସମୟରେ ବିଭାଗୀୟ ଅଧିକାରୀ ଉପରୋକ୍ତ ସମସ୍ୟା ପ୍ରତି ଧ୍ୟାନ ଦେବାକୁ ବିଶେଷ ଅନୁରୋଧ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଚିଠିବାକ୍ସ କାନ୍ଦୁଛି

ଗାଁ ଓ ସହରରେ ଥିବା ପୋଷ୍ଟ ଅଫିସଗୁଡ଼ିକ ସମ୍ମୁଖରେ ଥିବା ଚିଠି ବାକ୍ସଗୁଡ଼ିକ କାନ୍ଦୁଛନ୍ତି। ଡାକ ଘରକୁ କେତେ କିଏ ଯାଉଛନ୍ତି। ଚିଠି ବାକ୍ସକୁ କେହି ଆଡ଼ ଆଖିରେ ଚାହୁଁନାହାନ୍ତି। ସତେ ଯେପରି ଚିଠି ବାକ୍ସଗୁଡ଼ିକ ପିତୃମାତୃହୀନ ପରି ଅବହେଳିତ। ଆଉ କେହି ଚିଠି ବାକ୍ସରେ ଚିଠି ପକାଉ ନାହାନ୍ତି। ଚିଠି ଦେବା ଭଳି ଅତୀବ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରୁ ଲୋକମାନେ ନିଜ ନିଜକୁ ବିଚ୍ୟୁତ କରି ମୋବାଇଲ୍‌ରେ ହିମାଳୟଠାରୁ କନ୍ୟାକୁମାରୀ, କାଶ୍ମୀର ଭୂଖଣ୍ଡ ଏବଂ ସମଗ୍ର ବିଶ୍ୱରେ ଥିବା ଦେଶର ବନ୍ଧୁଜନଙ୍କ ସହ ବାର୍ତ୍ତାଳାପ କରିପାରୁଛନ୍ତି। ଚିଠିରୁ କ'ଣ ମିଳିବ? କେବଳ ଲେଖିକାଲେଖକମାନଙ୍କ ଯୋଗୁ ଚିଠିବାକ୍ସର ମୁହଁରେ ହସ ଫୁଟୁଛି। ଯେତେ ମୋବାଇଲ୍‌ରେ ବାର୍ତ୍ତାଳାପ ହେଲେ ଚିଠି ଆଗରେ ମହତ୍ତ୍ୱପୂର୍ଣ୍ଣ ନୁହେଁ। ଏକ ଲେଖା ସହସ୍ର ଭାଷା। ଚିଠି ବି ସ୍ମୃତି ହୋଇ ରହେ। ମୋବାଇଲ୍ କଥା ସ୍ମୃତି ହୋଇ ରହେନା।

ରଞ୍ଜନ ମିଶ୍ର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପ୍ରବାସୀଙ୍କୁ ଆତ୍ମନିର୍ଭର କରାଇବା ଉଦ୍ୟମ




**ଭୁବନେଶ୍ୱର,୧୧।୭:** କୋଭିଡ୍-୧୯ ଲକ୍‌ଡାଉନ୍ କଟକଣା ଯୋଗୁ ବହୁ ସଂଖ୍ୟାରେ ପ୍ରବାସୀ ଶ୍ରମିକ ଘରକୁ ଫେରିଛନ୍ତି। ସହରାଞ୍ଚଳରେ କରୋନା ମାତ୍ରା ଅଧିକ ଥିବାରୁ ରୋଜଗାର କ୍ଷତିଗ୍ରସ୍ତ ହୋଇଛି। ସଂକ୍ରମଣ କାରଣରୁ ପ୍ରବାସୀ ଶ୍ରମିକ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଘରକୁ ଫେରିଥିବା ଶ୍ରମିକଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ଓଡ଼ିଶାର କଳାହାଣ୍ଡି ଜିଲାସ୍ଥିତ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ରିଫାଇନେରି ତଥା ନିଜସ୍ୱ ପାୱାର ପ୍ଲାଣ୍ଟ ନିଜର ଯୋଗଦାନ ଜାରି ରଖିଛି। ପ୍ଲାଣ୍ଟ ସ୍ଥାପନ ପରଠାରୁ ଏହି ଅଞ୍ଚଳରେ ସାମାଜିକ, ଆର୍ଥିକ ସ୍ଥିତିର ପରିବର୍ତ୍ତନ ଦିଗରେ ବେଦାନ୍ତ ଏହାର ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ବର୍ତ୍ତମାନ ସମୟରେ ପ୍ରବାସୀ ଶ୍ରମିକଙ୍କୁ ଉଦ୍ୟୋଗ ବିକାଶ ଦ୍ୱାରା କାମ ଯୋଗାଣ ଉପରେ ଏଠାରେ ଫୋକସ କରାଯାଉଛି। ସମୟ ଥିଲା କଳାହାଣ୍ଡି ଜିଲା ଦେଶର ସବୁଠାରୁ ଅନଗ୍ରସର ଅଞ୍ଚଳ ରୂପେ ପରିଗଣିତ ହେଉଥିଲା। ଏଠାରେ ବେଦାନ୍ତ କମ୍ପାନୀ ସ୍ଥାପନ ପରଠାରୁ ବିଭିନ୍ନ ମାନଦଣ୍ଡରେ ପରିବର୍ତ୍ତନ ଲାଗି ନିରନ୍ତର ଉଦ୍ୟମ କରାଯାଇଛି ବୋଲି ସାମାଜିକ ଅନୁଷ୍ଠାନ ପ୍ରହର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଦୁର୍ଗମ ଅଞ୍ଚଳରେ କୋଭିଡ୍-୧୯ ମହାମାରୀ କାରଣରୁ ପ୍ରଭାବିତ ହୋଇଥିବା ଶ୍ରମିକମାନଙ୍କୁ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଲାଗି ରାଷ୍ଟ୍ରୀୟ ରଣନୀତି ପ୍ରସ୍ତୁତି କରିବା ପାଇଁ ଆହ୍ୱାନ କରିଛି। ଏହା ଆରମ୍ଭ କରିଥିବା 'ଜୀବନ ଜୀବିକା'ର ପୁନରୁଦ୍ଧାର ପାଇଁ ରାଷ୍ଟ୍ରୀୟ ଆନ୍ଦୋଳନର ଏକ ପ୍ରମୁଖ ଅଂଶ ବୋଲି ପ୍ରହରର ଅଧକ୍ଷ ଏବଂ ରାଷ୍ଟ୍ରୀୟ ସଂଯୋଜକ ଅଭୟରାଜ ମିଶ୍ର ସୂଚନା ଦେଇଛନ୍ତି।

# 'ସ୍ୱାଭାବିକ ସ୍ଥିତିକୁ ଫେରୁଛି ଅର୍ଥ ବ୍ୟବସ୍ଥା'

**ନୂଆଦିଲ୍ଲୀ,୧୧।୭**

- ଅଭିବୃଦ୍ଧିକୁ ପ୍ରଭାବିତ କରୁଛି କୋଭିଡ୍
- ଏନ୍‌ପିଏ ଚିନ୍ତା ବଢ଼ାଇବ
- ଚାହିଦା, ଯୋଗାଣ ଚେନ୍ କ୍ଷତିଗ୍ରସ୍ତ

କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ଖରାପ ସ୍ଥିତି ଦେଇ ଗତି କରୁଥିବା ବେଳେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଅର୍ଥ ବ୍ୟବସ୍ଥାକୁ ଆଶା ସଞ୍ଚାର କରିଛନ୍ତି। ସେ ଶନିବାର କହିଛନ୍ତି ଯେ, ଦେଶର ଅର୍ଥ ବ୍ୟବସ୍ଥା ସ୍ୱାଭାବିକ ସ୍ଥିତିକୁ ଫେରିବା ଭଳି ସଙ୍କେତ ମିଳୁଛି। ସରକାର ଧୀରେ ଧୀରେ କଟକଣା କୋହଳ କରିବା ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଲାଭ ମିଳୁଛି। ଯୋଗାଣ ଚେନ୍ କେବେ ଠିକ୍ ସ୍ଥିତିକୁ ଫେରିବ ସେ ନେଇ କିଛି ସ୍ପଷ୍ଟ ଭାବେ କହି ହେବ ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିଭଳି ଚାହିଦା ବର୍ତ୍ତମାନ କ୍ଷତିଗ୍ରସ୍ତ ସ୍ଥିତିରେ ଥିବା ଯୋଗୁ ଏବଂ ମହାମାରୀ ପ୍ରଭାବ ଯାଇ ନ ଥିବାରୁ ଏହା ଦେଶର ଅଭିବୃଦ୍ଧିକୁ ପଛକୁ ଟାଣିବ ବୋଲି ଅନ୍‌ଲାଇନରେ ଅନୁଷ୍ଠିତ ଏସ୍‌ବିଆଇ ବ୍ୟାଙ୍କିଙ୍ଗ୍ ଆଣ୍ଡ ଇକୋନୋମିକ କନକ୍ଲେଭରେ ସେ ଏଭଳି ମତ ରଖିଛନ୍ତି। ଘରୋଇ ଏବଂ ରାଷ୍ଟ୍ରାୟତ୍ତ



ବ୍ୟାଙ୍କଗୁଡିକ ଏହି ସମୟରେ ଅଧିକ ପୁଞ୍ଜି ଉଠାଣ କରିବା ସହ ସ୍ଥିତିକୁ ସମ୍ଭାଳିବାକୁ ଗଭର୍ନର ଆହ୍ୱାନ ଜଣାଇଛନ୍ତି। ଏଭଳି ସ୍ଥିତିରେ ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଇଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ୯.୫୭ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ବ୍ୟବସ୍ଥା କରିଛି, ଯାହା ଜିଡିପିର ୪.୭% ହେବ। ଅଭିବୃଦ୍ଧି ପ୍ରଭାବିତ ସ୍ଥିତିରେ ରହିଥିବା ଯୋଗୁ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ବଢିବା ନେଇ ସେ ଆଶଙ୍କା କରିଛନ୍ତି। ବ୍ୟାଙ୍କ ପରିଚାଳନା ପ୍ରସଙ୍ଗରେ ମତ ରଖି ସେ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କ ଗୁଡ୍ ଗଭର୍ନାନ୍ସ ଉପରେ ଫୋକସ୍ କରିଛି। ବ୍ୟାଙ୍କ ଓନରଶିପ୍ ଏବଂ ପରିଚାଳନାକୁ ପୃଥକ କରାଯାଇଛି। ନିବେଶକମାନେ କିଭଳି ଭଲ ରିଟର୍ନ ପାଇବେ ଓନର ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ସେହିଭଳି ସବୁ ଅଂଶୀଦାରଙ୍କ ସ୍ୱାର୍ଥ ରକ୍ଷାକୁ ଧ୍ୟାନଦେବା ଆବଶ୍ୟକ।

# ବିଶ୍ୱକୁ କ୍ଷତି ୩.୮ ଟ୍ରିଲିୟନ ଡଲାର

**ନୂଆଦିଲ୍ଲୀ,୧୧।୭:** ବିଶ୍ୱ ବର୍ତ୍ତମାନ ଏକ ସଂକଟ ସ୍ଥିତି ଦେଇ ଗତି କରୁଛି। କୋଭିଡ୍ ମହାମାରୀ ଯୋଗୁ ସାରା ବିଶ୍ୱ କ୍ଷତିଗ୍ରସ୍ତ ହୋଇଛି। ମହାମାରୀ ଜନିତ କଟକଣା ଲାଗି ସାରା ବିଶ୍ୱ ବଜାର ଲକ୍‌ଡାଉନ ସାମ୍ନା କରିଥିବା ବେଳେ କେତେକ ଦେଶରେ କଟକଣା ଛକୋହଳ କରାଯାଉଛି। କରୋନା ଲାଗି ସାରା ବିଶ୍ୱକୁ ୩.୮ ଟ୍ରିଲିୟନ ଡଲାର କ୍ଷତି ସହିବାକୁ ପଡିଛି ବୋଲି ରିସର୍ଚ୍ଚର ଆକଳନ କରିଛନ୍ତି। ଏଥି ଲାଗି ୧୩୪ ନିୟୁତ ଲୋକଙ୍କୁ ଚାକିରି ହରାଇବାକୁ ପଡିଛି। ଏ ସଂକ୍ରାନ୍ତ ରିପୋର୍ଟ ପ୍ଲୋସ ନାମକ ଜର୍ନାଲରେ ପ୍ରକାଶ ପାଇଥିବା ଜଣାପଡିଛି। ସ୍ୱାସ୍ଥ୍ୟ ସମସ୍ୟାକୁ ବାଦ୍‌ଦେଲେ ମହାମାରୀ ଏବଂ ଲକ୍‌ଡାଉନ ଯୋଗୁ ବିଭିନ୍ନ ସାମାଜିକ ଏବଂ ଅର୍ଥନୈତିକ ସମସ୍ୟା ଉପୁଜିଛି। ଚାଇନା ଏବଂ ଆମେରିକାର କେତେକ ଅଞ୍ଚଳରେ ଆର୍ଥିକ କ୍ଷତି ବୃହତ୍ ରହିଛି। ବିଶ୍ୱ ବଜାରରେ ବାଣିଜ୍ୟ କାରବାର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ଗବେଷକ ଅରୁଣିମା ମଲିକ କହିଛନ୍ତି, ମହାମାରୀ ଯୋଗୁ ଅନ୍ତର୍ଜାତୀୟ ଯୋଗାଣ ଚେନ୍, ମାନୁଫାକଚରିଂ, ଟୁରିଜମ ଏବଂ ପରିବହନ କ୍ଷେତ୍ର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ରିପୋର୍ଟ ମୁତାବକ ଲୋକଙ୍କୁ ୨.୧ ଲକ୍ଷ କୋଟି ଟଙ୍କାର ବେତନ କ୍ଷତି ସହିବାକୁ ପଡିଛି। ଏହାବାଦ କଳକାରଖାନା ଏବଂ ବିମାନ ପରିବହନ ବନ୍ଦ ରହିଥିବାରୁ ଏହାର ଲାଭ ପରିବେଶକୁ ମିଳିଛି। ଅଧ୍ୟୟନ ମୁତାବକ ୨.୫ ମେଟ୍ରିକ ଗିଗାଟନ ଗ୍ରୀନ୍ ହାଉସ ଗ୍ୟାସ ସହ ପରିବେଶକୁ କ୍ଷତି ପହଞ୍ଚାଉଥିବା ଗ୍ୟାସ ହ୍ରାସ ହୋଇଛି।

# ସାର୍ବଜନୀନ ଅର୍ଥନୈତିକ ଅଧିକାର ନିଶ୍ଚିତ କରାଇବାକୁ ହେବ

**ଓଡିଶା ଇକୋନୋମିକ ଆସୋସିଏଶନପକ୍ଷରୁ ୱେବିନାର**

**ଭୁବନେଶ୍ୱର,୧୧।୭:** ମହାମାରୀ ବ୍ୟାପିବା ପୂର୍ବରୁ ବେକାରି ହାର ୯% ରହିଥିଲା। ଏହି ସମୟରେ ଚାହିଦା ୬% ଖସିଯାଇଥିଲା। ବିଶ୍ୱ ବଜାରର ମାନ୍ଦାବସ୍ଥା ମଧ ଭାରତ ବଜାରକୁ ଗଭୀର ଭାବେ କ୍ଷତି ପହଞ୍ଚାଇଛି। ମାନ୍ଦାବସ୍ଥାରୁ ବାହାରିବା ଲାଗି ରାଜ୍ୟଗୁଡ଼ିକ ସେମାନଙ୍କ ମୋଟ ଜିଡିପିର ୧୦% ବିନିଯୋଗ କରିବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ରାଜସ୍ୱ ସଂଗ୍ରହ ୭% ବଢ଼ାଇବାକୁ ହେବ। ଋଣ ଉଠାଣ ଏବଂ ପୁଞ୍ଜି ଉପରେ ଉଚ୍ଚ ପରିମାଣର ଟିକସ ଲାଗୁ ଦ୍ୱାରା ରାଜ୍ୟଗୁଡ଼ିକ ଏହି ଲକ୍ଷ୍ୟ ପୂରଣ କରିବାରେ ସକ୍ଷମ ହୋଇ ପାରିବେ। ପୁଞ୍ଜି, ସମ୍ପତ୍ତି ଏବଂ ପୈତୃକ ସମ୍ପତ୍ତି ଉପରେ ଟିକସ ଲାଗୁ କରାଯାଇପାରିବ। ରାଜନୈତିକ ଅଧିକାର ଭଳି ଅନ୍ତତଃ ପକ୍ଷେ ୫ ସାର୍ବଜନୀନ ଅର୍ଥନୈତିକ ଅଧିକାର ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି ଓଡ଼ିଶା ଇକୋନୋମିକ ଆସୋସିଏଶନ (ଓଇଏ)ପକ୍ଷରୁ ଅନୁଷ୍ଠିତ ୱେବିନାରରେ ଅର୍ଥନୀତିଜ୍ଞମାନେ ଗୁରୁତ୍ୱାରୋପ କରିଛନ୍ତି। ଏଗୁଡ଼ିକ ମଧ୍ୟରେ ରହିଛି ଖାଦ୍ୟ ପାଇଁ ଅଧିକାର, ଜାତୀୟ ସ୍ୱାସ୍ଥ୍ୟ ସୁବିଧା ଭାବେ ଗୁଣବତ୍ତା ଚିକିତ୍ସା, ଗୁଣବତ୍ତା ଏବଂ ଉଚ୍ଚ ମାଧ୍ୟମିକ ସ୍ତର ଯାଏ ବାଧ୍ୟତାମୂଳକ ଶିକ୍ଷା ଏବଂ ନିଯୁକ୍ତିର ଅଧିକାର। ଧନୀଙ୍କ ସମ୍ପତ୍ତି ଉପରେ ୨% ଟିକସ, ଇନହେରିଟାନ୍ସ ଟିକସ ବାବଦ ଏକ ତୃତୀୟାଂଶ ଟିକସ ଲାଗୁ କରାଇବା ଦ୍ୱାରା ୫ ସାର୍ବଜନୀନ ଆର୍ଥିକ ଅଧିକାର ପ୍ରଦାନ ଲାଗି ପୁଞ୍ଜି ଯୋଗାଡ଼ କରାଯାଇପାରିବ ବୋଲି କାର୍ଯ୍ୟକ୍ରମରେ ଅତିଥି ମତବ୍ୟକ୍ତ କରିଛନ୍ତି। ଏଥିରେ ଅର୍ଥନୀତିଜ୍ଞ ପ୍ରଫେସର ପ୍ରଭାତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ପୂର୍ବତନ ପ୍ରଫେସର ପୁଲୀନ ବିହାରୀ ନାୟକ, ଓଇଏ ସମ୍ପାଦକ ଡ. ଅମରେନ୍ଦ୍ର ଦାସ, ସଭାପତି ପ୍ରଫେସର ଭାବେଶ ସେନ୍‌ଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ।

# ବନ୍ଦେ ଭାରତ ଟ୍ରେନ ପାଇଁ ଚାଇନା କମ୍ପାନୀର ବିଡ୍

**ନୂଆଦିଲ୍ଲୀ,୧୧।୭:** ଦେଶର ସ୍ୱଳ୍ପ ଦ୍ରୁତଗାମୀ ଟ୍ରେନ ନିର୍ମାଣ କାର୍ଯ୍ୟ ଲାଗି ଚାଇନା କମ୍ପାନୀ ନିଲାମ ପ୍ରକ୍ରିୟାରେ ଯୋଗଦେଇଛି। ସରକାର ଏଥିଲାଗି ଗ୍ଲୋବାଲ ଟେଣ୍ଡର ଜାରି କରିଥିଲେ। ଟ୍ରେନ ୧୮ ପ୍ରକଳ୍ପରେ ୪୪ ବନ୍ଦେ ଭାରତ ଟ୍ରେନ ଚଳାଚଳ ଯୋଜନା ରହିଛି। ଟ୍ରେନଗୁଡିକର ଯନ୍ତ୍ରାଂଶ ଯୋଗାଣ ଲାଗି ଏକ ମାତ୍ର ଗ୍ଲୋବାଲ କମ୍ପାନୀ ଭାବେ ସିଆର୍‌ଆର୍‌ସି ପାୟୋନିୟର୍ ଇଲେକ୍ଟ୍ରିକ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ବିଡ୍ ଦାଖଲ କରିଛି। ଚାଇନା ଅଂଶୀଦାରଙ୍କ ସହ ମିଳିତ ହୋଇ ଏହି ଯୌଥ ଉଦ୍ୟୋଗ ସ୍ଥାପନ ହୋଇଛି। ଚାଇନାର ରାଷ୍ଟ୍ରାୟତ୍ତ ଫାର୍ମ ସିଆର୍‌ଆର୍‌ସି କର୍ପୋରେଶନ ଲିମିଟେଡର ଏହି ଯୌଥ ଉଦ୍ୟୋଗର ଅଂଶୀଦାର। ପ୍ରକଳ୍ପରେ ଚାଇନା କମ୍ପାନୀକୁ ସୁଯୋଗ ନ ଦେବା ଲାଗି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଚିଠି ଲେଖାଯାଇଛି। ଏଥିଲାଗି ମୋଟ ୬ କମ୍ପାନୀ ବିଡ୍ ଦାଖଲ କରିଛନ୍ତି। ୪୪ ଟ୍ରେନର ଇଲେକ୍ଟ୍ରିକ ଟ୍ରାକ୍‌ସନ କିଟ୍ କିଣିବା ଲାଗି ଏହି ଟେଣ୍ଡର ଜାରି ହୋଇଥିଲା।

# ମେରିଟନେସନ୍‌ର ଜୁନ ତ୍ରୈମାସିକ ରିପୋର୍ଟ

**ଭୁବନେଶ୍ୱର,୧୧।୭**

ଶିକ୍ଷା ବୈଷୟିକତାର ପ୍ରମୁଖ ମେରିଟନେସନ ଯାହା ଆକାଶ ଏଡୁକେଟ ପ୍ରାଇଭେଟ ଲିମିଟେଡର ଲାଇଭ କ୍ଲାସ ଉପଯୋଗରେ ଜୁନ ତ୍ରୈମାସିକ ଶେଷ ସୁଦ୍ଧା ୮ଗୁଣା ବୃଦ୍ଧି ପାଇଛି। ଏହା ଆକାଶ ଏଡୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ)ର ଟେଷ୍ଟ ପ୍ରସ୍ତୁତି ନିମନ୍ତେ ଏକ ସହାୟକ ସଂସ୍ଥା) ଏକ ଅଂଶ। ଏହା ମଧ କେ୧୨ ଛାତ୍ରମାନଙ୍କର ପ୍ରଶ୍ନ ଅଭ୍ୟାସ କ୍ଷେତ୍ରରେ ମେରିଟନେସନ ପ୍ଲାଟଫର୍ମରେ ୫ଗୁଣା ଅଭିବୃଦ୍ଧି ରେର୍କଡ କରିଛି। ମାର୍ଚ୍ଚ ୨୦୨୦ର ରିପୋର୍ଟକୁ ଜୁନ ତ୍ରୟମାସିକ ସହ ତୁଳନା କରାଯାଇ ୟୁଜର ଉପୋଯଗୀକୁ ହିସାବ କରାଯାଇଛି। ଏହି ଉପଲବ୍ଧ ତଥ୍ୟ ଅନୁସାରେ ଉପଯୋଗ ହୋଇଥିବା ଲାଇଭ ମିନିଟରେ ୮୫% ହେଉଛି ବିଜ୍ଞାନ ଓ ଗଣିତ ବିଷୟ। ଯେତେ ବେଳେକି ୭୦% ଲାଇଭ କ୍ଲାସରେ ୬ଷ୍ଠ ରୁ ୧୦ମ ଶ୍ରେଣୀ ପିଲାମାନେ ଅର୍ନ୍ତଭୁକ୍ତ ରହିଛନ୍ତି। ମେରିଟନେସନର ଏହି ଲାଇଭ କ୍ଲାସ ବ୍ୟବହାର କରିଥିବା ପ୍ରମୁଖ ରାଜ୍ୟ ଗୁଡିକ ହେଉଛି ବିହାର ଓ ଝାରଖଣ୍ଡ। ଯେଉଁଠାରେ ୧୩ଗୁଣା ବୃଦ୍ଧି ହୋଇ ସର୍ବାଧିକ ସ୍ଥାନ ହାସଲ କରିଛି। ଏହା ପରେ ଆନ୍ଧ୍ରପ୍ରଦେଶରେ ୧୦ଗୁଣା ବୃଦ୍ଧି ଏବଂ ଆସାମ, ତ୍ରିପୁରା ଓ ରାଜସ୍ଥାନରେ ୯ଗୁଣା। ସେହିଭଳି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ କର୍ଣ୍ଣାଟକ ୮ଗୁଣାରେ ପହଞ୍ଚିଛି। ଏଡ୍‌ଟେକ୍ ମେଜର ମଧ ଭାରତ ବାହାରେ ମିଡିଲ ଇଷ୍ଟରେ ୧୦ଗୁଣା ବୃଦ୍ଧି ରେର୍କଡ କରିଛି। ଏହି ସର୍ମ୍ପକରେ ଆକାଶ ଏଡୁକେଟ ପ୍ରାଇଭେଟ ଲିମିଟେଡର ସିଇଓ ନରସିଂହା ଜୟକୁମାର ସୂଚନା ଦେଇ କହିଛନ୍ତି ଯେ କୋଭିଡ-୧୯ ହେତୁ ସୃଷ୍ଟି ହୋଇଥିବା ସମସ୍ୟା କାରଣରୁ ଛାତ୍ରଛାତ୍ରୀମାନେ ଭର୍ଚୁଆଲ ପଠନକୁ ଧୀରେ ଧୀରେ ଅଧିକ ମାତ୍ରାରେ ଗ୍ରହଣ କରୁଛନ୍ତି।


ଓଡ଼ିଶା ଶାସନ

**କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା**

L-15:- ଡିବିଟି (DBT) ମାଧ୍ୟମରେ ୨୦୨୦-୨୧ ବର୍ଷରେ କୃଷି ଯନ୍ତ୍ରପାତି ପାଇଁ ଅନ୍‌ଲାଇନ୍ (Online) ଆବେଦନ ଆସନ୍ତା **୧୩ ଜୁଲାଇ ୨୦୨୦ ତାରିଖ ଦିବା ୧୦.୩୦** ଠାରୁ ବିଭିନ୍ନ ଯନ୍ତ୍ରପାତି ପାଇଁ ପର୍ଯ୍ୟାୟ କ୍ରମେ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବ।

ଇଚ୍ଛୁକ ଆବେଦନକାରୀ ଉପଯୁକ୍ତ କୃଷକ ପଞ୍ଜୀକରଣ ସଂଖ୍ୟା ସହିତ DBT Implement page of **http://agrisnetodisha.ori.nic.in** OR **http://odishafarmmachinery.nic.in** ଆବେଦନ କରିପାରିବେ।

OIPR-01034/11/0006/2021

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା


## ରାଜ୍ୟ

### ସଙ୍ଗୀତ ନିର୍ଦ୍ଦେଶକ ବିଶାଲ ରାପର୍ ଡୁଲେଙ୍କୁ ସହଯୋଗର ହାତ ବଢ଼ାଇଲେ



ରାପର୍ ଡୁଲେଶ୍ୱର

**ଭବାନୀପାଟଣା,୧୧।୭ (ଡି.ଏନ୍.ଏ.):** 'ରାପର୍ ଡୁଲେ ରକ୍'ଙ୍କ ରାପ୍ ସଙ୍ଗ୍ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଉଛି। କଳାହାଣ୍ଡିର ଏହି ରାପରଙ୍କ ଉପରେ ଏବେ ବଲିଉଡ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ବିଶାଲ ଡଡ୍‌ଲାନିଙ୍କ ନଜର ପଡ଼ିଛି। ବିଶାଲ ଟୁଇଟ୍ କରି ଡୁଲେଙ୍କ ସମ୍ପର୍କରେ ଆଶ୍ଚର୍ଯ୍ୟ ପ୍ରକଟ କରି ଲେଖିଛନ୍ତି, 'ଯଦି ତୁମକୁ ସଙ୍ଗୀତ ପ୍ରଯୋଜନା, ରେକର୍ଡିଂ, ରିଲିଜ୍ କରିବାରେ ସାହାଯ୍ୟ ଦରକାର, ମୋ ସହ ସମ୍ପର୍କରେ ରୁହ। ମୁଁ ଯେତିକି ପାରିବି କରିବି। ମୁଁ ନିଶ୍ଚିତ ଯେ ଆମେ ପାରିବା।' ବିଶାଲଙ୍କ ଏହି ଟୁଇଟ୍ ପାଇ ଡୁଲେଶ୍ୱର ଖୁସି ବ୍ୟକ୍ତ କରିବା ସହ ବିଶାଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପୁରୀ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସା ଆରମ୍ଭ

**ପୁରୀ ଅଫିସ,୧୧।୭:** ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସର କୋଭିଡ୍ କେୟାର ସେଣ୍ଟରରେ ଶୁକ୍ରବାରଠାରୁ କରୋନା ପଜିଟିଭଙ୍କ ଚିକିତ୍ସା ଆରମ୍ଭ ହୋଇଛି। ଯେଉଁମାନଙ୍କର କୌଣସି ଲକ୍ଷଣ ନାହିଁ କିନ୍ତୁ କୋଭିଡ୍ ରିପୋର୍ଟ ପଜିଟିଭ ଅଛି ସେମାନଙ୍କୁ ଏଠାରେ ରଖାଯାଇଛି ବୋଲି ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି। ଶନିବାର ଜିଲାପାଳ କହିଛନ୍ତି, ପଜିଟିଭ ବ୍ୟକ୍ତିଙ୍କୁ ଘୃଣା କରିବା ଉଚିତ ନୁହେଁ, ବରଂ ମନୋବଳ ଦୃଢ଼ କରିବା ଦରକାର। ସେହିପରି ଶନିବାର ଜିଲାରୁ ୧୫ ଜଣ ଚିହ୍ନଟ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଛି, ଯାହାକି ଜିଲାର ଦ୍ୱିତୀୟ କରୋନା ମୃତ୍ୟୁ। ସେ ହେଲେ ଗମ୍ଭାରୀର ୭୦ ବର୍ଷୀୟ ବୃଦ୍ଧ। ସେହିପରି ହଟସ୍ପଟ ଜିଲାରୁ କେହି ଆସିଲେ ୧୪ଦିନ କ୍ୱାରାଣ୍ଟାଇନରେ ରହିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।


# 'ଏଏସ୍‌ଆଇ ରିପୋର୍ଟ ପରେ ସ୍ପଷ୍ଟ ହେବ'

**ପୁରୀ ଅଫିସ,୧୧।୭**

**ରତ୍ନସିଂହାସନରୁ ପଦ୍ମଖୋଦିତ ପଥର ଉଭାନ ପ୍ରସଙ୍ଗ**

- ଗର୍ଭଗୃହର ପଥର ଉଭାନ ଅଭିଯୋଗ ଅସତ୍ୟ
- ଗର୍ଭଗୃହର ହେବ ଡକ୍ୟୁମେଣ୍ଟେଶନ

ଶ୍ରୀମନ୍ଦିର ରତ୍ନସିଂହାସନରୁ ପଦ୍ମଖୋଦିତ ପଥର ଉଭାନ ଅଭିଯୋଗ ନିଶ୍ଚିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ତେବେ ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)କୁ ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ କୁହାଯାଇଛି। ଏଏସ୍‌ଆଇ ଏ ସମ୍ପର୍କିତ କିଛି ଫଟୋ କପି ପ୍ରଦାନ କରିଛି। ତେବେ ଚୂଡ଼ାନ୍ତ ରିପୋର୍ଟ ଦେବାପରେ ସବୁକିଛି ସ୍ପଷ୍ଟ ହେବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପରିଚାଳନା କମିଟିର କିଛି ସଦସ୍ୟ ଏବଂ ବରିଷ୍ଠ ସେବାୟତଙ୍କ ସହିତ ଆଲୋଚନା ପରେ ମୁଖ୍ୟ ପ୍ରଶାସକ କହିଥିଲେ, ପଥର ଉଭାନକୁ ନେଇ ଏତେଟା ଉଦ୍‌ବେଗ ହେବାର କାରଣ ନାହିଁ। ଯଦି ଏହାର କୌଣସି ସାମାନ୍ୟତମ ସତ୍ୟତା ଥାଏ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ପୁରୁଣା ବର୍ଷର ଏବଂ ଏବର୍ଷର ଫଟୋ ଅନୁଧ୍ୟାନ କରାଯାଇଛି। ରିପୋର୍ଟ ଆସିବା ପରେ ସ୍ପଷ୍ଟ ଭାବେ ଜଣାଇ ଦିଆଯିବ। ତେବେ ସମ୍ପୂର୍ଣ୍ଣ ଗର୍ଭଗୃହର ଡକ୍ୟୁମେଣ୍ଟେଶନ କରାଯିବ। ରତ୍ନସିଂହାସନ ସମେତ ଗର୍ଭଗୃହର ସବୁ ପଥରର ଫଟୋ ଭିଡିଓଗ୍ରାଫି କରାଯିବ। ଫଳରେ ଭବିଷ୍ୟତରେ ଏହିଭଳି କିଛି ଅଭିଯୋଗ ଆସିଲେ ତାହାକୁ ତୁଳନା କରିବା ସହଜ ହୋଇଯିବ। ଫଟୋ ଏବଂ ଭିଡିଓଗ୍ରାଫି କେବେ କରାଯିବ ଏବଂ କେଉଁ ସମୟରେ କରାଗଲେ ଠିକ୍ ହେବ ତାହା ଛତିଶା ନିଯୋଗ ଏବଂ ସମସ୍ତ ସେବାୟତଙ୍କ ସହ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସେହିପରି ପ୍ରତିବର୍ଷ ରଥଯାତ୍ରା ସମୟରେ ଠାକୁର ବାହାରକୁ ବାହାରିଲେ ଗର୍ଭଗୃହର ମରାମତି ହୋଇଥାଏ। ଏଥିପାଇଁ ୪/୫ ଜଣ ସେବକଙ୍କୁ ନେଇ ଏକ କମିଟି ଗଠନ କରାଯିବ। ମରାମତି ପାଇଁ ଥିବା ଟେକ୍ନିକାଲ କମିଟି ସହିତ ଏହି ସେବକ କମିଟି ମିଶି ସମସ୍ତ କାମର ଅନୁଧ୍ୟାନ



କରିବେ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

ଗତ ଜୁନ୍ ୬ ତାରିଖରେ ଗର୍ଭଗୃହରେ ପଥର ଖସିବା ନେଇ ଯାହା ଶୁଣିବାକୁ ମିଳିଥିଲା ତାହାର କୌଣସି ସତ୍ୟତା ନାହିଁ। ଏନେଇ ଏଏସ୍‌ଆଇ ପାଖରେ କୌଣସି ତଥ୍ୟ ନ ଥିବାବେଳେ ମନ୍ଦିର ପ୍ରଶାସନ ନିକଟରେ ମଧ ରିପୋର୍ଟ ହୋଇନାହିଁ। ଠାକୁରଙ୍କ ଅଣସର ସମୟରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସେବାପୂଜା କରୁଥିଲେ। ସେମାନଙ୍କ ପାଖରେ ବି କିଛି ସୂଚନା ନାହିଁ। ତେଣୁ ଏହାର କୌଣସି ସତ୍ୟତା ନ ଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ସେହିପରି ରତ୍ନସିଂହାସନରୁ ଶାଳଗ୍ରାମ ନେଇଯିବା ଅଭିଯୋଗକୁ ବି ମୁଖ୍ୟ ପ୍ରଶାସକ ଅସ୍ୱୀକାର କରିଛନ୍ତି। ଏହି ବୈଠକରେ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସ୍ୱାମୀ ଗିରଫ

**ଶିକ୍ଷୟିତ୍ରୀଙ୍କୁ ହତ୍ୟା ଘଟଣା**

**ଯାଜପୁରରୋଡ, ୧୧।୭ (ଡି.ଏନ୍.ଏ.)**

ଯାଜପୁର ରୋଡ୍ ଥାନା ଅଧୀନ ଖଣ୍ଡାହତା ଛକ ନିକଟରେ ଶିକ୍ଷୟିତ୍ରୀ ଯୋଗମାୟା ଜେନାଙ୍କ ହତ୍ୟା ଘଟଣାରେ ତାଙ୍କ ପୂର୍ବତନ ସ୍ୱାମୀ ସୌମ୍ୟପ୍ରକାଶ ମଲ୍ଲିକଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମର୍ମରେ ଆଇପିସି ୩୦୨, ୩୨୬/୩୦୭ (କେସ୍ ନଂ.-୨୭୯) ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଯୋଗମାୟା ୮ ବର୍ଷ ତଳେ ସୌମ୍ୟପ୍ରକାଶଙ୍କୁ ବିବାହ କରିଥିଲେ। ସେମାନଙ୍କର ୬ ବର୍ଷ ବୟସର ଏକ ପୁଅ ରହିଛି। ପାରିବାରିକ ଅଶାନ୍ତି ଯୋଗୁ ୨ ବର୍ଷ ତଳେ ସେମାନଙ୍କର ଛାଡ଼ପତ୍ର ହୋଇଯାଇଥିଲା। ତେବେ ଗତ ୯ ତାରିଖରେ ଯୋଗାମାୟା ସ୍କୁଲରୁ ସହଯୋଗୀଙ୍କ ସହ ଫେରୁଥିବା ବେଳେ ସୌମ୍ୟପ୍ରକାଶ ତାଙ୍କୁ ଏକ କତା (ମାରଣାସ୍ତ୍ର)ରେ ଆକ୍ରମଣ କରିଥିଲେ ବୋଲି ସେ ସ୍ୱୀକାର କରିଥିବା ପୋଲିସ କହିଛି। ଏଥିରେ ଯୋଗମାୟାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସହଯୋଗୀ ମୋହିନୀ ମୋହନ ମୁଦୁଲି ଗୁରୁତର ହୋଇଥିଲେ। ଯୋଗମାୟାଙ୍କ ମାମୁଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

MAHESWARI FINANCE
LOAN IN 3 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082 9911637672

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ବିଞ୍ଝାରପୁର ଥାନା ୩ ଦିନ ଶଟ୍‌ଡାଉନ୍**

ବିଞ୍ଝାରପୁର, (ଡି.ଏନ୍.ଏ.)- ବିଞ୍ଝାରପୁର ଥାନାକୁ ୩ ଦିନ ପାଇଁ ଶଟ୍‌ଡାଉନ କରାଯାଇଛି। ଥାନାର ୨୨ଜଣ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଥାନାକୁ ସାଧାରଣ ଲୋକଙ୍କ ଯିବା ଆସିବା ଉପରେ କଟକଣା ଲଗାଯାଇଛି। ସମ୍ପୂର୍ଣ୍ଣ ଥାନାକୁ ବିଶୋଧନ କରାଯିବା ସହ ସମସ୍ତ କର୍ମଚାରୀଙ୍କୁ ଘରୋଇ ସଙ୍ଗରୋଧରେ ରଖାଯାଇଛି। ଅନ୍ୟପକ୍ଷେ ଏସ୍‌ପି ଚରଣ ସିଂ ମୀନା ପରିଦର୍ଶନ କରି ଫେରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଅକ୍ସିଜେନ ହ୍ରାସ ଯୋଗୁ ମରିଛନ୍ତି ମାଛ

କପିଳଯୋରରେ ମାଛମଡ଼କ ଘଟଣା

**ପାରାଦୀପ,୧୧।୭(ସ୍ୱ.ପ୍ର.):** ପାରାଦୀପ କପିଳଯୋର ନଦୀରେ ପାଞ୍ଚଦିନ ତଳେ ହଠାତ ବିପୁଳ ପରିମାଣର ମାଛ ମରି ଭାସୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ଘଟଣା ଗଣମାଧମରେ ପ୍ରକାଶ ପାଇବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ପକ୍ଷରୁ ପାଣିର ନମୁନା ସଂଗ୍ରହ କରାଯାଇଥିଲା। ଶୁକ୍ରବାର ପାଣିର ରିପୋର୍ଟ ଆସିଛି। ନଦୀରେ ଡିଓ (ଡିଜଲ୍‌ଭ ଅକ୍ସିଜେନ)ହ୍ରାସ ଯୋଗୁ ଏପରି ମାଛମଡକ ହୋଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପାରାଦୀପର ବିଭିନ୍ନ ନଦୀରେ ପ୍ରତିବର୍ଷ ଏହିଭଳି ଘଟଣା ଘଟୁଛି। ଗତବର୍ଷ ବାଲିଝରା ନିକଟ ବଟନଦୀରେ ମାଛମଡ଼କ ହୋଇଥିଲା। ଶିଳ୍ପାୟନ ଯୋଗୁ ପାରାଦୀପର ଚତୁଃପାର୍ଶ୍ୱରେ ଥିବା ୨୨୯୫ ଏକର ବିଶିଷ୍ଟ ୫୭ କିତା ନଦୀ ଅସ୍ତିତ୍ୱ ହରାଇସାରିଲାଣି। ଯେଉଁ କେତେକ ନଦୀ ଏବେ ଦୃଶ୍ୟମାନ ହେଉଛି ସେଥିରେ ଏହିଭଳି ଘଟୁଛି।

ଯାଜପୁରରେ ୪୦ନୂଆ କରୋନା ସଂକ୍ରମିତ

### ଏନଫୋର୍ସମେଣ୍ଟକୁ ଜୋରଦାର କରିବାକୁ ନିର୍ଦ୍ଦେଶ

**ଯାଜପୁର ଅଫିସ୍/ଯାଜପୁର ଟାଉନ୍/ଧର୍ମଶାଳା,୧୧।୭ (ଡି.ଏନ୍.ଏ.):** ଯାଜପୁର ଜିଲାରେ ୪୦ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଶନିବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୭୯୮ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ରସୁଲପୁର ବ୍ଲକର ୪ଜଣ ଥିବା ବେଳେ, ବଡଚଣା ବ୍ଲକର ୭, ବିଞ୍ଝାରପୁର ବ୍ଲକର ୫, ଧର୍ମଶାଳା ବ୍ଲକର ସର୍ବାଧିକ ୧୪ ଓ କୋରେଇ ବ୍ଲକର ୧୦ ଜଣ ରହିଛନ୍ତି। ଏଥିରେ ୬ ଜଣ ସ୍ଥାନୀୟ ଲୋକ ସଂକ୍ରମିତ ହୋଇଛନ୍ତି। ଅନ୍ୟପକ୍ଷେ ୨୭ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ ଏସ୍‌ପି ଚରଣସିଂ ମୀନା ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏନଫୋର୍ସମେଣ୍ଟକୁ ଜୋରଦାର କରିବାକୁ ଶନିବାର ଭିଡିଓ କନଫରେନ୍ସିଂ ମାଧମରେ ସମସ୍ତ ବିଡିଓ, ତସହିଲଦାର, ଆଇଆଇସି ଓ ମେଡିକାଲ ଅଫିସରମାନଙ୍କ ସହ ଆଲୋଚନା କରିଛନ୍ତି।

### ୪ ବଖରା ଜଳିଗଲା

**ବରୀ, ୧୧।୭ (ଡି.ଏନ୍.ଏ.):** ବରୀ ବ୍ଲକ ଗୋଲକୁଣ୍ଡ ପଞ୍ଚାୟତର କଟଣା ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ପ୍ରତାପ ଜେନା ଓ ପଦ୍ମନାଭ ଜେନାଙ୍କ ୪ବଖରା ଜଳିଯାଇଛି। ଉଭୟ ପରିବାରର ସମସ୍ତ ଖାଦ୍ୟ ସାମଗ୍ରୀ ଓ ଆସବାବପତ୍ର ଜଳିଯାଇଛି। ଘରେ ନିଆଁ ଲାଗି ଯିବା ସମୟରେ ପରିବାର ଲୋକେ ଶୋଇଥିବାରୁ କୌଣସି ଆସବାବପତ୍ର ଉଦ୍ଧାର କରାଯାଇ ପାରି ନ ଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ ଶରତ ଚନ୍ଦ୍ର ଜେନା ବିପନ୍ନ ପରିବାରକୁ ଭେଟି ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

### ଭଙ୍ଗାଯିବ ମ୍ୟୁନିସିପାଲିଟିର ୧୬ ସ୍ଲମ ଘର

**ଯାଜପୁର ରୋଡ୍, ୧୧।୭ (ଡି.ଏନ୍.ଏ.):** ବ୍ୟାସନଗର ସହର ଚୋର୍ଦ୍ଦା ଛକ ନିକଟରେ ଥିବା ମ୍ୟୁନିସିପାଲିଟି ଅଧୀନ ୧୬ଟି ସ୍ଲମ ଘରଗୁଡ଼ିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ହୋଇଛି। ଉକ୍ତ ଘରଗୁଡିକ ବିପଦସଙ୍କୁଳ ଥିବାରୁ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାୟ ୩୦ ବର୍ଷ ହେବ ଏହି ଘରଗୁଡ଼ିକରେ ପୌରପରିଷଦର କର୍ମଚାରୀମାନେ ରହି ଆସୁଥିଲେ। ତେବେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ତଦନ୍ତ ପରେ ଘରଗୁଡ଼ିକ ବିପଦସଙ୍କୁଳ ଭାବେ ରହିଥିବା ନିର୍ବାହୀଯନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।

### ଗାଡ଼ି ଧକ୍କାରେ ଯୁବକ ମୃତ

**ନୟାଗଡ ଅଫିସ/ନୂଆଗାଁ, ୧୧।୭(ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ଡିମିରିଝରୀଠାରେ ଜଣେ ଯୁବକଙ୍କ ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଡିମିରିଝରୀର କଣ୍ଡୁରୀ ନାୟକ(୨୦)। ସେ ଶୌଚ ହେବାକୁ ଯାଇଥିବାବେଳେ ଏକ ବସ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନୂଆଗାଁ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

# ବେଲେଙ୍କେଶ୍ୱର ମନ୍ଦିରରେ ତାରବାଡ଼

**ନୟାଗଡ଼ ଅଫିସ/ରଣପୁର,୧୧।୭ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ଲୋଧାଚୁଆ ପଞ୍ଚାୟତ ପାଟବେରଣା ଗାଁ ନିକଟ ବେଲେଙ୍କେଶ୍ୱର ମନ୍ଦିରକୁ ନେଇ ଲେଖନପୁର ଓ ପାଟବେରଣା ଗାଁ ମଧ୍ୟରେ ଲାଗି ରହିଥିବା ବିବାଦ ବଢ଼ିବାରେ ଲାଗିଛି। ଏପରି କି ବେଲେଙ୍କେଶ୍ୱର ମନ୍ଦିର ଚାରିପାଖରେ ଲେଖନପୁର ଗ୍ରାମବାସୀ ଓ ନୀଳକଣ୍ଠେଶ୍ୱର ମନ୍ଦିର କମିଟି ପକ୍ଷରୁ ତାର ବାଡ଼ ଗୁଡ଼ାଇ ଦିଆଯାଇଛି। ମନ୍ଦିରର କିଛି ଗଛକୁ ନଷ୍ଟ ମଧ୍ୟ କରାଯାଇଛି। ପ୍ରାୟ ୫ଦିନ ତଳେ ତାର ବାଡ଼ ଗୁଡ଼ା ଯାଇଥିବାରୁ ଠାକୁରଙ୍କ ପୂଜା ନୀତି ବନ୍ଦ ହୋଇ ଯାଇଛି। ଏଭଳିସ୍ଥଳେ ପ୍ରଶାସନିକସ୍ତରରେ କୌଣସି ସମାଧାନର ସୂତ୍ର ବାହାରୁ ନ ଥିବାରୁ ଉଭୟ ଗାଁ ମଧ୍ୟରେ ବିବାଦ ବଢ଼ି ଚାଲିଛି। ଏହାର ସମାଧାନ କରା ନ ଗଲେ ଠାକୁରଙ୍କ ପୂଜାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ମନ୍ଦିର ଚାରିକଡ଼େ ତାରବାଡ଼ ଗୁଡ଼ାଯାଇଛି।

**ନୟାଗଡ଼ ଜିଲା**

■ମନ୍ଦିର ଜମିକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ ବଢ଼ିଲା

ସୂଚନା ଅନୁସାରେ, ବୃନ୍ଦାବନପୁର ପଞ୍ଚାୟତ ଲେଖନପୁର ଗାଁର ନୀଳକଣ୍ଠେଶ୍ୱର ଦେବଙ୍କ ଜମିରେ ବେଲେଙ୍କେଶ୍ୱର ମନ୍ଦିର ଗଢ଼ିଉଠିଛି। ପାଟବେରଣା ଲୋକେ ଉକ୍ତ ଜମିରେ ବେଲେଙ୍କେଶ୍ୱର ଓ ତାରେଣୀ ମନ୍ଦିର ନିର୍ମାଣ କରିବା ସମୟରେ ବିବାଦ ଦେଖା ଦେଇଥିଲା। ହେଲେ ସେତେବେଳ ବିସ୍ଫୋରକ ରୂପ ନେଇ ନ ଥିଲା। ପାଟବେରଣା ଲୋକ ପୂଜାନୀତି ଜାରି ରଖିଥିଲେ। ଲେଖନପୁର ବାସିନ୍ଦାଙ୍କ ଯୁକ୍ତି ଲେଖନପୁର ଗାଁର ନୀଳକଣ୍ଠେଶ୍ୱର ଦେବଙ୍କ ଜମିରେ ପାଟବେରଣା ବାସିନ୍ଦା ବେଲେଙ୍କେଶ୍ୱର ମନ୍ଦିର ଓ ତାରେଣୀ ମନ୍ଦିର କରିବା ଠିକ୍ ନୁହେଁ। ଏଣୁ ସେମାନେ ତାର ବାଡ଼ ଦେଇଛନ୍ତି। ତେବେ ଠାକୁରଙ୍କ ପୂଜାନୀତି କରିବାକୁ ସ୍ଥାନ ଛାଡିଛନ୍ତି। ସେମାନେ ପାଟବେରଣା ଲୋକଙ୍କ ବେଆଇନ ମନ୍ଦିର ନିର୍ମାଣ ସମ୍ପର୍କରେ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି। ପାଟବେରଣା ଗାଁ ଲୋକଙ୍କର ଯୁକ୍ତି ମନ୍ଦିର ଚାରିପାଖରେ ବାଡ ବୁଲାଇବା ଯୋଗୁ ଠାକୁର ଅପୂଜା ରହିଛନ୍ତି। ପୂଜା ନୀତି ହୋଇ ପାରୁନି। ଏନେଇ ସେମାନେ ରଣପୁର ଥାନା, ରଣପୁର ତହସିଲରେ ଅଭିଯୋଗ କରିଛନ୍ତି। ହେଲେ ଏହାର କୌଣସି ସମାଧାନ ହୋଇ ପାରିନାହିଁ। ଏ ସମ୍ପର୍କରେ ମତାମତ ପାଇଁ ରଣପୁର ତହସିଲଦାର ସଞ୍ଜୟ କୁମାର ସମାନ୍ତରାୟଙ୍କୁ ତାଙ୍କ ମୋବାଇଲ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ।

# ସଙ୍ଗରୋଧରେ ସାମୁଦ୍ରିକ ଥାନାର ୫ ପୋଲିସ

**ରାଜନଗର, ୧୧।୭(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନାର ଜଣେ ଡେପୁଟି ସୁବେଦାରଙ୍କ କରୋନା ଲକ୍ଷଣ ପ୍ରକାଶ ପାଇଛି। ଏନେଇ ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠାଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଉକ୍ତ ଥାନାର ୪ଜଣ କନଷ୍ଟେବଳ ଓ ଜଣେ ଡ୍ରାଇଭରଙ୍କୁ ଶନିବାର କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ରହିଛନ୍ତି। ସମ୍ପୃକ୍ତ ଡେପୁଟି ସୁବେଦାର ଗତ ଗୁରୁବାର ତାଳଚୁଆ ଥାନାରେ ଯୋଗଦେଇଥିଲେ। ମାତ୍ର ଶୁକ୍ରବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ଥଣ୍ଡା, ଜ୍ୱର, କାଶ ସହ ଝାଡା ହୋଇଥିଲା। ଏନେଇ ତାଙ୍କୁ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ଏହାକୁ କରୋନା ଲକ୍ଷଣ ବୋଲି କହିଥିଲେ। ଏହାପରେ ଡେପୁଟି ସୁବେଦାରଙ୍କୁ ଏକ ସ୍ୱତନ୍ତ୍ର ଗାଡିରେ କଟକ ପଠାଇ ଦିଆଯାଇଛି। ସେ ବାରାକରେ ରହୁଥିବାରୁ ଉକ୍ତ ଅଞ୍ଚଳ ସମେତ ଥାନା ପରିସରକୁ ବିଶୋଧନ କରାଯାଇଛି। ରିପୋର୍ଟ ଆସିବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଜଣେ ଗିରଫ

**ଡେରାବିଶ,୧୧।୭(ସ୍ୱ.ପ୍ର.)**

ଡେରାବିଶ ଥାନା ଅଞ୍ଚଳର ଜଣେ ୬ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛ। ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି । ଅଭିଯୁକ୍ତ ହେଲେ ପଡ଼ୋଶୀ ପ୍ରମୋଦ ମଲ୍ଲିକ (୪୫)।ଏ ନେଇ ମାମଲା (ନଂ .୧୨୩/୨୦) ରୁଜୁ ହୋଇଛି।

# ବ୍ରାହ୍ମଣୀରୁ ବାଲି ଚୋରାଚାଲାଣ ବଢୁଛି

**ରସୁଲପୁର, ୧୧।୭ (ଡି.ଏନ୍.ଏ.)**

ସପ୍ତାହାନ୍ତ ଶଟ୍‌ଡାଉନର ସୁଯୋଗ ନେଉଛନ୍ତି ଅସାଧୁ ବ୍ୟବସାୟୀ



ରସୁଲପୁର ତହସିଲର ଉତ୍ତର ଓ ଦକ୍ଷୀଣ ସୀମା ଦେଇ ପ୍ରବାହିତ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀରୁ ବାଲି ପରିବହନ ପାଇଁ ଏକାଧିକ ଘାଟ ନିଲାମ ଦିଆଯାଇଛି। ହେଲେ ଅସାଧୁ ବ୍ୟବସାୟୀମାନେ ବେଆଇନ ଭାବେ ଘାଟରୁ ବାଲି ଉଠାଇବା ସହ ରାଜସ୍ୱ ଫାଙ୍କୁଥିବା ଦେଖାଯାଉଛି। ପ୍ରଶାସନର କୋହଳ ମନୋଭାବ ଯୋଗୁ ଚୋରା ଚାଲାଣ ବଢୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ବାଲି ପରିବହନ ପାଇଁ ବ୍ରାହ୍ମଣୀ ନଦୀର ୬ଟି ଘାଟ (ଯାବରା ପଞ୍ଚାୟତର ମାନପୁର, କଲଣ ପଞ୍ଚାୟତର ନୂଆହାଟ, ସିଂହାପୁର ପଞ୍ଚାୟତର ବ୍ରାହ୍ମଣବାଡ, ବାରବାଟୀ ପଞ୍ଚାୟତର ଭଗତପୁର, ରାଜେନ୍ଦ୍ରପୁର ପଞ୍ଚାୟତର କରଜଙ୍ଗା, ସାମନ୍ତରାପୁର ପଞ୍ଚାୟତର ଚଅପୋଇ)କୁ ନିଲାମ ଦିଆଯାଇଛି। ସିଂହାପୁର ପଞ୍ଚାୟତର ଦନେଇପୁର ବାଲିଘାଟ ନିଲାମ ଦିଆଯାଇ ନ ଥିବା ବେଳେ ଅସାଧୁ ବ୍ୟବସାୟୀମାନେ ସେହି ଘାଟରୁ ବେଆଇନ ଭାବେ ବାଲି ଉଠାଉଛନ୍ତି। ସପ୍ତାହନ୍ତରେ ଦୁଇ ଦିନ ଶଟ୍‌ଡାଉନ୍‌କୁ ସୁଯୋଗ ମନେ କରି ଶହ ଶହ ବାଲି ଟ୍ରିପ୍ ପରିବହନ କରାଯାଉଛି। ଏ ନେଇ ଅଞ୍ଚଳବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ବି କିଛି ପଦକ୍ଷେପ ନିଆଯାଉନି। ଫଳରେ ଚୋରା ଚାଲାଣ ଅବାଧରେ ଚାଲୁଛି। ବ୍ରାହ୍ମଣୀ ନଦୀର ୬ଟି ଘାଟରୁ ବାଲି ଉଠାଇବାକୁ ଗତ ୭ ତାରିଖରେ ଟେଣ୍ଡର ପ୍ରକ୍ରିୟା ସରିଛି। ହେଲେ କାଗଜ ପତ୍ର କାମ ସରି ନ ଥିବାରୁ ବାଲି ଉତ୍ତୋଳନ ନେଇ ଅନୁମତି ମିଳିନାହିଁ। ଏ ନେଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ବାରମ୍ବାର ଫୋନ୍ କରାଯାଇ ଥିଲେ ବି ସେ ରିସିଭ୍ ନ କରିବାକୁ ତାଙ୍କ ପ୍ରତିକ୍ରିୟା ମିଳିପାରିପାହିଁ।

# ଜଗତ୍‌ସିଂହପୁରରେ ପୁଣି ୧୫ ଆକ୍ରାନ୍ତ

**ଜଗତ୍‌ସିଂହପୁର ଅଫିସ,୧୧।୭**

ଜଗତ୍‌ସିଂହପୁର ଜିଲାରେ ପୁଣି ୧୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୩୮୮ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ବିରିଡ଼ି ବ୍ଲକ ଅଞ୍ଚଳର ୧୦, ଏରସମା ୩, ଜଗତ୍‌ସିଂହପୁର ପୌରାଞ୍ଚଳ ୧ ଓ ବାଲିକୁଦା ବ୍ଲକ ଅଞ୍ଚଳର ଜଣେ ରହିଛନ୍ତି। ବିରିଡ଼ିରୁ ଚିହ୍ନଟ ୧୦ ଜଣଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶରୁ ୧, ତାମିଲନାଡୁ ୧, କର୍ନାଟକ ୭ ଓ ଗଞ୍ଜାମରୁ ଜଣେ ଫେରିଛନ୍ତି। ଏରସମାର ୩ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୨ ତାମିଲନାଡୁରୁ ଜଣେ ଫେରିଛନ୍ତି। ଜଗତ୍‌ସିଂହପୁର ପୌରାଞ୍ଚଳର ଜଣକ ପଶ୍ଚିମବଙ୍ଗ ଫେରନ୍ତା ଓ ସେ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଛନ୍ତି। ବାଲିକୁଦାର ଜଣକ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ ନର୍ସିଂ ସହାୟକ ଭାବେ ଥିଲେ। ସେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ସନ୍ଦେହରେ ଏହି ହସ୍ପିଟାଲ କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କ ସ୍ୱାବ୍ ରିପୋର୍ଟ ଆସିଲା ପରେ ସେ କରୋନା ସଂକ୍ରମିତ ବୋଲି ଜଣାପଡିଛି।

# ଗଜାହେଉନି ସରକାରୀ ଧାନ ବିହନ, ଚିନ୍ତାରେ ଚାଷୀ

**ରଘୁନାଥପୁର,୧୧।୭(ଡି.ଏନ.ଏ.)**



ଗଜା ହୋଇ ନ ଥିବା ଧାନ ବିହନ।

ରଘୁନାଥପୁର ବ୍ଲକ ଅଞ୍ଚଳର ଚାଷୀ ଖରିଫ ଧାନ ଚାଷ ପାଇଁ ସରକାରଙ୍କଠାରୁ ବିହନ କଣିଥିଲେ। କିନ୍ତୁ ଏବେ ସେହି ବିହନ ଗଜା ହେଉନାହିଁ। ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏନେଇ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ କୃଷିମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ନିମ୍ନମାନ ବିହନ ଯୋଗାଣ ନେଇ ପ୍ରଶାସନକୁ ଦୋଷାରୋପ କରିଛନ୍ତି। ଯଦି ବିହନ ସମସ୍ୟା ଲାଗିରହେ ତେବେ ଧାନ ଅମଳ କମିଯିବ। ଫଳରେ ଆଗକୁ ଖାଦ୍ୟ ସଙ୍କଟ ଦେଖାଦେବ ବୋଲି ସଭାପତି ଜେନା ସତର୍କ କରାଇଛନ୍ତି। ଅନ୍ୟପକ୍ଷରେ ପ୍ରତିବର୍ଷ ଏହି ସମସ୍ୟା ଦେଖଦେଉଥିଲେ ବି ସରକାର ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଚାଷୀ ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷିତ ହେଉଛି ବୋଲି ଜେନା କ୍ଷୋଭର ସହ ପ୍ରକାଶ କରିଛନ୍ତି। ସଙ୍ଗଠନ ସମ୍ପାଦକ ଇଂ ବାବାଜୀ ଚରଣ ଜେନା ବିହନ ସଂଗ୍ରହ, ସଂରକ୍ଷଣ ଓ ସମ୍ପୂର୍ଣ୍ଣ ପ୍ରକ୍ରିୟାକରଣକୁ ଠିକ ଭାବେ ତଦାରଖ କରାଯାଉ ନ ଥିବାରୁ ଚାଷୀଙ୍କ ପାଇଁ ଏହା କାଳ ହେଉଛି ବୋଲି କହିଛନ୍ତି। ତେଣୁ ଚାଷୀଙ୍କୁ ଅବିଳମ୍ବେ ନୂଆ ବିହନ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଇଥିଲେ ସୁଧା କୌଣସି ବ୍ୟବସ୍ଥା ହୋଇ ନ ଥିବା ଚାଷୀ ବିନୋଦ ବିହାରୀ ମହାନ୍ତି, ବିପିନ ସ୍ୱାଇଁ, ରଞ୍ଜନ ମହାନ୍ତି, ନାରାୟଣ ସିଂହ ଅଭିଯୋଗ କରିଛନ୍ତି। ରଘୁନାଥପୁର ବ୍ଲକ ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁ କହିଛନ୍ତି, ଅଳ୍ପ ଚାଷୀ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଲିଖିତ ଅଭିଯୋଗ ଆସିଲେ ଏହାର ସମାଧାନ କରିବୁ।

# କରୋନାରେ ୬ ଆକ୍ରାନ୍ତ

**କେନ୍ଦ୍ରାପଡା ଅଫିସ,୧୧।୭**

କେନ୍ଦ୍ରାପଡ଼ା ଜିଲାରେ ଶନିବାର ୬ ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ପରେ ସଂକ୍ରମିତଙ୍କ ସଂଖ୍ୟା ୨୯୮ରେ ପହଞ୍ଚିଛି। ଏଥିସହ ଗତ ୬ ତାରିଖରେ ମୃତ୍ୟୁବରଣ କରିଥିବା ମହାକାଳପଡା ବ୍ଲକ ତେରଗାଁର ଜଣେ ମହିଳାଙ୍କ କରୋନା ପଜିଟିଭ ଥିବା ଜଣାପଡ଼ିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ କହିବାନୁଯାୟୀ, ନୂତନ ଆକ୍ରାନ୍ତମାନେ ସଙ୍ଗରୋଧ ନିୟମ ପାଳନ କରି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରୁ ଏମାନେ ଚିହ୍ନଟ ହେବା ପରେ ଉକ୍ତ କେନ୍ଦ୍ରର ଅନ୍ତେବାସୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଉଛି । ଏଥିସହ ମୃତ ମହିଳାଙ୍କ ସମ୍ପର୍କରେ ଜିଲାପାଳ କହିଛନ୍ତି, ମୃତ ମହିଳା ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ଥିଲେ। ପ୍ରାୟ ମାସକ ପୂର୍ବରୁ ଏହି ମହିଳାଙ୍କ ମୁଣ୍ଡରେ ଯନ୍ତ୍ରଣା ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ପରିବାର ସଦସ୍ୟ ଏକ ଘରୋଇ ମେଡିକାଲରେ ତାଙ୍କ ଚିକିତ୍ସା କରାଇଥିଲେ। ଏହି ମେଡିକାଲରେ କରୋନା ପରୀକ୍ଷା ହୋଇଥିଲା। ପରୀକ୍ଷାରେ ନମୁନା ପଜିଟିଭ୍ ଆସିଥିଲା । ଏହାପରେ ତାଙ୍କୁ କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ମଦମୁକ୍ତ ରାଜ୍ୟ ଗଠନ ଦାବି

**ରଘୁନାଥପୁର,୧୧।୭(ଡି.ଏନ.ଏ.)**

ସମ୍ପୂର୍ଣ୍ଣ ମଦମୁକ୍ତ ରାଜ୍ୟ ଗଠନ ଦାବିନେଇ ନବନିର୍ମାଣ ସମିତି ପକ୍ଷରୁ ରାଜ୍ୟପାଳଙ୍କ ଉଦେଶ୍ୟରେ ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ତିନି ମାସ ମଦ ଦୋକାନ ବନ୍ଦ ଥିବାରୁ ଆଇନ ଶୃଙ୍ଖଳା, ଦୁର୍ଘଟଣା, ଚୋରି, ରାହାଜାନି ହ୍ରାସ ପାଇଥିଲା। ହଠାତ୍ ସରକାର ଦୋକାନ ଖୋଲି ଲୋକଙ୍କୁ ମଦ ପିଇବାକୁ ସୁଯୋଗ ଦେଇଛନ୍ତି। ଏହାକୁ ବିରୋଧ କରି ସମିତିର ସ୍ନେହାଂଶୁ ଜେନାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ରାଲିରେ ତହସିଲ ଅଫିସ ଅଭିମୁଖେ ଆସିଥିଲେ। ସାମାଜିକ କର୍ମୀ ଦେବୀପ୍ରସାଦ ମହାରଣା, ରଶ୍ମିରଞ୍ଜନ ସ୍ୱାଇଁ, ଅଲେଖ ବେହେରା, ଆଶୁତୋଷ ସାହୁ ପ୍ରମୁଖ ବକ୍ତବ୍ୟ ରଖି ତୁରନ୍ତ ମଦକୁ ନିଷେଧ କରିବା ପାଇଁ ଆହ୍ୱାନ କରିଥିଲେ। ତହସିଲଦାରଙ୍କ ଅନୁପସ୍ଥିତରେ କିରାଣି ଦାବିପତ୍ର ଗ୍ରହଣ କରିଥିଲେ।

# ନୟାଗଡ଼ରେ ପୁଣି ୩୭ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ/ଓଡ଼ଗାଁ/ଗଣିଆ/ ୧୧।୭(ସ୍ୱ.ପ୍ର./ଡି.ଏନ୍.ଏ.)**

୨ କଲୋନୀ କଣ୍ଟେନମେଣ୍ଟ

ନୟାଗଡ ଜିଲାରେ ପୁଣି ୩୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ନୟାଗଡ଼ ୧୫, ଓଡ଼ଗାଁ ୧୮, ଗଣିଆ ୩, ଖଣ୍ଡପଡାରୁ ଜଣେ ଅଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୭୪ରେ ପହଞ୍ଚିଛି। ୧୮୨ସୁସ୍ଥ ହୋଇଛନ୍ତି। ୯୨ ଚିକିତ୍ସାଧୀନ ଅଛନ୍ତି। ଶନିବାର ଆକ୍ରାନ୍ତଙ୍କ ମଧ୍ୟରେ ୩୦ ପୁରୁଷ, ୭ ମହିଳାଥିବା ସିଡିଏମଓ ରଞ୍ଜିତା ବିଶ୍ୱାଳ ଓ କୋଭିଡ୍ ନୋଡାଲ ଅଫିସର ଧନରାଜ ଏଚଡି କହିଛନ୍ତି। ନୟାଗଡ ସହରାଞ୍ଚଳ ପୋଲିସ ବାରାକରୁ ୫, ୨ନଂ ୱାର୍ଡରୁ ୬ ବର୍ଷର ଶିଶୁ, ୬ନଂ ୱାର୍ଡ ଏମଆଇ କଲୋନୀରୁ ଜଣେ, ୭ନଂ ୱାର୍ଡରୁ ଜଣେ, ବାରମାସୀ ଦଣ୍ଡାରୁ ଜଣେ, ନୟାଗଡ ବ୍ଲକର ତୁଳସୀପୁରରୁ ଦମ୍ପତି, ମୁଆଗାଡିଆ, ମାଛିପଡା, ଲକ୍ଷ୍ମୀପ୍ରସାଦ ଓ ପାଲାଗୁଣ୍ଡୁଣୀରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ମୁଖ୍ୟ ଚିକିତ୍ସାଳୟର ବର୍ଜ୍ୟବସ୍ତୁ ସଂଗ୍ରହ କରୁଥିବା ବ୍ୟକ୍ତି ଏମଆଇ କଲୋନୀରୁ ଚିହ୍ନଟ ପରେ ନୟାଗଡ ମ୍ୟୁନିସିପାଲିଟିର ୱାର୍ଡ ନଂ୬ର ଏମଆଇ କଲୋନୀ ଓ ବଳରାମ ସାହିକୁ ଜିଲାପାଳ ପୋମା ଟୁଡୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଓଡ଼ଗାଁର ସୁନାମୁହିଁରୁ ୧୫, କୁରାଳରୁ ୧, କୋମଣ୍ଡରୁ ୧, ଗିରିଡିପଲ୍ଲୀ ୧ରୁ ଜଣେ ରହିଛନ୍ତି। ଗଣିଆ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଓ କିଶୋରପ୍ରସାଦ କ୍ୱାରାଣ୍ଟାଇନରୁ ୨ ଅନୁରୂପ ଭାବେ ଅକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଚିହ୍ନଟ ପରେ ବ୍ଲକକୁ ସିଲ୍ କରାଯାଇଛି।

# ବିଧାୟକ, ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ରାଜନଗର, ୧୧।୭(ଡି.ଏନ୍.ଏ.)**

ରାଜନଗର ବ୍ଲକ ହଂସୁଆ ନଦୀ କୂଳରେ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ଶୁକ୍ରବାର ଲୋକାର୍ପିତ ହୋଇଥିଲା। ପାର୍କ ନିର୍ମାଣରେ ସହଯୋଗ କରିଥିବାରୁ ଶନିବାର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ବିଧାୟକ ଧ୍ରୁବ ସାହୁ ଓ ଜିଲା ପ୍ରଶାସନକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପାର୍କ ଛୋଟ ପିଲା, ସ୍ଥାନୀୟ ଜନସାଧାରଣଙ୍କୁ ଏକ ସୁସ୍ଥ ପରିବେଶ ଯୋଗାଇ ଦେବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ ଲେଖିଛନ୍ତି। ପାର୍କ ଲୋକାର୍ପିତ ହେବା ପରେ କେନ୍ଦ୍ରାପଡା ଜିଲାପାଳ ଫଟୋ ସହ ଟୁଇଟ୍ କରିଥିଲେ। ଏହାକୁ ଆଟାଚ୍ କରି ମୁଖ୍ୟମନ୍ତ୍ରୀ ଏହି ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି।

# କାର୍ଯ୍ୟକ୍ଷମ ହେଲାନି ନଥିପୁର ବିଦ୍ୟୁତ୍ ଷ୍ଟ୍ରକ୍ଚର



**ଉଦ୍‌ଘାଟନକୁ ଦେଢ଼ ବର୍ଷ ପୂରିଲା**

**ବିଞ୍ଝାରପୁର, ୧୧।୭ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅଧୀନ ବିତନା ପଞ୍ଚାୟତ ନଥିପୁରଠାରେ ନିର୍ମିତ ବିଦ୍ୟୁତ୍ ଷ୍ଟ୍ରକ୍ଚର ଉଦ୍‌ଘାଟନକୁ ଇତିମଧ୍ୟରେ ଦେଢ଼ବର୍ଷ ପୂରିଛି। ହେଲେ ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇପାରିନି, ଯାହାକୁ ନେଇ ବିଦ୍ୟୁତ୍ ଉପଭୋକ୍ତା ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବ୍ଲକର ବିତନା, ପ୍ରୀତିପୁର, ଅଳକୁଣ୍ଡ, ଉତ୍ତରକୂଳ, ଉତ୍ତଙ୍ଗରା, ଉଡ଼ରଙ୍ଗ ଆଦି ପଞ୍ଚାୟତର ଉପଭୋକ୍ତାଙ୍କୁ ମାଁସଡ଼ାସ୍ଥିତ ଷ୍ଟ୍ରକଚରରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ମାଁସଡ଼ାଠାରୁ ଉକ୍ତ ପଞ୍ଚାୟତଗୁଡ଼ିକ ବହୁ ଦୂରରେ ଥିବାବେଳେ ବହୁ ପୁରୁଣା ତାର ଓ ଶଙ୍ଖ ଲାଗିଥିବାରୁ ତାହା ଲୋଡ୍ ସମ୍ଭାଳି ପାରୁନି। ଫଳରେ ସାମାନ୍ୟ ବର୍ଷା ପବନରେ ତାର ଛିଣ୍ଡି ପଡୁଥିବା ବେଳେ ଅନେକ ସମୟରେ ଶଙ୍ଖ ଫାଟିଯାଉଛି। ଯେଉଁଥିପାଇଁ ଅଞ୍ଚଳବାସୀ ଦିନ ଦିନ ଧରି ଅନ୍ଧାରରେ ରହୁଛନ୍ତି। ଉପାଭୋକ୍ତାଙ୍କର ଏହି ସମସ୍ୟା ସମାଧାନ ପାଇଁ ବିତନା ପଞ୍ଚାୟତର ନଥିପୁରଠାରେ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଷ୍ଟ୍ରକ୍ଚର ନିର୍ମାଣ କରାଯାଇଥିଲା। ୨୦୧୯ ଫେବୃୟାରୀ ୧୯ରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ ଏହି ପ୍ରକଳ୍ପ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅସିତ୍ କୁମାର ପ୍ରଧାନଙ୍କୁ ପଚାରିବାରେ ନଥିପୁର ଷ୍ଟ୍ରକ୍ଚର କେଉଁଠି ଜାଣିନଥିବା କହିଛନ୍ତି। ଏଥିସହ ଦିନେ ଦୁଇ ଦିନ ସମୟ ଦେଲେ ଉକ୍ତ ପ୍ରକଳ୍ପ ସମ୍ପର୍କରେ ବୁଝିକି ଜଣାଇବେ ବୋଲି କହିଛନ୍ତି।

# ବରୀରେ ବିଗୁଡୁଛି ସ୍ୱାସ୍ଥ୍ୟସେବା

**ବରୀ, ୧୧।୭ (ଡି.ଏନ୍.ଏ.)**

■ସିଏଚ୍‌ସି ଓ ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀ ଅଭାବ

■ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା, ଖର୍ଚ୍ଚାନ୍ତ ହେଉଛନ୍ତି ଅଞ୍ଚଳବାସୀ





ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ଏହା ଅଧୀନରେ ଥିବା ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁ ଅଞ୍ଚଳବାସୀ ଆବଶ୍ୟକ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧୀକ୍ଷକଙ୍କ ପଦବୀରେ ଦୀର୍ଘ ଦିନ ଧରି କାହାରିକୁ ନିଯୁକ୍ତ କରାଯାଇ ନ ଥିବା ବେଳେ ବ୍ଲକ ପବ୍ଲିକ ହେଲଥ ଅଫିସର ପଦବୀ ଖାଲିପଡିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ବିଭିନ୍ନ ବିଭାଗର ଡାକ୍ତର ରହିବାର ନିୟମ ରହିଥିଲେ ବି ଜଣେ ହେଲେ ବିଶେଷଜ୍ଞ ନାହାନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ବିଭିନ୍ନ ସମୟରେ କରୋନା କାର୍ଯ୍ୟକ୍ରମରେ ସାମିଲ ହେଉଥିବାରୁ ମେଡିକାଲରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦ଜଣ କର୍ମଚାରୀ ଆବଶ୍ୟକ ଥିବାବେଳେ ମାତ୍ର ୭ କର୍ମଚାରୀରେ କାମ ଚାଲିଛି। ୪ଆଟେଣ୍ଡାଣ୍ଟଙ୍କ ଜାଗାରେ ୨ଜଣ କାର୍ଯ୍ୟରତ ଥିବା ବେଳେ ୨ ଝାଡୁଦାର ପଦବୀ ଖାଲିପଡିଛି।

ଏହାଛଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଚକ୍ଷୁ ବିଭାଗ ଡାକ୍ତର ୨ ବର୍ଷ ପୂର୍ବରୁ ଅବସର ନେଇଥିଲେ ବି ଏ ଯାଏ ଏହି ପଦବୀ ପୂରଣ ହୋଇନି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବାଲିଆ, ରତ୍ନଗିରି, କୃଷ୍ଣନଗର, କଳାମାଟିଆ ଓ ଅଙ୍ଗାଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସ୍ଥାୟୀ ଡାକ୍ତର ନାହାନ୍ତି। ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଏତଦ୍‌ବ୍ୟତୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଥୋଲାବ୍‌ର ସୁବିଧା ନ ଥିବାରୁ ସେଠାକାର ଲୋକେ ବିଭିନ୍ନ ପରୀକ୍ଷା କରାଇବା ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏ ସମସ୍ତ ଅସୁବିଧାର ସମାଧାନ ପାଇଁ ଅଞ୍ଚଳବାସୀ ଅନେକ ଥର ଜିଲାପାଳ, ଜିଲା ମୁଖ୍ୟଚିକିତ୍ସାଧାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧାରଣାରେ ବସିଥିଲେ। ଏହାପରେ ବି କୌଣସି ପଦକ୍ଷେପ ନିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ଓ ସ୍ଥାୟୀ ଡାକ୍ତର ନିଯୁକ୍ତି ସହ ଲୋକଙ୍କ ଚିକିତ୍ସା ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ତୁରନ୍ତ କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ଡାଇନାମିକ ଯୁବକ ସଂଘ, ବରୀ ସଚେତନ ନାଗରିକ ମଞ୍ଚ ଓ କେତେକ ସ୍ୱେଚ୍ଛାସେବୀ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳଙ୍କୁ ପଚାରିବାରେ ବର୍ତ୍ତମାନ କୌଣସି ପଦ ପଦବୀରେ ନିଯୁକ୍ତି ଦିଆଯିବାକୁ ସରକାରୀସ୍ତରରେ ବନ୍ଦ କରାଯାଇଛି। ରୋଗୀଙ୍କ ସୁବିଧା ପାଇଁ ଯାହା ପଦକ୍ଷେପ ନିଆଯିବ କଥା ତାହା ନିଶ୍ଚିତ ନିଆଯିବ। ବରୀ ବିଧାୟିକା ସୁନନ୍ଦା ଦାସ କୁହନ୍ତି, ବିଗତ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ଅବସ୍ଥା ଥିଲା ତାହା କିଛି ମାତ୍ରାରେ ସୁଧାର ଆସିଛି। ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ।

## ସଂକ୍ଷେପରେ

### 'ମୋବାଇଲ ସ୍ୱାବ୍ ସଂଗ୍ରହ ପ୍ରକ୍ରିୟାକୁ ବ୍ୟାପକ କରାଯିବ' ଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ


CMO Odisha
@CMO_Odisha
ଗଞ୍ଜାମରେ କରୋନାର ପ୍ରତିରୋଧ ପାଇଁ ମୋବାଇଲ ସ୍ୱାବ ସଂଗ୍ରହ ସେବା ଆରମ୍ଭ ହୋଇଛି। ଲୋକଙ୍କ ଘର ପାଖରେ ପହଁଚିବା ସହ ସ୍ୱାବ ସଂଗ୍ରହ ପ୍ରକ୍ରିୟାକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମକୁ ଆହୁରି ଦୃଢ଼ କରିଛନ୍ତି।

**ଛତ୍ରପୁର,୧୧।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କରୋନା ପଜିଟିଭ ସଂଖ୍ୟା ବଢ଼ି ଚାଲିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲାକୁ ଭ୍ରାମ୍ୟମାଣ ସ୍ୱାବ୍ ସଂଗ୍ରହ ଭ୍ୟାନ ଆସିଛି। ଏହା ଓଡିଶାରେ ପ୍ରଥମ ବୋଲି କୁହାଯାଇଛି। ପ୍ରଥମେ ବ୍ରହ୍ମପୁର ମହାନଗର ନିଗମରେ ଏହି ଭ୍ୟାନ ବୁଲି ସ୍ୱାବ୍ ସଂଗ୍ରହ କରିବ ପରେ ଜିଲାର ଅନ୍ୟ ଅଞ୍ଚଳକୁ ଯାଇ ସ୍ୱାବ ସଂଗ୍ରହ କରିବ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସୂଚନା ଦେଇଛନ୍ତି, ଗଞ୍ଜାମରେ କରୋନା ପ୍ରତିରୋଧ ପାଇଁ ମୋବାଇଲ ସ୍ୱାବ୍ ସଂଗ୍ରହ ସେବା ଆରମ୍ଭ ହୋଇଛି। ଲୋକଙ୍କ ଘର ପାଖରେ ପହଞ୍ଚିବା ସହ ସ୍ୱାବ୍ ସଂଗ୍ରହ ପ୍ରକ୍ରିୟାକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମକୁ ଆହୁରି ଦୃଢ଼ କରିଛନ୍ତି।

### ବାଘଛାଲ ଜବତ



**ସିନାପାଲି,୧୧।୭ (ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ଥାନା ଅଧୀନ ତାଲାକୋଟ ନିକଟରେ ଛତିଶଗଡ଼ ବନ ବିଭାଗ ଓ ପୋଲିସ ଏକ ବାଘଛାଲ ଜବତ କରିଛି। ଏହି ଘଟଣାରେ ସିନାପାଲି ଥାନା ଅଧୀନ ନଙ୍ଗଲବୋଡ ଗାଁର ସଞ୍ଜୟ ବାଗ (୨୯) ଗିରଫ ହୋଇଛନ୍ତି। ଛତିଶଗଡ଼ ରାଜ୍ୟ ମେନପୁର ପୋଲିସ କହିଛି ଯେ, ଏଠାରେ କିଛି ବର୍ଷ ହେଲା ବନ୍ୟପ୍ରାଣୀ ଶିକାରୀ ସକ୍ରିୟ ଥିବା ଛତିଶଗଡ଼ ପୋଲିସ ଓ ବନ ବିଭାଗ ପାଖରେ ଅଭିଯୋଗ ରହିଛି। ତେବେ ଏ ସଂକ୍ରାନ୍ତରେ ସିନାପାଲି ବନାଞ୍ଚଳ ଅଧିକାରୀ ବିମଳ ଟପ୍ପୋଙ୍କୁ ପଚାରିବାରୁ କୌଣସି ତଥ୍ୟ ଦେବା ପାଇଁ ମନା କରିଥିଲେ। ଏହା ଆମ ରାଜ୍ୟର ଘଟଣା ନୁହେଁ ବୋଲି କହିଥିଲେ।

### ବୈପାରିଗୁଡ଼ା ଥାନା ସିଲ୍

**ବୈପାରିଗୁଡ଼ା,୧୧।୭ (ଡି.ଏନ୍.ଏ.):** ଜଣେ ପୋଲିସ କର୍ମଚାରୀଙ୍କଠାରୁ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବୈପାରିଗୁଡ଼ା ଥାନାକୁ ସିଲ୍ କରାଯାଇଛି। ଉକ୍ତ ଅଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ଥାନାର ସମସ୍ତ କର୍ମଚାରୀ ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଫଳରେ ସାମୟିକ ଭାବେ ଥାନା ଅଚଳ ହୋଇପଡ଼ିଛି। ପରିସ୍ଥିତି ସୁଧୁରିବା ଯାଏ ବୈପାରିଗୁଡ଼ା ଥାନାର ସମସ୍ତ କାର୍ଯ୍ୟ ଜୟପୁର ସଦର ଥାନାରେ ଚାଲିବ ବୋଲି ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ କହିଛନ୍ତି। ସେହିପରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବା ପରେ ମେଡିକାଲରେ କେବଳ ଜରୁରିକାଳୀନ ଚିକିତ୍ସା ଉପଲବ୍ଧ ହେଉଛି। ଆସୁଥିବା ଅନ୍ୟ ରୋଗୀଙ୍କୁ ଜୟପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି।

### ହୀରାକୁଦ ଡ୍ୟାମ୍ ଜଳସ୍ତର ୬୨୯.୬୭ ଫୁଟ
### ୩ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୧୧।୭ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ୬୨୯.୬୭ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୪ ହଜାର ୮୫୦ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୧ଟି ଓ ବାମ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୫୯ ହଜାର ୮୧୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରିପୋର୍ଟ ଅନୁସାରେ ବେଲଗାଁରେ ୮ହଜାର ୮୦୦, ପଥର୍ଲାରେ ୨୭ ହଜାର ୧୦୫, ଖଇରମାଳରେ ୯୮ ହଜାର, ବରମୁଳାରେ ୧ ଲକ୍ଷ ୧୨ ହଜାର ୫୦୦, ମୁଣ୍ଡଳିରେ ୧ ଲକ୍ଷ ୬୬ ହଜାର ୬୯୪ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ରାହାଡ଼ପୁର ପାହାଡ଼ରୁ ଲଘୁ ଖଣିଜ ଚୋରା ଚାଲାଣ

ଯାଜପୁର ଅଫିସ୍, ୧୧।୭

■ହାଇୱା ଅଟକାଇଲେ ଗ୍ରାମବାସୀ, ପ୍ରଶାସନ ପହଞ୍ଚିଲାନି
■ସରକାରଙ୍କ ରାଜସ୍ୱ ଆଦାୟ ଉଦ୍ଦେଶ୍ୟ ପରାହତ


କଳାପଥର ବୋଝେଇ ହାଇୱାକୁ ଗ୍ରାମବାସୀ ଅଟକାଇଛନ୍ତି।

କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ତେଣୁ ଲଘୁ ଖଣିଜ ଦ୍ରବ୍ୟରୁ କିଭଳି ଅଧିକ ରାଜସ୍ୱ ଆଦାୟ କରାଯାଇପାରିବ, ସେ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବେଆଇନ ଖଣିଜ ଦ୍ରବ୍ୟ ପରିବହନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡିଶା ଶିଳ୍ପ ସୁରକ୍ଷା ବଳ(ଓଆଇଏସ୍ଏଫ୍)ଙ୍କୁ ନିୟୋଜିତ କରିବାକୁ ମୁଖ୍ୟ ଶାସନ ସଚିବ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ସରକାରଙ୍କ ଏହି ଉଦ୍ଦେଶ୍ୟ ପରାହତ ହେଉଥିବା ଦେଖାଯାଇଛି। ସରକାରଙ୍କ ଉଦ୍ଦେଶ୍ୟ ପୂରଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଅଣ୍ଟା ଭିଡୁଥିବା ବେଳେ ଜିଲା ରାଜସ୍ୱ ବିଭାଗ ରାଜସ୍ୱ ଆଦାୟ କରିବାକୁ କୁଣ୍ଠ କୁଣ୍ଠ ହେଉଥିବା ଶନିବାର ଏକ ଘଟଣାରୁ ସ୍ପଷ୍ଟ ହୋଇଛି। ଶନିବାର ମଧ୍ୟାହ୍ନରେ ରାହାଡପୁର ପାହାଡ଼ର ୬ ନମ୍ବର ଖାଦାନରୁ ବେଆଇନ ଭାବେ କଳାପଥର ପରିବହନ କରାଯାଉଥିଲା। ରମ୍ପେଇ ଗ୍ରାମର କେତେଜଣ ଯୁବକ କଳାପଥର ବୋଝେଇ ହାଇୱାକୁ ଅଟକାଇ ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନକୁ ଖବର ଦେଇଥିଲେ। ହେଲେ ସେମାନଙ୍କ କଥାକୁ କେହି ଶୁଣି ନ ଥିଲେ। କରୋନା ପାଇଁ ଏବେ ଯାଇହେବ ନାହିଁ ବୋଲି ତହସିଲଦାର ସରୋଜ କୁମାର ପଣ୍ଡା କହିଥିବା ସମ୍ପୃକ୍ତ ଯୁବକମାନେ କହିଛନ୍ତି। କଳାପଥର ଚୋରା ଚାଲାଣକାରୀଙ୍କ ସ୍ୱେଚ୍ଛାଚାରିତା ନେଇ ପ୍ରଶାସନ ସବୁ ଜାଣି ବି ନ ଜାଣିଲା ଭଳି ରହିଯାଉଛି ବୋଲି ଅଭିଯୋଗ ହୋଇଛି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଭରପୁର ରହିଛି। ଏହାକୁ ଲୁଟ କରିବା ପାଇଁ ବିଭିନ୍ନ ପ୍ରଭାବଶାଳୀ କମ୍ପାନୀ ପକ୍ଷରୁ ଏକ ପ୍ରକାର ଅଘୋଷିତ ପ୍ରତିଯୋଗିତା ଚାଲିଛି। ଏହି କମ୍ପାନୀ ଓ ବ୍ୟକ୍ତିଙ୍କ ଚାପରେ ସରକାରୀ ନୀତିନିୟମ, ପ୍ରତିଶ୍ରୁତି ସବୁ ପାଣି ଫୋଟକା ଭଳି ଫାଟି ଯାଉଛି। ଗତ ୨୦ ବର୍ଷ ମଧ୍ୟରେ ଜିଲାରୁ ଯେଉଁ ପରିମାଣରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ ହୋଇଛି, ଏଭଳି ଆଗକୁ ଚାଲିଲେ ପରବର୍ତ୍ତୀ ପିଢ଼ି ପାଇଁ ଜିଲା ଖଣିଜ ସମ୍ପଦ ସାଙ୍ଗକୁ ପ୍ରାକୃତିକ ସମ୍ପଦ ଶୂନ୍ୟ ହୋଇଯିବ ବୋଲି ମତପ୍ରକାଶ ପାଇଛି। ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ନେଇ ଏନ୍‌ଜିଟି ମଧ୍ୟ ପୂର୍ବରୁ ୨୫ କୋଟି ଟଙ୍କା ଜରିମାନା ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ହେଲେ ଏହି ନିର୍ଦ୍ଦେଶ କୋର୍ଟ କଚେରିରେ ସୀମିତ ରହିଛି। ତେବେ ୧୪୪ ଧାରା ଲାଗୁ ହୋଇଥିବା ସତ୍ତ୍ୱେ ରାହାଡପୁର ପାହାଡରୁ ମିତ୍ତଲ କମ୍ପାନୀର ଏକ ପ୍ରୋକ୍ଲିନ ଓ ହାଇୱାରେ ଶନିବାର କଳାପଥର ପରିବହନ ହେଉଥିଲା। ରମ୍ପେଇ ଗ୍ରାମବାସୀ ଏହି ବେଆଇନ ପରିବହନକୁ ବିରୋଧ କରିଥିଲେ। ଏହାପରେ ସ୍ଥାନୀୟ ପୋଲିସ ଓ ଧର୍ମଶାଳା ତହସିଲଦାରଙ୍କୁ ଖବର ଦେଇଥିଲେ। କିନ୍ତୁ କେହି ବି ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଏପରିକି ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ରାଜସ୍ୱ ବିଭାଗର ଯୁଗ୍ମ ସଚିବ ଭରତ ଭୂଷଣ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରା ନ ଥିଲା। ଏହାକୁ ନେଇ ସମ୍ପୃକ୍ତ ଯୁବକମାନେ ଉଦ୍‌ବେଗ ପ୍ରକାଶ କରିବା ସହ ରାତିସାରା ସେଠାରେ ଜଗି ରହିବୁ ବୋଲି ପ୍ରକାଶ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଲଘୁ ଖଣିଜ ଲୁଟ୍ ହେଉଥିବା ବେଳେ ପ୍ରଶାସନର ଏଭଳି କାର୍ଯ୍ୟକଳାପ ଜାରି ରହିଲେ ସରକାରଙ୍କ ରାଜସ୍ୱ ଆଦାୟ ଉଦ୍ଦେଶ୍ୟ କେବେ ବି ପୂରଣ ହୋଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସାମାଜିକ କର୍ମୀ ବେହୁରାଙ୍କ ସମେତ ସେଠାକାର ଯୁବକମାନେ କହିଛନ୍ତି, ତହସିଲଦାର ପରୋକ୍ଷ ଭାବେ ବେଆଇନ ପରିବହନକାରୀ ସଂସ୍ଥାକୁ ସହଯୋଗ କରୁଛନ୍ତି। ସେଥିପାଇଁ ପଦକ୍ଷେପ ନେବାରେ ସେ ପଛଘୁଞ୍ଚା ଦେଉଛନ୍ତି। ଆଗକୁ ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ପୁଅଙ୍କୁ ଠେଙ୍ଗାରେ ପିଟି ହତ୍ୟାକଲେ ବାପା

ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର,୧୧।୭ (ଡି.ଏନ୍.ଏ./ବି.ପ୍ର.)

ନିଶାଗ୍ରସ୍ତ ଅବସ୍ଥାରେ ମଣିଷ ନିଜର ହିତାହିତ ଜ୍ଞାନ ଭୁଲିଯାଏ। ନିଶାର ବଶବର୍ତ୍ତୀ ହୋଇ ଭୁଲ୍ ମଧ୍ୟ କରିବସେ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଗୋଡ଼ିଗାଁରେ। ନିଶାସକ୍ତ ଅବସ୍ଥାରେ ବାପା ନିଜର ଏକ ମାତ୍ର ପୁଅଙ୍କୁ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୃଷ୍ଣ ମାଝି (୨୫)। ଖାତିଗୁଡ଼ା ପୋଲିସ ଅଭିଯୁକ୍ତ ବାପା ମାଧବ ମାଝିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶୁକ୍ରବାର ବିଳମ୍ବିତ ରାତିରେ ମାଧବ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ଏହାପରେ କୌଣସି କାରଣରୁ କୃଷ୍ଣ ଓ ମାଧବଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମାଧବ ପାଖରେ ଥିବା ଏକ ଠେଙ୍ଗାରେ କୃଷ୍ଣଙ୍କ ମୁଣ୍ଡକୁ ପାହାର ଦେଇଥିଲେ। ଅତ୍ୟଧିକ ରକ୍ତସ୍ରାବ ହେତୁ ଘଟଣାସ୍ଥଳରେ କୃଷ୍ଣଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ଖାତିଗୁଡ଼ା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

# ବେଲପଡ଼ାରେ ଡବଲ ମର୍ଡର

■ବାପା, ପୁଅଙ୍କ ଜୀବନ ଗଲା
■ଦୁଇପକ୍ଷର ୬ ଗୁରୁତର
■ଟଙ୍କା ଦେଣନେଣକୁ ନେଇ ବିବାଦ
■୨ ପରିବାର ସଦସ୍ୟଙ୍କ ମଧ୍ୟରେ ହଣାକଟା

ବେଲପଡା,୧୧।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଥାନା ଅଧୀନ ମୁଣ୍ଡାଗାଁରେ ଏକ ଡବଲ ମର୍ଡର ଘଟଣା ଘଟିଛି । ଟଙ୍କା ଦେଣନେଣକୁ କେନ୍ଦ୍ର କରି ଶନିବାର ଅପରାହ୍ନରେ ଏହି ଦୁଃଖଦ ଘଟଣା ଘଟିଛି । ଦୁଇ ପରିବାର ସଦସ୍ୟଙ୍କ ମଧ୍ୟରେ ହଣାକଟା ପରେ ବାପ ପୁଅଙ୍କ ଜୀବନ ଯାଇଛି। ମୃତକ ହେଲେ ମୋତିଲାଲ ବନଛୋର(୫୮) ଓ ତାଙ୍କ ପୁଅ ଛନ୍ଦମଣି ବନଛୋର (୩୦)। ଏଥିରେ ଉଭୟ ପକ୍ଷର କୈଳାସ ବନଛୋର(୩୦), ହେମନ୍ତ ବନଛୋର(୨୬), ବାଲ୍ମୀକି ରାଉତ(୬୦) ତାଙ୍କ ପୁଅ ଫକୀର ରାଉତ(୩୫), ମଙ୍ଗଳ ରାଉତ(୩୦) ଓ ଘାସିରାମ ରାଉତ(୨୬) ଆହତ ହୋଇଛନ୍ତି। ସେମାନଙ୍କୁ ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାଲ୍ମୀକି ଓ ଫକୀରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ବଲାଙ୍ଗୀର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ମୋତିଲାଲଙ୍କ ମୃତଦେହ ପଡି ରହିଛି। ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାୟକ, ବେଲପଡା ଥାନା ଅଧିକାରୀ ସଚ୍ଚିଦାନନ୍ଦ ବରିହା ସେଠାରେ ପହଞ୍ଚି ତନାଘନା ଚଳାଇଛନ୍ତି। ଗାଁରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାଲ୍ମୀକି ରାଉତଙ୍କ ପୁଅ ଫକୀର ଜଣେ ଟ୍ରାକ୍ଟର ଡ୍ରାଇଭର। ମୋତିଲାଲ ଗତ କିଛିଦିନ ତଳେ ଏକ ଟ୍ରାକ୍ଟର ଲିଜସୂତ୍ରରେ ଆଣିଥିଲେ । ଫକୀର ସେହି ଟ୍ରାକ୍ଟର ଚଳାଉ ଥିଲେ। ଟ୍ରାକ୍ଟର ମାଲିକ ମୋତିଲାଲ କୁଆଡେ ତାଙ୍କୁ ୧୦ ମାସର ଦରମା ଦେଇ ନ ଥିଲେ। ଏହାକୁ ନେଇ ଫକୀର ଓ ମୋତିଲାଲଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। କିଛିଦିନ ପୂର୍ବରୁ ମୋତିଲାଲ ତାଙ୍କୁ ଅଳ୍ପ ଟଙ୍କା ଦେଇଥିଲେ । ତେବେ ଅବଶିଷ୍ଟ ଟଙ୍କାକୁ ନେଇ ବିବାଦ ଲାଗି ରହିଥିଲା । ଏହି ଘଟଣାକୁ କେନ୍ଦ୍ର କରି ଶନିବାର ଅପରାହ୍ନରେ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟ ପକ୍ଷ ମାରଣାସ୍ତ୍ର ଧରି ଗାଁ ଶେଷମୁଣ୍ଡ ଯୋର ପାଖରେ ମୁହାଁମୁହିଁ ହୋଇଥିଲେ। ଫକୀରଙ୍କ ଭାଇ ମଙ୍ଗଳ ଏକ ଟାବଲି(ମାରଣାସ୍ତ୍ର)ରେ ମୋତିଲାଲଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ମୋତିଲାଲ ଟଳି ପଡିଥିଲେ। ପରେ ମଙ୍ଗଳ ଛନ୍ଦମଣିଙ୍କୁ ବି ଆକ୍ରମଣ କରିଥିଲେ। ଗାଁ ଲୋକଙ୍କଠାରୁ ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଛନ୍ଦମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# କରୋନା ସଂକ୍ରମିତ ଦୁଇ ବିଧାୟକଙ୍କ ସହ କଥା ହେଲେ ନବୀନ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

■ ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
■ ମୋ ସରକାର ଅଭିଯାନରେ କୋଭିଡ୍ ଯୋଦ୍ଧା, ରୋଗୀଙ୍କ ମତାମତ ନିଅ

ମୋ ସରକାର ଅଭିଯାନ ଅନ୍ତର୍ଗତ କୋଭିଡ୍ ଯୋଦ୍ଧା ଏବଂ ରୋଗୀଙ୍କ ଠାରୁ ମତାମତ ସଂଗ୍ରହ (ଫିଡ୍ ବ୍ୟାକ୍) କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶନିବାର କରୋନା ସଂକ୍ରମିତ ହୋଇଥିବା ନୀଳଗିରିର ଭାଜପା ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସହ ଟେଲିଫୋନରେ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ କୋଭିଡ୍ କେୟାର ହୋମ୍‌ରେ ଚିକିତ୍ସିତ ହେଉଥିବା କରୋନ ଯୋଦ୍ଧାଙ୍କ ସହିତ କଥା ହୋଇ ସେମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ସେମାନଙ୍କର ଉତ୍ତମ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଭରସା ଦେଇଛନ୍ତି। ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କରୋନା ସଂକ୍ରମିତଙ୍କ ସହ କଥା ହୋଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେଠାରେ ସେମାନଙ୍କୁ ମିଳୁଥିବା ଚିକିତ୍ସା ସୁବିଧା ବିଷୟରେ ପଚାରିଛନ୍ତି। ନିୟମିତ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ କରୋନା ସଂକ୍ରମିତଙ୍କ ସହ ଟେଲିଫୋନରେ କଥା ହୋଇ ସେମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ବୁଝି ଆସିଛନ୍ତି।

# ପାରାଦୀପରେ କଣ୍ଟେନର ଆମଦାନୀ-ରପ୍ତାନି ଆରମ୍ଭ



ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ ବର୍ଥରେ ଲାଗିଥିବା କଣ୍ଟେନର ବୋଝେଇ ଜାହାଜ।

ପାରାଦୀପ,୧୧।୭(ସ୍ୱ.ପ୍ର.)

■ମାଲେସିଆର ପୋର୍ଟକ୍ଲାଙ୍ଗ ବନ୍ଦରରୁ ଆସିଛି ୧୫୦ କଣ୍ଟେନର
■ଓଡ଼ିଶାରେ ପାରାଦୀପ ପ୍ରଥମ

ପାରାଦୀପ ବନ୍ଦରରେ ଶନିବାର ପ୍ରଥମ କରି କଣ୍ଟେନର ଆମଦାନୀ-ରପ୍ତାନି ଆରମ୍ଭ ହୋଇଛି। ସନ୍ଧ୍ୟାରେ ବନ୍ଦରର ପିଆଇସିଟି(ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରେ କଣ୍ଟେନର ବୋଝେଇ ଜାହାଜ ଲାଗିଛି। ମାଲେସିଆର ପୋର୍ଟକ୍ଲାଙ୍ଗ ବନ୍ଦରରୁ ଏମ୍‌ଭି ଦାମୁଭୂମ ନାମକ ଜାହାଜରେ ୧୫୦ ଖାଲି କଣ୍ଟେନର ଆସିଛି। ଏହା ଖଲାସ ହେବାପରେ ୨୩ଟି ମାଲ୍ ବୋଝେଇ କଣ୍ଟେନର ମାଲେସିଆକୁ ଯିବ। ସେଠାରୁ ୟୁରୋପ ଦେଶକୁ ଯିବ ବୋଲି ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନୀ ଅବସରରେ ସୂଚନା ଦେଇଛନ୍ତି। ପାରାଦୀପ ତୈଳ ବିଶୋଧନାଗାରର ପ୍ରଲିପ୍ରପଲିନ ୟୁନିଟରୁ ଉତ୍ପାଦିତ ପଲିମର ଏଥିରେ ରପ୍ତାନି ହେବ ବୋଲି କୁହାଯାଇଛି। ପୂର୍ବରୁ ଏଭଳି ସୁବିଧା ପାରାଦୀପ ବନ୍ଦରରେ ଉପଲବ୍ଧ ନ ଥିଲା। କଣ୍ଟେନର ଜାହାଜ ଅନ୍ୟ ବନ୍ଦରରେ ଲାଗେ। ସେଠାରୁ ଆନ୍ତଃବନ୍ଦର ପରିବହନ ବ୍ୟବସ୍ଥାରେ ପାରାଦୀପକୁ ଆସେ। ଏବେ ସିଧାସଳଖ ପାରାଦୀପକୁ ଆସିବ। ଏହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗୀ କମ ଖର୍ଚ୍ଚରେ ଉତ୍ପାଦନ କରିପାରିବେ ବୋଲି ଅଧ୍ୟକ୍ଷ ରାୟ କହିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଏ.କେ. ବୋଷ, ପିଆଇସିଟି ଶାଖା ମୁଖ୍ୟ କ୍ୟାପଟେନ ସତ୍ୟବ୍ରତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତ ମାସରେ ପାରାଦୀପ ବନ୍ଦର ୨୫.୭୩ ମିଲିୟନ ଟନ ପଣ୍ୟ କାରବାର କରି ଦେଶର ବୃହତ୍ ବନ୍ଦର କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି।

## ମହିଳାଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

ନିମାପଡ଼ା,୧୧।୭(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଅଣ୍ଡିଆ ସାହି ଗ୍ରାମ କେନାଲ ନିକଟରେ ଥିବା ଏକ ଘରୋଇ କ୍ଲିନିକ୍‌ରେ ଡାକ୍ତର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୧୫୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଥାନା ଅଞ୍ଚଳର ଉକ୍ତ ମହିଳା ୮/୯ବର୍ଷ ତଳେ ଦାନ୍ତ ବିନ୍ଧା ହେଉଥିବା ନେଇ ଏହି ଘରୋଇ କ୍ଲିନିକ୍‌ରେ ଦେଖାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଜଣକ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରି ମହିଳାଙ୍କ ଭଲ ଦାନ୍ତ ବାହାର କରି ଦେଇଥିଲେ। ଏଥିପାଇଁ ବର୍ଷ ବର୍ଷ ଧରି ବହୁ ଖର୍ଚ୍ଚାନ୍ତ କରିଥିଲେ ମଧ୍ୟ ମହିଳାଙ୍କ ଦାନ୍ତ ଠିକ୍ ହୋଇ ନ ଥିଲା। ଏ ନେଇ ଜୁଲାଇ ୩ରେ ସେ ସେହି କ୍ଲିନିକକୁ ଯାଇ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିଥିବା ନେଇ ଡାକ୍ତରଙ୍କୁ କହିଥିଲେ। ଏଥିରେ ଡାକ୍ତର ଜଣକ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ମହିଳା ଜଣକ ପରିବାର ଲୋକଙ୍କୁ ଜଣାଇ ଥାନାରେ ଅଭିଯୋଗ କରିଥିଲେ।

# ଅପହୃତ ବ୍ୟବସାୟୀ ଉଦ୍ଧାର

ସମ୍ବଲପୁର,୧୧।୭(ବ୍ୟୁରୋ)

■ଅପହରଣର ୧୨ ଘଣ୍ଟା ପରେ ଉଦ୍ଧାର କଲା ପୋଲିସ
■ଏକ ପରିତ୍ୟକ୍ତ ଘରେ ତାଙ୍କୁ ରଖାଯାଇଥିଲା

ସମ୍ବଲପୁର ଜିଲା ଶାସନ ଥାନା ବାଇପାସ୍ ରାସ୍ତାରୁ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅପହୃତ ହୋଇଥିବା ଅଇଁଠାପାଲି ଥାନା ନୂଆଁପଡାର ବ୍ୟବସାୟୀ ନରେଶ ଅଗ୍ରୱାଲ (୬୩)ଙ୍କୁ ୧୨ ଘଣ୍ଟା ପରେ ପୋଲିସ ଉଦ୍ଧାର କରିଛି। ହୀରାକୁଦ ଥାନା ଏଫ୍‌ସିଆଇ ଗୋଦାମ ନିକଟ ଏକ ପରିତ୍ୟକ୍ତ ଘରୁ ତାଙ୍କୁ ଉଦ୍ଧାର କରାଯାଇଛି। ହେଲେ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନାହିଁ। ଅପହରଣକାରୀଙ୍କୁ ଚିହ୍ନଟ କରାଯାଇଛି। କେଉଁ କାରଣରୁ ନରେଶଙ୍କୁ ଅପହରଣ କରାଯାଇଥିଲା ସେ ନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଅପହୃତ ନରେଶଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ସେ ଘଟଣା ସମ୍ପର୍କରେ ବଖାଣିଛନ୍ତି । ଗୋଦାମ ଗୃହ କାମ ଚାଲିଥିବା ସ୍ଥାନକୁ ସେ ଯାଇଥିଲେ । ଅପରାହ୍ନ ପ୍ରାୟ ୧୨ଟାରେ ଖାଇବା ଛୁଟି ହୋଇଥିଲା । ସେ ସମୟରେ ସେ ଆସି କାର ଭିତରେ ବସିଥିଲେ । ଡ୍ରାଇଭର କିନ୍ତୁ ଗାଡି ପାଖକୁ ଆସି ନ ଥିଲେ। ଏହି ସମୟରେ ଏକ କାରରେ କେତେଜଣ ଦୁର୍ବୃତ୍ତ ଆସିଥିଲେ। ତାଙ୍କୁ ନିଶା ଦେଇ ବେହୋସ କରିଦେଇଥିଲେ। ଚେତା ଫେରିବା ପରେ ସେ ନିଜକୁ ଏକ ପରିତ୍ୟକ୍ତ ଘରେ ପାଇଥିଲେ। ସେମାନେ ଖାଇବାକୁ ରୁଟି ଆଉ ଡାଲମା ଦେଇଥିଲେ। ଖାଇ ସାରିବା ପରେ ପୁଣି ବେହୋସ କରି ଦେଇଥିଲେ। ପୁଣି ଚେତା ଫେରିବା ବେଳକୁ ନିଜକୁ ସେ ହୀରାକୁଦ ଥାନାରେ ପାଇଥିବା କହିଛନ୍ତି। ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି, ବିଳମ୍ବିତ ରାତିରେ ପୋଲିସ ଟିମ୍ ତାଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତଙ୍କୁ କିନ୍ତୁ ଗିରଫ କରାଯାଇପାରିନାହିଁ।

## ୧୩ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ



ଢେଙ୍କାନାଳ ଅଫିସ୍, ୧୧।୭

ଢେଙ୍କାନାଳ ସହରରୁ ଶନିବାର ୧୩ ଗ୍ରାମ ୪୮୦ ମିଲିଗ୍ରାମ୍‌ର ବ୍ରାଉନ ସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ରଗଡ଼ିସାହି ଅଞ୍ଚଳର କାହ୍ନୁ ରାଉଳ, ଦୀପକ ନାୟକ, ରାକେଶ ସାହୁ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ପୁରୁଣା ଜିଲା ଚିକିତ୍ସାଳୟର ପୁରୁଣା ରକ୍ତଭଣ୍ଡାର ପରିସରରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ସୂଚନା ପାଇ ଥାନାଧିକାରୀ ନମିତା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। ଏ ନେଇ ନଂ. ୨୮୫/୨୦ରେ ଏକ ମାମଲା ରୁଜୁ ହୋଇଛି। ଜବତ ବ୍ରାଉନ୍ ସୁଗାରର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ଏପରି ବେଆଇନ କାରବାର ସମ୍ପର୍କରେ ଖୋଳତାଡ଼ କରାଯାଉଥିବା ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ସୂଚନା ଦେଇଛନ୍ତି।

# ଅନ୍‌ଲାଇନରେ ମିଳିବ ଅଗ୍ନି ନିରାପତ୍ତା ପ୍ରମାଣପତ୍ର

ଭୁବନେଶ୍ୱର,୧୧।୭(ବ୍ୟୁରୋ)

**ଚଳିତ ମାସ ଶେଷ ସପ୍ତାହରୁ ଆରମ୍ଭ ହେବ ସେବା**

ଏଥର ଆଉ ଫାୟାର ସେଫ୍ଟି ସାର୍ଟିଫିକେଟ ବା ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ କି ଦଲାଲଙ୍କୁ ହାତ ଗୁଞ୍ଜା ଦେବାକୁ ପଡିବ ନାହିଁ। ଘରେ ବସି ସଂସ୍ଥାର ମାଲିକମାନେ ଅନ୍‌ଲାଇନ୍‌ରେ ଆବେଦନ କରି କମ୍ ସମୟ ମଧ୍ୟରେ ପାଇପାରିବେ ଏହି ପ୍ରମାଣପତ୍ର। ଚଳିତ ମାସ ଶେଷ ସପ୍ତାହ ଆଡକୁ ଏହି ସେବା ଆରମ୍ଭ ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଲୋକଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ତରଫରୁ ଅନ୍‌ଲାଇନରେ ପ୍ରମାଣପତ୍ର ଯୋଗାଇ ଦେବାକୁ ଗତବର୍ଷ ନିଷ୍ପତ୍ତି ହୋଇଥିଲା। ଏହି ପ୍ରସ୍ତାବକୁ ସରକାର ଗ୍ରହଣ କରିବା ସହ 'ମୋ ସରକାର ଓ ୫-ଟି'ରେ ଅଗ୍ନିଶମ ବିଭାଗକୁ ଅନ୍ତର୍ଭୁକ୍ତ କରିଥିଲେ। ଏନେଇ ଅର୍ଥ ବରାଦ ହେବାପରେ ଆବଶ୍ୟକ ସଫ୍ଟୱେର ଡେଭଲପ୍ କରିବା ପାଇଁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)କୁ ଦାୟିତ୍ୱ ଦିଆଯାଇଥିଲା। ଏପ୍ରିଲରେ ଏହି ସେବା ଆରମ୍ଭ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହା ଅଟକି ରହିଥିଲା। ଇତି ମଧ୍ୟରେ ଏହି ସଫ୍ଟୱେର କାର୍ଯ୍ୟ ଶେଷ କରାଯାଇ ପରୀକ୍ଷଣ ସ୍ତରରେ ରହିଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ପରୀକ୍ଷଣ ଶେଷ ହୋଇ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ। ପ୍ରଥମ ଦଫାରେ ରାଜ୍ୟରେ ନୂତନ ଭାବରେ ଆରମ୍ଭ ହେବାକୁ ଯାଉଥିବା ତଥା ଓଡ଼ିଶା ଅଗ୍ନି ନିବାରଣ ଓ ଅଗ୍ନି ନିରାକରଣ ନିୟମ-୨୦୧୭ ଅନ୍ତର୍ଭୁକ୍ତ ସମସ୍ତ କୋଠା ବାଡ଼ି, କଳକାରଖାନା ଓ ଅନ୍ୟାନ୍ୟ ଅଗ୍ନି ପ୍ରବଣ ପ୍ରତିଷ୍ଠାନ ପାଇଁ ଲାଗୁ କରାଯିବ। ଏହି ବ୍ୟବସ୍ଥାକୁ ସଫଳ ପରିଚାଳନା କରିବା ଲାଗି ଅଗ୍ନିଶମ ଅଧିକାରୀଙ୍କୁ ୪ ଦିନିଆ ପ୍ରଶିକ୍ଷଣ ଦିଆଯାଇଛି। ଦ୍ୱିତୀୟ ଦଫାରେ ଜନସାଧାରଣ ଅସ୍ଥାୟୀ ଶିବିର, ଅକ୍ଟୋବର ୨୦୧୭ରୁ ଗଢି ଉଠିଥିବା କୋଠା ଓ ପ୍ରତିଷ୍ଠାନଗୁଡିକ ପାଇଁ ପ୍ରମାଣ ପତ୍ର ନେଇ ପାରିବେ।

ଏହି ବ୍ୟବସ୍ଥା ଅନୁଯାୟୀ ଅଗ୍ନିଶମ ବିଭାଗ ଜନସାଧାରଣଙ୍କୁ ୩୦ଦିନ ମଧ୍ୟରେ ଅଗ୍ନି ନିରାପତ୍ତା ସୁପାରିସ ଓ ଏହାର ୧୮ଦିନ ମଧ୍ୟରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯୋଗାଇ ଦେବ। ବିଜ୍ଞପ୍ତି ଅନୁଯାୟୀ ସମସ୍ତ ଅଗ୍ନିଶମ କେନ୍ଦ୍ରର ଅଧିକାରୀମାନେ ଅସ୍ଥାୟୀ ଶିବିର ପାଇଁ ସିଧାସଳଖ ପ୍ରମାଣପତ୍ର ଯୋଗାଇଦେଇପାରିବେ। ୩୫ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ କୋଠାଗୁଡିକ ପାଇଁ ମୁଖ୍ୟ ଅଗ୍ନିଶମ ଅଧିକାରୀ ଓ ୧୫ ମିଟରରୁ ୩୫ ମିଟର ଉଚ୍ଚତା ବିଶିଷ୍ଟ କୋଠାଗୁଡିକ ପାଇଁ ଅଗ୍ନିଶମ ଅଧିକାରୀ ଓ ଉପ ଅଗ୍ନିଶମ ଅଧିକାରୀଙ୍କୁ ଏହି ପ୍ରମାଣପତ୍ର ଦେବାର କ୍ଷମତା ଦିଆଯାଇଛି।



ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ଖବରକୁ ଏବେ ବି ତାଙ୍କ ଫ୍ୟାନ୍‌ମାନେ ବିଶ୍ୱାସ କରିପାରୁନାହାନ୍ତି। ଲୋକମାନେ ଭିନ୍ନ ଭିନ୍ନ ଉପାୟରେ ସୁଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଥିବା ଦେଖାଯାଉଛି। ନିକଟରେ ଦିବଂଗତ ଅଭିନେତାଙ୍କ ହୋମ ଟାଉନ ପୂର୍ଣ୍ଣିୟାରେ ଏକ ରାସ୍ତାର ନାମ ସୁଶାନ୍ତଙ୍କ ନାମରେ ରଖାଯାଇଛି। ରିପୋର୍ଟ ମୁତାବକ ମେୟର ସରିତା ଦେବୀ କହିଛନ୍ତି ସୁଶାନ୍ତ ଜଣେ ମହାନ କଳାକାର ଥିଲେ। ଏଣୁ ତାଙ୍କ ନାଁରେ ରାସ୍ତାର ନାମକରଣ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

# ମହାକାଶ ରହଣିରେ ବଦଳିଯିବ ଭାଷା

*ଆଗାମୀ ଭବିଷ୍ୟତର ମହାକାଶରେ ଲମ୍ବା ଅବଧିର ରହଣି ମଣିଷର କଥିତ ଭାଷାକୁ ପ୍ରଭାବିତ କରିବା ଏହାଦ୍ୱାରା କଥା କହିବାର ଶୈଳୀ ସମେତ ଭାଷାର ବ୍ୟବହାରିକ ପରିବର୍ତ୍ତନ ହୋଇଯିବ ବୋଲି ଭାଷାତତ୍ତ୍ୱବିତ୍‌ମାନେ ଭବିଷ୍ୟବାଣୀ କରିଛନ୍ତି।*

## ଭାଷାତତ୍ତ୍ୱବିତ୍‌ଙ୍କ ଭବିଷ୍ୟବାଣୀ



**ନୂଆଦିଲ୍ଲୀ:** ଗୋଟିଏ ଗ୍ରହରୁ ଆଉ ଗୋଟିଏ ଗ୍ରହକୁ ଯାତ୍ରା କରିବା ହେଉ ସୌରମଣ୍ଡଳ ବାହାରେ ଜନବସତି ଅଦ୍ୟାବଧି ଏସବୁ ସାଇନ୍ସ ଫିକ୍ସନର ଗୋଟିଏ ଗୋଟିଏ ଅଙ୍ଗ ହୋଇ ରହିଛି। ହେଲେ ବିଜ୍ଞାନର ଅଗ୍ରଗତି ଏବଂ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅନବରତ ଗବେଷଣା ଏହା ଦିନେ ନା ଦିନେ ସତ୍ୟ ହେବ ବୋଲି ମଣିଷ ମନରେ ବିଶ୍ୱାସ ଜନ୍ମିବା ଆରମ୍ଭ ହେଲାଣି। ସାଇନ୍ସ ଫିକ୍ସନକୁ ସତରେ ପରିଣତ କରିବାକୁ ପାଣି ଭଳି ଟଙ୍କା ଖର୍ଚ୍ଚ କରାଯାଉଛି। ଅନ୍ୟ ଗ୍ରହରେ କଲୋନୀ ଗଢ଼ିବା ଏବଂ ଏକ ବିଶାଳକାୟ ଯାନରେ ମହାକାଶରେ ଜୀବନ ଜିଇବା ଲାଗି ଅନୁସନ୍ଧାନ ଚାଲିଛି। ଏହା ସଫଳ ହେଲେ ମହାକାଶର ଅନ୍ୟ ଗ୍ରହରେ ମଣିଷ ରହିବା ଆରମ୍ଭ କରିବ। ତେବେ ଏହା ଏତେ ସହଜ ହେବନାହିଁ। ଜୀବନ ସଞ୍ଚାର ପାଇଁ ଆବଶ୍ୟକ କାରକ ଥିବା ସତ୍ତ୍ୱେ ମହାକାଶରେ ରହଣି ଭାଷାକୁ ଗଭୀର ଭାବେ ପ୍ରଭାବିତ କରିବ ବୋଲି ଭାଷା ବିଶେଷଜ୍ଞମାନେ କହିଛନ୍ତି।

ସମୟ ସହିତ ଭାଷାର ବିକାଶ ସମ୍ପର୍କରେ ଭାଷାତତ୍ତ୍ୱବିତ୍‌ଙ୍କ ଏକ ଟିମ୍ ଗବେଷଣା ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି, ମହାକାଶରେ ବିଚରଣ କରୁଥିବା ଯାନ ସମ୍ପର୍କରେ ଭାବିଲେ ରୋମାଞ୍ଚ ସୃଷ୍ଟି ହେବା ସ୍ୱାଭାବିକ କଥା। ହେଲେ ଏଥିରେ କେତେକ ସମସ୍ୟା ରହିଛି। ଯଦି ମହାକାଶରେ ଜୀବନ ବଞ୍ଚିବା ସମ୍ଭବ ହୁଏ ତେବେ ଏହି ବିଶାଳକାୟ ଯାନ କିମ୍ବା ଅନ୍ୟ ଗ୍ରହର ପୃଷ୍ଠରେ ସମ୍ପୂର୍ଣ୍ଣ ଜୈବମଣ୍ଡଳ ସୃଷ୍ଟି କରିବାକୁ ପଡ଼ିବ, ଯେଉଁଥିରେ ମଣିଷ, ପଶୁପକ୍ଷୀ, ଗଛଲତା ଏକାଠି ସହବସ୍ଥାନ କରିବେ। ତେବେ ଏକ ରୁଦ୍ଧ ଯାନ ଭିତରେ ଜୈବମଣ୍ଡଳର ବିକାଶ ସମୟରେ ଅନେକ ପରିବେଶଗତ ସମସ୍ୟା ସୃଷ୍ଟି ହେବ। ମ୍ୟୁଟେଶନର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିବ।

କାନ୍‌ସାସ୍ ବିଶ୍ୱବିଦ୍ୟାଳୟର ଭାଷାବିଜ୍ଞାନ ବିଭାଗର ଆସୋସିଏଟ ପ୍ରଫେସର ଏଣ୍ଡ୍ରୁ ମ୍ୟାକେଞ୍ଜି ଏବଂ ଜେଫ୍ରି ପୁନ୍ସକେ ମହାକାଶ ଯାତ୍ରା ସମୟରେ ଭାଷା ଉପରେ ପଡୁଥିବା ପ୍ରଭାବ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଜାଗର କରିଛନ୍ତି। ମହାକାଶର କଲୋନୀରେ ରହିବା ପରେ ଭାଷାରେ ଅନେକ ପରିବର୍ତ୍ତନ ଆସିବ। ଏମିତି ବି ସମୟ ଆସିପାରେ ହୁଏତ ସେମାନେ ପୃଥିବୀବାସୀଙ୍କ ଭାଷା ବି ବୁଝି ନ ପାରନ୍ତି। ପୃଥିବୀ ପୃଷ୍ଠରେ ମଧ୍ୟ ପୂର୍ବରୁ ଏମିତି ହୋଇସାରିଛି। ଦୂରତା ଏବଂ ସମୟ ଯୋଗୁ ନୂଆ ଭାଷାର ସୃଷ୍ଟି ହୋଇଛି। ସେମାନେ ଖ୍ରୀଷ୍ଟପୂର୍ବ ୩୦୦୦ରୁ ୧୦୦୦ ବର୍ଷ ମଧ୍ୟରେ ଘଟିଥିବା ଏକ ଘଟଣା ସମ୍ପର୍କରେ ମ୍ୟାକେଞ୍ଜି ଏବଂ ପୁନ୍ସକେ ଉଦାହରଣ ଦେଇ କହିଛନ୍ତି, ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପର ପେଲିନେସିୟନ ସାମୁଦ୍ରିକ ଯାତ୍ରୀମାନେ ତାଇୱାନର ମୂଳବାସିନ୍ଦା। ଖ୍ରୀଷ୍ଟପୂର୍ବ ୧୦୦୦ ବେଳକୁ ମୂଳ ଭୂଭାଗରୁ ଦୂରରେ ରହିବା ପରେ ସେମାନଙ୍କ ଭିତରେ ଅଦ୍ଭୁତପୂର୍ବ ପରିବର୍ତ୍ତନ ଦେଖାଦେଇଥିଲା। ସେମାନଙ୍କ ଭିତରେ ବିକଶିତ ହୋଇଥିବା ଭାଷା ପୂର୍ବଜଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। କାନ୍‌ସାସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସନ୍ଦର୍ଭରେ କୁହାଯାଇଛି, ଏହି ସମସ୍ୟାର ସମାଧାନ ଲାଗି ଇଣ୍ଟରଷ୍ଟେଲର ମିଶନରେ ଭାଷାବିତ୍‌ଙ୍କୁ ସାମିଲ କରିବା ଆବଶ୍ୟକ। ଏପରି ମାହୋଲରେ ସେମାନେ ଭାଷାଗତ ପରିବର୍ତ୍ତନର କାରଣ ଏବଂ ନିରାକରଣ ଉପରେ ଫୋକସ୍ କରିପାରିବେ। ସେହିପରି ଏପରି ମହାକାଶ ଯାନର କ୍ରୁ ମେମ୍ବରଙ୍କୁ ଏକାଧିକ ଭାଷାରେ ଜ୍ଞାନ ରହିବା ଜରୁରୀ। ଏଥିଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ସହ ସ୍ୱତନ୍ତ୍ର ନୀତି ଆଣିବାକୁ ପଡ଼ିବ ବୋଲି ଏଥିରେ କୁହାଯାଇଛି।

# ମୀରାଙ୍କ ମେସେଜ ଚାଟ୍ ଭାଇରାଲ



ମୀରା ରାଜପୁତ

**ମୁମ୍ବାଇ:** ଶାହିଦ କପୁର ଏବଂ ମୀରା ରାଜପୁତଙ୍କୁ ବଲିଉଡ୍‌ରେ ପର୍ଫେକ୍ଟ ଯୋଡ଼ି କୁହାଯାଏ। ଲକ୍‌ଡାଉନ ସମୟରେ ଏହି ଯୋଡ଼ି ସୋସିଆଲ ମିଡିଆରେ ବେଶ ଆକ୍ଟିଭ ରହୁଛନ୍ତି। ପ୍ରଶଂସକମାନଙ୍କ ସହ ଯୋଡ଼ି ହୋଇ ରହିବା ପାଇଁ ପ୍ରତିଦିନ କିଛି ନା କିଛି ଫଟୋ, ଭିଡିଓ ଶେୟାର କରୁଛନ୍ତି। ଏବେ ମୀରା ଏକ ମେସେଜ ଚାଟ୍ର ସ୍କ୍ରିନ ସଟ୍ ଶେୟାର କରିଛନ୍ତି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି। ଇନ୍‌ଷ୍ଟାଗ୍ରାମରେ ମୀରା ଯେଉଁ ସ୍କ୍ରିନ ସଟ୍ ଶେୟାର କରିଛନ୍ତି, ସେଥିରେ ତାଙ୍କ ପୁଅ ଏବଂ ସ୍ୱାମୀ ଶାହିଦ କପୁରଙ୍କ ମଧ୍ୟରେ ହୋଇଥିବା କିଛି କଥାବାର୍ତ୍ତା। ଶାହିଦ ଏବଂ ମୀରାଙ୍କ ଦୁଇ ସନ୍ତାନ। ମୀଶା ଏବଂ ଜୈନ। ଦୁଇଜଣ କେତେବେଳେ ମା' ମୀରାଙ୍କର ତ କେତେବେଳେ ପିତା ଶାହିଦଙ୍କ ଫୋନ ନେଇ ଚାଟ କରନ୍ତି। ଯାହା ସେ ଶେୟାର କରିଥିବା ସ୍କ୍ରିନ୍ ଶଟ୍‌ରୁ ଜଣାପଡୁଛି। ଏଥିରୁ ମୀରା ଶାହିଦଙ୍କ ନାମଙ୍କୁ କେଉଁ ନାମରେ ସେଭ କରିଛନ୍ତି ତାହା ମଧ୍ୟ ପ୍ରଶଂସକଙ୍କ ଆଗରେ ଧରା ପଡ଼ିଯାଇଛି। ମୀରା ଶାହିଦଙ୍କ ନାମକୁ 'ଟମି' ନାମରେ ସେଭ କରିଛନ୍ତି।


କହିରଖୁଛୁ, ଫିଲ୍ମ 'ଉଡ୍‌ତା ପଞ୍ଜାବ'ରେ ଶାହିଦଙ୍କ ନାମ ଥିଲା ଟମି। ଏକ ସାକ୍ଷାତକାରରେ ଶାହିଦ କହିଥିଲେ, ମୀରା ଟମି ନାମରେ ତାଙ୍କ ନାଁ ମୋବାଇଲ୍‌ରେ ସେଭ କରିଛନ୍ତି। ଏହା ପଛରେ ଥିବା କାରଣ ହେଲା ଶାହିଦ ଏବଂ ମୀରାଙ୍କ ସାକ୍ଷାତ ଫିଲ୍ମ 'ଉଡ୍‌ତା ପଞ୍ଜାବ'ର ଶୁଟିଂ ସମୟରେ ହିଁ ହୋଇଥିଲା। ମୀରା ଏହି ସ୍କ୍ରିନ ଶଟ୍ ଶେୟାର କରିବା ସହ କ୍ୟାପଶନ ଲେଖିଛନ୍ତି, ଅନୁମାନ କରନ୍ତୁ ଇଏ କିଏ। ଏତ ଗଲା ତାଙ୍କ ବ୍ୟକ୍ତିଗତ ଜୀବନ କଥା। ଯଦି ଫିଲ୍ମ କଥା ଦେଖିବା ତେବେ ଶାହିଦଙ୍କୁ ଆଗାମୀ ଫିଲ୍ମ 'ଜର୍ସି'ରେ ଦେଖିବାକୁ ମିଳିବ। ଏହି ଫିଲ୍ମ ତେଲୁଗୁର ରିମେକ। ଫିଲ୍ମରେ ଶାହିଦଙ୍କ ବିପକ୍ଷରେ ନାୟିକା ଅଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର।

# ବିଶ୍ୱରେ ଲୋକପ୍ରିୟ 'ଅରିଗାମି'

**ଟୋକିଓ(ଜାପାନ):** ବିଭିନ୍ନ ଦେଶରେ ନିଜର ପାରମ୍ପରିକ ହସ୍ତଶିଳ୍ପର ଚାହିଦା ପରିଲକ୍ଷିତ ହୋଇଥାଏ। ତେବେ ଜାପାନର ଲୋକପ୍ରିୟ ପାରମ୍ପରିକ ହସ୍ତଶିଳ୍ପ 'ଅରିଗାମି' ସମଗ୍ର ବିଶ୍ୱରେ ଲୋକପ୍ରିୟ। କାଗଜକୁ ଫୋଲ୍ଡ(ମୋଡ଼ି)କରି ଏହି ଜଟିଳ କଳାକୃତି ପ୍ରସ୍ତୁତ କରାଯାଇଥାଏ। ଜାପାନରୁ ଏହାର ସୃଷ୍ଟି ହୋଇଥିବାବେଳେ ରାଜଧାନୀ ଟୋକିଓର ଓଚାନୋମିଜୁଠାରେ ରହିଥିବା ଅରିଗାମି କାଇକନ୍‌ରେ ଏହି କଳାକୃତି ଦେଖିବାକୁ ମିଳେ। ଅରିଗାମି ସଂଗ୍ରହାଳୟର କାଜୁଓ କୋବାୟାଶି କୁହନ୍ତି, ଆମେ ଚାହୁଁଥିଲୁ ସମଗ୍ର ବିଶ୍ୱ ଅରିଗାମିକୁ ଉପଭୋଗ କରିବା ସହ ଏହାର ଇତିହାସ ବିଷୟରେ ଜାଣନ୍ତୁ। ଏଥିସହ ଏହି କାଗଜ କଳାକୃତି ତିଆରିର କୌଶଳ ମଧ୍ୟ ସଂଗ୍ରହାଳୟରେ ଉପସ୍ଥାପନ କରାଯାଇଛି। ଉକ୍ତ ଲୋକପ୍ରିୟ ଚିତ୍ରକଳାର କୌଶଳ ଜାଣିବା ପାଇଁ ବିଗତ ୩୦ ବର୍ଷ ଧରି ଲୋକେ ଏଠାକୁ ଆସୁଛନ୍ତି।

ଅରିଗାମି ପ୍ରଥମେ ମନ୍ଦିରରୁ ଆରମ୍ଭ ହୋଇଥିଲା। ଲୋକେ ଭଗବାନଙ୍କୁ କୃତଜ୍ଞତା ଜଣାଇବା ପାଇଁ କାଗଜରେ ତିଆରି ସ୍ୱତନ୍ତ୍ର ଏବଂ ସୁନ୍ଦର କଳାକୃତିକୁ ଟୋକନ ସ୍ୱରୂପ ପ୍ରଦାନ କରୁଥିଲେ। ପରେ ଏହି ଚିତ୍ରକଳା ବିଭିନ୍ନ ବୟସର ଲୋକଙ୍କ ପାଇଁ ମନୋରଞ୍ଜନ ଏବଂ ଖେଳର ଏକ ମାଧ୍ୟମ ପାଲଟିଥିଲା। ସ୍କୁଲରେ ମଧ୍ୟ ପିଲାଙ୍କୁ ଅରିଗାମି ଶିକ୍ଷା ଦିଆଯାଉଛି। ପିଲାଙ୍କ ସୃଜନଶୀଳତାର ବିକାଶ ଘଟାଇବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରନ୍ତି। ଏବେ ଏହା ମେଡିକାଲ ଉପକରଣ, ଅରିଗାମି ଇଞ୍ଜିନିୟରିଂ ଭଳି ବିଭିନ୍ନ କ୍ଷେତ୍ରରେ ମଧ୍ୟ ବଡ଼ ପ୍ରେରଣା ସାଜିଛି ; ଯାହାକି ଆର୍କିଟେକ୍ଟର ଏବଂ ଏରୋନଟିକାଲ ଇଞ୍ଜିନିୟରିଂ ପାଇଁ ପ୍ରଯୁଜ୍ୟ। ସେଠାରେ ଏକ କାଗଜ ରଙ୍ଗ ଷ୍ଟୁଡିଓ ମଧ୍ୟ ରହିଛି। ଏହାକୁ ପରିଦର୍ଶକମାନେ ଦେଖିବା ସହ ଅରିଗାମି ପାଇଁ ବ୍ୟବହୃତ କାଗଜ କିପରି ରଙ୍ଗ କରାଯାଏ ତାହା ଜାଣିବାକୁ ପାଇଥାନ୍ତି। ତେଣୁ ଅରିଗାମିର ସୃଷ୍ଟି ଯେଉଁଠାରେ ବି ହେଉ, ଏହା ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇପାରିଛି।

**ଜାପାନର ପାରମ୍ପରିକ ହସ୍ତଶିଳ୍ପ**



# ସୁସ୍ଥ ପୃଥିବୀ ପାଇଁ ପେପର ବ୍ୟାଗ୍



**ପେପର ବ୍ୟାଗ୍ ଡେ**

ପରିବେଶ ସୁରକ୍ଷା ପାଇଁ ପଲିଥିନ ବ୍ୟାଗ୍‌ର ଏକମାତ୍ର ବିକଳ୍ପ ପେପର ବ୍ୟାଗ୍, ଏକଥା ସ୍ମରଣ କରାଇଦିଏ 'ପେପର ବ୍ୟାଗ୍ ଡେ' ବା ପେପର ବ୍ୟାଗ୍ ଦିବସ। ପ୍ରତିବର୍ଷ ଜୁଲାଇ ୧୨ରେ ସାରା ବିଶ୍ୱରେ 'ପେପର ବ୍ୟାଗ୍ ଡେ' ପାଳନ କରାଯାଉଛି। ପରିବେଶ ପ୍ରଦୂଷଣ ତଥା ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇ କରିବାରେ ପେପର ବ୍ୟାଗ୍‌ର ଗୁରୁତ୍ୱକୁ, ସଭିଙ୍କ ଦାୟିତ୍ୱକୁ ମନେ ବି ପକାଇଦିଏ ଏହି ଦିବସ। ସମ୍ପ୍ରତି ଦୁନିଆଟା ପ୍ଲାଷ୍ଟିକ୍ ପ୍ରଦୂଷଣ ବଳୟକୁ ଚାଲି ଯାଉଥିବାବେଳେ ପେପର ବ୍ୟାଗ୍ ଡେ'ର ମହତ୍ତ୍ୱ ବି ଉପଲବ୍ଧି କରିହୁଏ। ଏହି ଅବସରରେ ଲୋକଙ୍କୁ ବିଭିନ୍ନ ସଂସ୍ଥା ତଥା ନାଗରିକମାନଙ୍କ ପକ୍ଷରୁ ପ୍ଲାଷ୍ଟିକ୍ ବ୍ୟାଗ୍‌ର କ୍ଷତିକାରକ ପ୍ରଭାବ ସମ୍ପର୍କରେ ସଚେତନ କରାଯିବା ସହ ପେପର ବ୍ୟାଗ୍ ବଣ୍ଟନ କରାଯାଇଥାଏ। ପ୍ଲାଷ୍ଟିକ ବଦଳରେ ପେପର ବ୍ୟାଗ ବ୍ୟବହାର କରିବା ଲାଗି ବହୁ ଜାଗାରେ ଲୋକମାନେ ସଙ୍କଳ୍ପ ବି ନେଇଥାନ୍ତି।

ପେପର ବ୍ୟାଗ ସହଜରେ ବିଘଟନ ହୋଇ ମାଟିରେ ମିଶିଯାଏ। ପ୍ଲାଷ୍ଟିକ ବ୍ୟାଗ ପରିବେଶକୁ କ୍ଷତିକାରକ ତତ୍ତ୍ୱ ନିର୍ଗମନ କରୁଥିବାବେଳେ ପେପର ବ୍ୟାଗ ଏହା କରେ ନାହିଁ। ଏହାର ପରିବେଶ ଉପରେ ବି କୌଣସି ନକାରାତ୍ମକ ପ୍ରଭାବ ନ ଥାଏ। ଏହା ମଧ୍ୟ ରିସାଇକ୍ଲିଂ ଯୋଗ୍ୟ। ନିଃସନ୍ଦେହ, ପେପର ବ୍ୟାଗ୍ ପ୍ରଦୂଷଣ ପଞ୍ଝାରୁ ପୃଥିବୀକୁ ସୁରକ୍ଷା ଦେବ ଓ ଆଗାମୀ ପିଢ଼ିକୁ ଏକ ସୁନ୍ଦର ପରିବେଶ ଭେଟି ଦେବ। ଆସନ୍ତୁ ଏହି ଦିବସରେ ସଭିଏ ପ୍ଲାଷ୍ଟିକ ବ୍ୟାଗ ବଦଳରେ ପେପର ବ୍ୟାଗ୍ ବ୍ୟବହାର କରିବା ପାଇଁ ଶପଥ ନେବା। ଆଜିଠାରୁ ଆଗାମୀ ବର୍ଷର ଠିକ୍ ଏହି ଦିନରେ ପୁଣି ସମୀକ୍ଷା କରିବା ପରିବେଶ ସୁରକ୍ଷାରେ ଆମ ଅବଦାନ କେତେ। ୧୮୫୨, ୧୮୭୧, ୧୮୮୩ ଏବଂ ୧୯୧୨ରେ ପେପର ତିଆରି କରିବା ପାଇଁ ଆବିଷ୍କାରକମାନେ ଭିନ୍ନ ଭିନ୍ନ ମେଶିନ୍ ଆବିଷ୍କାର କରି ତା ମାଧ୍ୟମରେ ଆମ ପାଇଁ ସୁନ୍ଦର ସୁନ୍ଦର ଆକୃତିର ପେପର ବ୍ୟାଗ୍ ଭେଟିଦେଇଯାଇଛନ୍ତି। ଏବେ ବିଭିନ୍ନ ଡିଜାଇନ ଓ ରଙ୍ଗର ପେପର ବ୍ୟାଗ୍ ଆଧୁନିକ ଜୀବନଶୈଳୀରେ ଯୋଡ଼ି ହୋଇଛି। ସେହି ଧାରାରେ ଆମେ ବ୍ୟାଗ୍ ପ୍ରସ୍ତୁତ କରି ତାହାର ବ୍ୟବହାରକୁ ବ୍ୟାପକ କରିବାର ସମୟ ଉପନୀତ। ସମୟ ବି ସୁଯୋଗ ଦେଇଛି ପେପର ବ୍ୟାଗ୍ ତିଆରି କରି ସ୍ୱାବଲମ୍ବୀ ହେବାକୁ, ପ୍ରତିଦିନ ଏହାର ବ୍ୟବହାର ବଢ଼ାଇବାକୁ। ତେବେ ସୁସ୍ଥ ଜୀବନ, ସୁସ୍ଥ ପୃଥିବୀ ପାଇଁ ପେପର ବ୍ୟାଗ୍ ବ୍ୟବହାର ନିମନ୍ତେ ଶପଥ ନେବାର ଦିନଟିଏ ବୋଲି ଗ୍ରହଣ କରିବାକୁ ହେବ।

# ଦେଶରେ ଜନ୍ମନେବେ ୨.୧ କୋଟି ଶିଶୁ

**ଜେନେଭା:** ଚଳିତ ବର୍ଷ ବିଶ୍ୱରେ ୧୧ କୋଟିରୁ ଅଧିକ ଶିଶୁ ଜନ୍ମ ହେବେ। କରୋନା ମହାମାରୀ ଯୋଗୁ ବହୁ ଦେଶରେ ଲକ୍‌ଡାଉନ ଜାରି ରହିଛି। ମାର୍ଚ୍ଚ ୧୧ରୁ ଡିସେମ୍ବର ୧୬ ମଧ୍ୟରେ ଭାରତରେ ୨ କୋଟି ୧୦ ଲକ୍ଷ ଶିଶୁ ଜନ୍ମନେବେ ବୋଲି ୟୁନିସେଫ୍ ପକ୍ଷରୁ କୁହାଯାଇଛି। ଶିଶୁ ଜନ୍ମ ସଂଖ୍ୟାରେ ପୃଥିବୀରେ ପ୍ରଥମ ସ୍ଥାନରେ ରହିବ ଭାରତ। ଏହା ପଛକୁ ଚାଇନା ଦ୍ୱିତୀୟ ସ୍ଥାନରେ ରହିବ। ଚାଇନାରେ କୋଟିଏ ୩୫ ଲକ୍ଷ ଶିଶୁ ଜନ୍ମ ହେବେ ବୋଲି ୟୁନିସେଫ୍ କହିଛି। କରୋନା ସଙ୍କଟ ଯୋଗୁ ପ୍ରସୂତି ଏବଂ ନବଜାତ ଶିଶୁଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବା କେତେକ କ୍ଷେତ୍ରରେ ସମ୍ଭବ ହେବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ସାଧାରଣତଃ ପ୍ରତିବର୍ଷ ପୃଥିବୀରେ ୨୮ ଲକ୍ଷରୁ ଅଧିକ ମା' ଏବଂ ଶିଶୁଙ୍କର ମୃତ୍ୟୁ ଘଟିଥାଏ। ଚଳିତ ବର୍ଷ ଏହି ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, କରୋନା ମହାମାରୀରେ ପୃଥିବୀର ଜନସଂଖ୍ୟା ଅନ୍ୟ ବର୍ଷ ତୁଳନାରେ ଅଧିକ ବୃଦ୍ଧି ପାଇବ।

**ଲକ୍‌ଡାଉନ ପ୍ରଭାବ**




# କୋଏଲଙ୍କ ପୂରା ପରିବାର କରୋନା ପଜିଟିଭ୍

**ମୁମ୍ବାଇ:** ମହାମାରୀ କରୋନା ସମଗ୍ର ବିଶ୍ୱରେ କାୟା ବିସ୍ତାର କରିସାରିଲାଣି। ଏଥିରେ ବହୁ ସେଲେବ୍ରିଟିମାନେ ମଧ୍ୟ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ଭେଟେରାନ ବଙ୍ଗୀୟ ଅଭିନେତା ରଞ୍ଜିତ ମଲ୍ଲିକ ଏବଂ ତାଙ୍କ ଝିଅ ଅଭିନେତ୍ରୀ କୋଏଲ ମଲ୍ଲିକଙ୍କ ସହ ପୂରା ପରିବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।



କୋଏଲ ନିଜେ ଟ୍ୱିଟ୍ କରି ଏ ସମ୍ପର୍କିତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ତାଙ୍କ ମାତାପିତା ଏବଂ ସ୍ୱାମୀ ନିଶପାଲ ସିଂ(ରାଣେ) ମଧ୍ୟ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି। ରଞ୍ଜିତ, କୋଏଲ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କଠାରେ ଗତ ଦୁଇ ସପ୍ତାହ ଧରି କରୋନାର ଲକ୍ଷଣ ଦେଖାଯାଉଥିଲା। ଶୁଖିଲା କାଶ ଏବଂ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଥିଲା ଏହାପରେ ସେମାନେ କୋଭିଡ ପରୀକ୍ଷା କରାଇଥିଲେ। ଶୁକ୍ରବାର ରିପୋର୍ଟ ପଜିଟିଭ ଆସିବା ପରେ କୋଏଲ ଟ୍ୱିଟ୍ କରି ତାଙ୍କ ପ୍ରଶଂସକ ଏବଂ ପରିଚିତ ଲୋକଙ୍କୁ ଏହା ଜଣାଇଥିଲେ। ବର୍ତ୍ତମାନ ସେମାନେ ସେଲ୍ଫ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସୂଚନାଯୋଗ୍ୟ କୋଏଲ ନିକଟରେ ଏକ ପୁତ୍ର ଶନ୍ତାନକୁ ଜନ୍ମ ଦେଇଥିଲେ। ନିଜ ପୁଅ ଓ ସ୍ୱାମୀଙ୍କ ସହ ଏକ ଫଟୋ ମଧ୍ୟ ଶେୟାର୍ କରିଥିଲେ। କୋଏଲ କେବଳ ବଙ୍ଗଳା ଫିଲ୍ମ ନୁହେଁ ଓଡ଼ିଆ ଫିଲ୍ମରେ ମଧ୍ୟ କାମ କରିଛନ୍ତି।

# ମନୋଜ ବାଜପେୟୀ ହେବେ ବିକାଶ ଦୁବେ




**ମୁମ୍ବାଇ:** ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ଏନ୍‌କାଉଣ୍ଟର ପରେ ବଲିଉଡ୍‌ରେ ଏହି ଘଟଣାକୁ ନେଇ ଫିଲ୍ମ କରାଯିବା ଲାଗି ଯୋଜନା ଆରମ୍ଭ ହୋଇଛି। ନିର୍ମାତା ପ୍ରଦୀପ କପୁର ବିକାଶ ଦୁବେଙ୍କ ଉପରେ ଫିଲ୍ମ କରିବେ ବୋଲି ଘୋଷଣା କରିଛନ୍ତି। ଫିଲ୍ମରେ ବିକାଶଙ୍କ ଭୂମିକାରେ ମନୋଜ ବାଜପେୟୀ ଅଭିନୟ କରିପାରନ୍ତି। ଫିଲ୍ମରେ ଲିଡ୍ ରୋଲ୍ କରିବା ଲାଗି ପ୍ରଦୀପ ମନୋଜଙ୍କୁ ଅନୁରୋଧ କରିଛନ୍ତି। ଫିଲ୍ମ ନିର୍ମାଣ ପାଇଁ ୧୨ କୋଟି ଟଙ୍କାର ବଜେଟ ରହିଥିବା କୁହାଯାଉଛି। ମନୋଜ ଏବଂ ପ୍ରଦୀପ ଦୁହେଁ ଭଲ ବନ୍ଧୁ। କାହାଣୀ ଉପରେ ୨ରୁ ୩ ମାସ ରିସର୍ଚ୍ଚ ପରେ ଫିଲ୍ମ ନିର୍ମାଣ କରାଯିବ ବୋଲି ପ୍ରଦୀପ ସୂଚନା ଦେଇଛନ୍ତି। ପ୍ରଦୀପ 'ଜୁଗାଡ଼' ଏବଂ 'ଅନାରକଲି ଅଫ୍ ଆରା' ଫିଲ୍ମ ନିର୍ମାଣ କରିଛନ୍ତି। ଏହି ଫିଲ୍ମ ଦୁଇଟି ବେଶ୍ ସଫଳ ମଧ୍ୟ ରହିଛି। ଏବେ ଗ୍ୟାଙ୍ଗଷ୍ଟର ବିକାଶଙ୍କୁ ନେଇ ଫିଲ୍ମ କରିବାକୁ ସେ ଅଣ୍ଟା ଭିଡ଼ିଛନ୍ତି।

# ୪୦ କୋଟି ବର୍ଷ ତଳେ ମାଛଠାରେ ବିକଶିତ ହୋଇଥିଲା ଦାନ୍ତ

**ଷ୍ଟକ୍‌ହୋମ୍:** ଜୈବ ବିବର୍ତ୍ତନର ଧାରା ପୃଥିବୀରେ ସବୁବେଳେ ଜାରି ରହିଛି। ଗବେଷକଙ୍କ ମତରେ ମନୁଷ୍ୟଠାରେ ଦେଖାଯାଉଥିବା ଦାନ୍ତ ୪୦ କୋଟି ବର୍ଷତଳେ ମାଛଠାରୁ ବିକଶିତ ହୋଇଥିଲା। ମାଛର ତଳ ମାଡ଼ିରେ କୋମଳ ଦାନ୍ତ ସୃଷ୍ଟି ହେବା ପରେ ଏହାର କ୍ରମବିକାଶ ଧାରା ଜାରି ରହିଥିଲା। ଏଭଳି ଦାନ୍ତ ୬୦ ହଜାରରୁ ଅଧିକ ପ୍ରଜାତିର ପ୍ରାଣୀଙ୍କଠାରେ ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ଶାର୍କ, ବୋନି ଫିଶ୍, ଆମ୍ଫିବିୟା, ରେପ୍ଟାଇଲ୍ ଆଦି ରହିଥିଲେ। ପରେ ଏହା ପକ୍ଷୀ ଏବଂ ସ୍ତନ୍ୟପାୟୀ ପ୍ରଜାତିଠାରେ ମଧ୍ୟ ବିକଶିତ ହୋଇଥିଲା ବୋଲି ସ୍ୱିଡେନ୍‌ର ଉପାସାଲା ବିଶ୍ୱବିଦ୍ୟାଳୟ ଏବଂ ସ୍ପେନ୍‌ର ୟୁରୋପିଆନ୍ ସାଇକ୍ରୋଟ୍ରୋନ୍‌ର ମିଳିତ ସହଯୋଗରେ ହୋଇଥିବା ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଭିନ୍ନ ମାଛ ପ୍ରଜାତିର ଜୀବାଶ୍ମର ଏକ୍ସ-ରେ ପରୀକ୍ଷଣ କରାଯାଇ ଗବେଷକ ଏହା ଜାଣିପାରିଛନ୍ତି। ଗବେଷଣାରେ ଚେକ୍ ଗଣରାଜ୍ୟର ଚାଲର୍ସ ବିଶ୍ୱବିଦ୍ୟାଳୟ, ବ୍ରିଟେନ୍‌ର ଲଣ୍ଡନ ସ୍ଥିତି ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍ ଆଦି ଆବଶ୍ୟକ ସହାୟତା କରିଥିଲେ। ମ୍ୟୁଜିୟମ୍‌ରେ ରଖାଯାଇଥିବା କିଛି ପୁରାତନ ଜୀବାଶ୍ମ ଉପରେ ମଧ୍ୟ ଦୀର୍ଘ ଦିନ ଧରି ଅଧ୍ୟୟନ କରାଯାଇଥିଲା। ୪୦କୋଟି ବର୍ଷ ତଳର ଏକ ପଥର ଖଣ୍ଡରେ ଥିବା ଜୀବାଶ୍ମ ଉପରେ ଗବେଷଣା କରାଯାଇଥିବା ଉପାସାଲା ବିଶ୍ୱବିଦ୍ୟାଳୟର ଗବେଷକ ଭେଲାରିଆ ଭାକ୍ସାନିନୋଭା ସୂଚନା ଦେଇଛନ୍ତି।





# ଅନିଶ୍ଚିତ ଭବିଷ୍ୟତ

**ମନରେ ଥିଲା ଅନେକ ଆଶା ଓ ଆକାଂକ୍ଷା। ପାଠପଢ଼ା ହେଉ କିମ୍ବା ଚାକିରିକୁ ନେଇ ଏକ ସଫଳ ଭବିଷ୍ୟତର ସୁନେଲି ସ୍ୱପ୍ନ। ହେଲେ ସେ ସବୁରେ ଯେମିତି ଲାଗିଗଲା କାହାର ନଜର। କେଉଁଠୁ ଆସି ପହଞ୍ଚିଲା ଏ କରୋନା ଭାଇରସ୍ ଆଉ ଅସ୍ତବ୍ୟସ୍ତ କରି ପକାଇଲା ଜନଜୀବନ। କେବେ ଏଥିରୁ ମୁକ୍ତି ମିଳିବ ଆଉ କେବେ ସେ ସ୍ୱପ୍ନରେ ଡେଣା ଲାଗିବ ଏଭଳି ଏକ ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତାରେ ଯୁବପିଢ଼ି...**



**ସବୁ ଯୋଜନା ଫସର ଫାଠିଗଲା:** ବର୍ତ୍ତମାନ ପ୍ରତ୍ୟେକ ଚାକିରି କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ଭବିଷ୍ୟତକୁ ସୁଦୃଢ କରିବା ଲାଗି ନିଜେ ବ୍ୟବସାୟ କରିବା ସବୁଠୁ ଭଲ ବୋଲି ମନେହେଲା। ତେଣୁ ଫୁଡ୍ ବିଜ୍‌ନେସ୍ କରିବାକୁ ନିଷ୍ପତ୍ତି ନେଲି। ରଥଯାତ୍ରାରେ ବେଶ୍ ଭଲ ରୋଜଗାର ହେବ ବୋଲି ଆଶା ରଖି ଚଳିତବର୍ଷ ଆରମ୍ଭରେ ପୁରୀ ବଳିଆପଣ୍ଡାଠାରେ ଲିଜ୍ ସୂତ୍ରରେ ଏକ ହୋଟେଲ ନେଲି। ଏଥିପାଇଁ ଧାରକରଜ କରି ପ୍ରାୟ ୩୦ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛି। ରଥଯାତ୍ରା ସମୟରେ ପୁରୀକୁ ବହୁସଂଖ୍ୟାରେ ପର୍ଯ୍ୟଟକ ଆସିଲେ ନିଶ୍ଚିତ ଭାବେ ଅଧିକ ଆୟ ହେବ ଏବଂ ମୋ ଧାର ଶୁଝିବା ସହଜ ହେବ ବୋଲି ଭାବିଥିଲି। ହେଲେ ଦୁର୍ଭାଗ୍ୟବଶତଃ ଏ କରୋନା ମହାମାରୀ ଲାଗି ମୋର ସବୁ ଯୋଜନା ଫସର ଫାଠିଗଲା। ଶୀଘ୍ର ଏ ସମସ୍ୟା ଦୂର ନ ହେଲେ ହୋଟେଲ୍ ବିଜ୍‌ନେସ୍‌କୁ ନେଇ ମୋ ଭବିଷ୍ୟତ କ'ଣ ହେବ ଭାବିପାରୁନାହିଁ। ଏବେ ସବୁକିଛି ଭଗବାନଙ୍କ ଉପରେ ଛାଡି ଦେଇଛି।

**–ପ୍ରତାପେଶ୍ୱର ଶତପଥୀ**
(ହରିପୁର ଶାସନ, ଖୋର୍ଦ୍ଧା)

**ଭବିଷ୍ୟତରେ ଚାକିରି ମିଳିବା ସନ୍ଦେହଜନକ:** ପାଠ ପଢି ଭଲ ଚାକିରି କରି ଅଧିକ ଆୟ କରିବାକୁ କିଏ ବା ନ ଚାହେଁ। ଏମିତି ଲକ୍ଷ୍ୟ ମୋର ବି ରହିଛି, ଯାହାକୁ ପୂରଣ କରିବା ଉଦ୍ଦେଶ୍ୟରେ ହାୟରଷ୍ଟଡି ପଞ୍ଜାବସ୍ଥିତ ଏଲ୍‌ପିୟୁ ୟୁନିଭର୍ସିଟିରେ କରୁଛି। ପଢା ପାଇଁ ନିଜ ଘରଠାରୁ ଦୂରରେ ଅନ୍ୟ ରାଜ୍ୟରେ ରହିବାକୁ ପଡୁଛି। ହେଲେ ହଠାତ୍ କରୋନା ମହାମାରୀ ବ୍ୟାପୁଥିବା ଜାଣି ଭୟଭୀତ ହୋଇ ଓଡିଶା ପଳେଇଆସିଲି। ସ୍ଥିତି ଦିନକୁ ଦିନ ଭଲ ହେବା ବଦଳରେ ଏତେ ଖରାପ ଆଡକୁ ଗତି କରିବ ଭାବି ବି ନ ଥିଲି। ଲକ୍‌ଡାଉନ ଏତେ ଦିନ ବଢିବ ବୋଲି ଧାରଣା ନ ଥିବାରୁ ସାଙ୍ଗରେ କିଛି ବି ବହିପତ୍ର ଆଣିନି, ଏମିତି କି ଲାପ୍‌ଟପ୍ ବି ହଷ୍ଟେଲରେ ରହିଯାଇଛି। ଯଦିଓ ଅନ୍‌ଲାଇନରେ ପାଠପଢା ହେବା ସହ ପରୀକ୍ଷା ବି ହେଲା, କିନ୍ତୁ ପୂର୍ବ ପରୀକ୍ଷା ପ୍ରଣାଳୀ ଭଳି ଏହା ସହଜ ନୁହେଁ କିମ୍ବା ଉତ୍ତରଦେବା ସନ୍ତୋଷଜନକ ନୁହେଁ। କ୍ୟାମ୍ପସ ଆସିବାର ଥିଲା ତାହା ବି କରୋନା ଲାଗି ବନ୍ଦ ହେଲା। ତେଣୁ ଭବିଷ୍ୟତରେ କେଉଁଠି ଚାକିରି ମିଳିବ ତାହା ବି ସନ୍ଦେହଜନକ। ଏବେ କେବଳ ସ୍ଥିତି ସାମାନ୍ୟ ହେବାକୁ ଅପେକ୍ଷା।

**–ସୌମ୍ୟରଞ୍ଜନ ମଲ୍ଲିକ୍**(ଛାତ୍ର,କଟକ)

**ମନୋବଳ ଭାଙ୍ଗିଯାଉଛି:** କରୋନା ମହାମାରୀ ଫଳରେ ସାରା ବିଶ୍ୱରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ଆମେ ଦିନକୁ ଦିନ ପଛକୁ ଫେରିଯାଉଛୁ। ଆମ ଶିକ୍ଷା, ସଂସ୍କୃତି ଓ କଳା କ୍ଷେତ୍ରରେ ଏକ ମହା ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଶିକ୍ଷା କ୍ଷେତ୍ରରେ ଏହାର ବିଶେଷ ପ୍ରଭାବ ପଡିଛି। ଜଣେ କଳା ଛାତ୍ରୀ ହିସାବରେ କହିବି ବର୍ତ୍ତମାନ ମହାମାରୀ ସଂକ୍ରମଣ ଡରରେ ଘରୁ ନ ବାହାରିବା ଏବଂ ଏକତ୍ର ହୋଇ କାର୍ଯ୍ୟ ନ କରିପାରିବା ଯୋଗୁ ନିଜ ଚିତ୍ରକଳା କିମ୍ବା ମୂର୍ତ୍ତି କଳା ପ୍ରଦର୍ଶନର ସୁଯୋଗ ମିଳୁନି। କଲେଜରେ ରେଗୁଲାର କ୍ଲାସ କିମ୍ବା ପରୀକ୍ଷା ନ ହେବା ଫଳରେ ମନୋବଳ ଭାଙ୍ଗିଯାଉଛି। ଭବିଷ୍ୟତକୁ ନେଇ କିଛି ଯୋଜନା କରି ହେଉ ନାହିଁ। ଅଭିଭାବକମାନେ ବି ଡରରେ ଆମକୁ ଆଗାମୀ ମାସଗୁଡିକରେ କଲେଜ ଖୋଲିଲେ ସୁଦ୍ଧା ଯିବା ପାଇଁ ବାରଣ କରୁଛନ୍ତି। କରୋନା ଆମ ସବୁ ସ୍ୱପ୍ନ ଆଉ ଭବିଷ୍ୟତ ଯୋଜନାକୁ ଯେମିତି ପଙ୍ଗୁ କରିଦେଇଛି। ତଥାପି ଧୈର୍ଯ୍ୟହରା ନ ହୋଇ ଆଗକୁ ଏକ ସୁସ୍ଥ ଓ ଉଜ୍ଜ୍ୱଳ ଜୀବନ କାମନା ରଖି ଏହି ମହାମାରୀର ମୁକାବିଲା କରିବାକୁ ପଡିବ।

**– ପ୍ରଶାନ୍ତି ସାମଲ** ( ଆପ୍ଲାଏଡ୍ ଆର୍ଟ ୩ୟ ବର୍ଷ, ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟ, ଭୁବନେଶ୍ୱର)




ପ୍ରଶାନ୍ତି


ରିଶପ୍


ପ୍ରତାପେଶ୍ୱର


ସୌମ୍ୟରଞ୍ଜନ

**ଝଡ଼ ଭିତରେ ଇନ୍ଦ୍ରଧନୁ ଖୋଜିବା ଭଳି ମନେହେଉଛି:** ସବୁ କିଛି ଠିକ୍ ଚାଲିଥିଲା ପାଠ ପଢାକୁ ନେଇ। ଏକ ଉଜ୍ଜ୍ୱଳ ଭବିଷ୍ୟତ ଅପେକ୍ଷାରେ ଆଉ ମାତ୍ର ଦୁଇମାସରେ ପଣ୍ଡିଚେରୀ ୟୁନିଭର୍ସିଟିରୁ ସରିବାକୁ ଯାଉଥିଲା ମାଷ୍ଟର ଡିଗ୍ରୀ। ହେଲେ ହଠାତ୍ ଏହି ସ୍ୱପ୍ନରେ କଳା ବାଦଲ ଢାଙ୍କି ଦେଲା କରୋନା ମହାମାରୀ। ଏହାର ଦିନକୁ ଦିନ ବର୍ଦ୍ଧିତ ସଂକ୍ରମଣକୁ ଆଖିଆଗରେ ରଖି ସମସ୍ତଙ୍କୁ ସୁରକ୍ଷିତ ରହିବା ଲାଗି ନିଜ ନିଜ ଘରକୁ ପଠାଇ ଦିଆଗଲା। ବର୍ତ୍ତମାନ କେବେ ଏହି ରୋଗ କମିବ ତା' ଉପରେ ନିର୍ଭର କରୁଛି ଆମ ଭବିଷ୍ୟତ। ପରିସ୍ଥିତି ବର୍ତ୍ତମାନ ଝଡ ଭିତରେ ଇନ୍ଦ୍ରଧନୁ ଖୋଜିବା ଭଳି ମନେହେଉଛି। କେବଳ ଘରେ ରହିବା ବ୍ୟତୀତ କିଛି କାମ ଆଉ ନାହିଁ। ଫାଇନାଲ ପରୀକ୍ଷା ହେବ ସେ ନେଇ ୟୁଜିସି ପକ୍ଷରୁ କୌଣସି ଠିକ୍ ସୂଚନା ବି ମିଳୁନି। ଅନେକ ସମୟରେ ମନରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ହେଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପରିବାର ସଦସ୍ୟଙ୍କଠାରୁ ସବୁକିଛି ଠିକ୍ ହୋଇଯିବ ବୋଲି ସାନ୍ତ୍ୱନା ବାଣୀ ଆମ ଭଳି ଛାତ୍ରୀଛାତ୍ରମାନଙ୍କ ଲାଗି ବର୍ତ୍ତମାନ ମନବଳ ବଢାଇବାରେ ସାହାଯ୍ୟ କରୁଛି। **– ରିଶପ୍ ସାହୁ,** କୋରାପୁଟ

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ..... ଦେଶ ପକ୍ଷରୁ ଓଫେକ୍–୧୬ ନାମକ ସାଟେଲାଇଟ୍ ପ୍ରକ୍ଷେପଣ କରାଯାଇଛି ?
୨– ଲାଇ ହାରାଓବା ପର୍ବ ..... ରାଜ୍ୟରେ ପାଳନ କରାଯାଏ ?
୩– ...ନିକଟରେ ଓମାନ୍ ଦେଶର ନୂଆ ସୁଲ୍‌ତାନ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ?
୪– ଲିଫ୍ଟର ଉଦ୍ଭାବକ ..... ?
୫– ପରବର୍ତ୍ତୀ ସମୟରେ ବଲିଉଡ୍ ଫିଲ୍ମ ମେକର ହୋଇଥିବା ଇଣ୍ଡିଆନ୍ ଟେନିସ୍ ଖେଳାଳି ..... ?

## ଗତ ଥରର ଉତ୍ତର

୧ କରୋନା କବଚ
୨ ଏନ୍. କେ. ସିଂ
୩ ଜୋଆକିନ୍ ଫୋଏନିକ୍ସ
୪ ଉସ୍ତାଦ ବିସ୍‌ମିଲ୍ଲା ଖାନ୍
୫ ନମିତା ଗୋଖଲେ

## ଉତ୍ତରଦାତା


ସଞ୍ଜୟ ଦଳାଇ, ଭଦ୍ରକ


ସ୍ୱର୍ଣ୍ଣଲତା ସେନାପତି, କଟକ


ସୁଶୋଭନ ସରକାର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବଡ଼ ରିସର୍ଚ୍ଚ ୟୁନିଭର୍ସିଟି

୧– ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି........................ ବାଲ୍ଟିମୋର, ଆମେରିକା
୨– ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି........... କେମ୍ବ୍ରିଜ୍, ଆମେରିକା
୩– ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି .............................. କାଲିଫର୍ନିଆ, ଆମେରିକା
୪– ୟୁନିଭର୍ସିଟି ଅଫ୍ ପେନ୍‌ସିଲ୍‌ଭାନିଆ...................... ଫିଲାଡେଲ୍‌ଫିଆ
୫– ୟୁନିଭର୍ସିଟି ଅଫ୍ ମିଚିଗାନ୍– ଆନ୍ ଆରବର.............. ମିଚିଗାନ
୬– ହାର୍ଭାର୍ଡ୍ସ ୟୁନିଭର୍ସିଟି.......................................... ଆମେରିକା
୭– ୟୁନିଭର୍ସିଟି ଅଫ୍ ଚିକାଗୋ................................ ଆମେରିକା
୮– ୟୁନିଭର୍ସିଟି ଅଫ୍ ୱାଶିଂଟନ୍................................ ଆମେରିକା
୯– ଡ୍ୟୁକ୍ ୟୁନିଭର୍ସିଟି........................................ ଡୁର୍‌ହାମ୍, ଆମେରିକା
୧୦– ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନା ଆଟ୍ ଚାପେଲ୍ ହିଲ୍ସ......... ଆମେରିକା

### ୟୁଥ୍ ଆଲର୍ଟ

# ତ୍ୱଚା ପ୍ରତି ହୋଇପାରେ ହାନିକାରକ

**ତ୍ୱଚାକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ କିଏ ବା ନ ଚାହେଁ। ବିଶେଷ କରି ଯୁବପିଢି ଏଥିପ୍ରତି ଅଧିକ ଯତ୍ନଶୀଳ। ଏଥିପାଇଁ ଅନେକେ ବ୍ୟୁଟିପାର୍ଲର ଯିବାଠୁ ଆରମ୍ଭ କରି ଦାମୀ କସ୍‌ମେଟିକ୍ସ ପ୍ରଡକ୍ଟ ବ୍ୟବହାର କରିବାକୁ ପଛାନ୍ତି ନାହିଁ। ହେଲେ ଜାଣନ୍ତି କି, ଆପଣ ଅଜାଣତରେ କରୁଥିବା କେତୋଟି ଭୁଲ୍ ତ୍ୱଚାକୁ ହାନି ପହଞ୍ଚାଇବା ସହ ସୌନ୍ଦର୍ଯ୍ୟ ସମସ୍ୟାର କାରଣ ସାଜିପାରେ। ଜାଣି ରଖନ୍ତୁ ସେ ସମ୍ପର୍କରେ...**

**ତ୍ୱଚା ସଫା ନ ରଖିବା:** ବର୍ତ୍ତମାନ ସମୟରେ ଚାରିଆଡେ ଯେଉଁଭଳି ଧୂଳି, ପ୍ରଦୂଷଣ ଏମିତିରେ ତ୍ୱଚାକୁ ଭଲ ଭାବେ ସଫା ନ କରିବା ଦ୍ୱାରା ତ୍ୱଚାରେ ମଳି ଜମା ହୋଇ ଲୋମଛିଦ୍ର ବନ୍ଦ ହୋଇଯାଏ। ଫଳରେ ବ୍ରଣ, ଦାଗ ଇତ୍ୟାଦି ସମସ୍ୟା ସୃଷ୍ଟି ହୋଇଥାଏ। କେବଳ ଏତିକି ନୁହେଁ ଅନେକେ ମେକ୍‌ଅପ୍ ନେବାକୁ ଭଲ ପାଆନ୍ତି ହେଲେ ଏହାକୁ ଠିକ୍ ଭାବେ ଛଡାଇବା ପ୍ରତି ଗୁରୁତ୍ୱ ଦେଇ ନ ଥାନ୍ତି। ଆଉ ଏହା ମଧ୍ୟ ତ୍ୱଚାରେ ବ୍ରଣ, ପ୍ୟାଚେସ୍ ଏବଂ ଅନ୍ୟାନ୍ୟ ସୌନ୍ଦର୍ଯ୍ୟ ସମସ୍ୟାର କାରଣ ସାଜିଥାଏ।



**କେମିକାଲଯୁକ୍ତ ବ୍ୟୁଟି ପ୍ରଡକ୍ଟ:** ବର୍ତ୍ତମାନ ପ୍ରାୟ ସମସ୍ତେ ବିଭିନ୍ନ ପ୍ରକାରର ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେବେ ଇନ୍‌ଷ୍ଟାଣ୍ଟ ସୌନ୍ଦର୍ଯ୍ୟ ବଢାଉଥିବା କିମ୍ବା ଫେୟାରନେସ୍ ବଢାଉଥିବା ଏସବୁ କସ୍‌ମେଟିକ୍ ପ୍ରଡକ୍ଟ ବା ମେକ୍‌ଅପ୍ ପ୍ରଡକ୍ଟ ମଧ୍ୟରୁ ଅଧିକାଂଶ କେମିକାଲଯୁକ୍ତ। ତେଣୁ ଦୀର୍ଘଦିନ ଏହାକୁ ବ୍ୟବହାର କରିବା ଦ୍ୱାରା ତ୍ୱଚାରେ ବିଭିନ୍ନ ସମସ୍ୟା ଉପୁଜିଥାଏ।



**କମ୍ ପାଣି ପିଇବା:** ଶରୀରକୁ ସୁସ୍ଥ ଏବଂ ସୁନ୍ଦର ରଖିବା ଲାଗି ପ୍ରତିଦିନ ଆବଶ୍ୟକ ମାତ୍ରାରେ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ। ହେଲେ ଅନେକ ଯୁବତୀଯୁବକ ଅଛନ୍ତି ଯେଉଁମାନେ ପାଣି ପିଇବାରେ ଅବହେଳା କରିଥାନ୍ତି। ଫଳରେ ଶରୀର ଡିହାଇଡ୍ରେଟ୍ ହୋଇଯାଏ, ହଜମ ଭଲ ଭାବେ ହୋଇପାରେନାହିଁ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା କଷ୍ଟ ହୋଇଥାଏ। ତେବେ କମ୍ ପାଣି ପିଇବାର ସବୁଠୁ ଅଧିକ ପ୍ରଭାବ ପଡିଥାଏ ତ୍ୱଚା ଉପରେ।

**ପର୍ଯ୍ୟାପ୍ତ ନିଦ୍ରା ନ ନେବା:** ଅନେକ ଯୁବପିଢି କାର୍ଯ୍ୟ ବ୍ୟସ୍ତତା ଯୋଗୁ ହେଉ କିମ୍ବା ମୋବାଇଲ୍‌ରେ ଗପିବା, ଭିଡିଓ ଦେଖିବା, ଖେଳିବା ଆଦିରେ ଅଯଥା ସମୟ ନଷ୍ଟ କରନ୍ତି ଏବଂ ଶୋଇବାକୁ କମ୍ ସମୟ ପାଆନ୍ତି। ହେଲେ ଆପଣ ଜାଣନ୍ତି କି, ଏହାଦ୍ୱାରା ଆଖି ତଳ କଳା ପଡିବା ସହ ଅନ୍ୟାନ୍ୟ ସୌନ୍ଦର୍ଯ୍ୟ ସମସ୍ୟା ଉପୁଜିଥାଏ।

**ଅଏଲି ଏବଂ ଜଙ୍କ ଫୁଡ୍ ଖାଇବା:** ଏଭଳି ଖାଦ୍ୟାଭ୍ୟାସ ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ଏହାଦ୍ୱାରା ସୌନ୍ଦର୍ଯ୍ୟ ମଧ୍ୟ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ଏହି ଖାଦ୍ୟାଭ୍ୟାସ ଯୋଗୁ ବ୍ରଣ, କେଶ ଝଡିବାଠାରୁ ଆରମ୍ଭ କରି ଅନେକ ସମସ୍ୟା ଉପୁଜିଥାଏ।

### କଲେଜ ବେଳର ଅନୁଭୂତି

# ସାହସ କେଉଁଠୁ ଆସିଲା ଜାଣିପାରିଲିନି

କଲେଜ ଜୀବନ ସତରେ ନିଆରା। ପାଠ ପଢା, ସାଙ୍ଗସାଥୀଙ୍କ ସହ ବିତାଇଥିବା ସବୁ ସମୟ ଏବଂ ଭଲ ମନ୍ଦ ମିଶା ଅନେକ କିଛି ଅନୁଭୂତି ଏବେ ବି ମନରେ ସାଇତା ହୋଇ ରହିଛି। ଠିକ୍ ସେମିତି ଏକ ଅନୁଭୂତି ମନେପଡୁଛି। ୧୯୭୦ ମସିହା କଥା। ମୁଁ ପୁରୀ ଏସ୍‌ସିଏସ୍ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ ପଢୁଥାଏ। ସେତେବେଳେ କଲେଜରେ ଝିଅପିଲାଙ୍କୁ ବହୁତ ସମ୍ମାନ ଦିଆଯାଉଥିଲା। ଏବର ସମୟ ଭଳି ପୁଅ ଝିଅ ସାଙ୍ଗ ହୋଇ କଲେଜ ଭିତରେ ବୁଲିବାର ଦୃଶ୍ୟ ବିରଳ ଥିଲା। କେହି କାହା ସହ କଥା ହେଲେ ବି ସାରା କଲେଜରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଉଥିଲା। ଏମିତି କି ଏକଥା ଘର ପର୍ଯ୍ୟନ୍ତ ବି ପହଞ୍ଚିଯାଉଥିଲା। ସେତେବେଳେ ପୁଅମାନେ ଝିଅଙ୍କୁ କମେଣ୍ଟ କିମ୍ବା ର୍‍ୟାଗିଂ କରୁଥିବା ଏତେଟା ନ ଥିଲା। ତଥାପି ନୂଆ କରି କଲେଜ ଆସୁଥିବା ପିଲାଙ୍କୁ ଏହାକୁ ନେଇ ଡର ରହୁଥିଲା। ହେଲେ ମୋର ଏଥିପାଇଁ ଖାତିର ନ ଥିଲା। କାରଣ ମୋ ବଡ ତିନି ଭାଇ ବି ସେଇ କଲେଜରେ ପଢୁଥିଲେ। ତେଣୁ କଥା ହେବା ତ ଦୂରର କଥା, ମୋ ଆଡକୁ କେହି ଅନେଇବାକୁ ବି ସାହସ କରୁ ନ ଥିଲେ, ଯାହା କି ମୋ ପାଇଁ ଥିଲା ସବୁଠୁ ବଡ ପ୍ଲସ୍ ପଏଣ୍ଟ। ମୋ ସାଙ୍ଗମାନେ ମଧ୍ୟ ଏଥିପାଇଁ ନିଜକୁ ସୁରକ୍ଷିତ ଭାବୁଥିଲେ। ହେଲେ ଦିନେ ଏକୁଟିଆ କଲେଜରୁ ଫେରୁଥାଏ, ହଠାତ୍ ଗୋଟେ ପିଲା ସାଇକେଲ୍‌ରେ ଆସି ମୋ ଆଗରେ ଠିଆ ହୋଇଗଲା। ତା' ମୁହଁରେ ଏକ ଅଜବ ପ୍ରକାର ଏକ୍ସପ୍ରେଶନ୍ ଦେଖି ମୁଁ ଡରିଯାଇଥିଲି। ସେ ମୋତେ ରୋକିଲା। ପ୍ରଥମ ଥର ଏଭଳି ପରିସ୍ଥିତିର ସାମ୍ନା କରି ମୋ ଦେହରୁ ଝାଳ ବାହାରିଗଲା। ପାଖରେ କେହି ସାଙ୍ଗ ବି ନ ଥିଲେ। ପ୍ରଥମେ ଚାରିଆଡେ ଆଖି ବୁଲେଇନେଲି, କାରଣ ଯଦି କେହି ଦେଖେ ଅଯଥାରେ ବିଭିନ୍ନ କଥା ଉଠିବ। ତଥାପି ନିଜ ଡରକୁ ଭିତରେ ଚାପି ରଖି ଉଚ୍ଚା ସ୍ୱରରେ ପଚାରିଲି, କିରେ ଏଠି କାହିଁ ଠିଆ ହେଲୁ, ମୋ ପାଖରେ କ'ଣ କାମ ଥିଲା ? ହଁ କିଛି କଥା ଥିଲା ସେ ଉତ୍ତର ଦେଲା। ରାଗରେ କହିଲି ଯାହା କଥା ଅଛି ଆମ ଘରକୁ ଆସେ କଥା ହେବା। ସେତେବେଳେ ପୁରୀ ସହରରେ ଆମର ଏକ ଜଣାଶୁଣା ପରିବାର ଥିଲା। ମୋ କଥା ଶୁଣି ତା' ମୁହଁ ଶୁଖିଗଲା। କହିଲି କ'ଣ ହେଲା ଭାରି ସାହସରେ ଆସି ଠିଆ ହେଲୁ, ଘର ନାଁ ଶୁଣୁ ଶୁଣୁ ଡରିଗଲୁ କାହିଁକି। କହିଲା ଭଉଣୀ ମତେ କ୍ଷମା କରିଦେବ। ତମ ସାଙ୍ଗେ କଥା ହେବାକୁ ମୋ ସାଙ୍ଗମାନେ ଚ୍ୟାଲେଞ୍ଜ କରିଥିଲେ। ଏତିକି କହି ସେ ସେଠାରୁ ଚାଲିଗଲା ଏବଂ ତା' ପରଦିନଠୁ ମୋତେ ଦେଖିଲେ ନ ଦେଖିଲା ଭଳି ମୁଣ୍ଡ ପୋତି ଚାଲିଯାଏ। ସେଦିନ ସେ ପିଲା ତା' ସାଙ୍ଗମାନେ ଦେଇଥିବା ଚ୍ୟାଲେଞ୍ଜରେ ଜିତିଲା କି ନାହିଁ ମୁଁ ଜାଣିନି କିନ୍ତୁ ଭୟରେ ପାଟି ଶୁଖିଯାଉଥିଲେ ବି ମୋର ଏତେ ସାହସ କେଉଁଠୁ ଆସିଲା ଏବେ ବି ଭାବିଲେ ଆଶ୍ଚର୍ଯ୍ୟ ଲାଗେ।


**ଡ. ସୁଚେତା ରାଉତ**
ଅର୍ଗାନାଇଜିଂ ସେକ୍ରେଟାରୀ, ଓଡ଼ିଶା ଲେଖିକା ସଂସଦ

# ଇଂଲଣ୍ଡର ସଂଘର୍ଷ ଜାରି

**ସାଉଥାମ୍ପଟନ, ୧୧।୭ (ଏପି)**

ସ୍ଥାନୀୟ ରୋଜ୍ ବାଓଲଠାରେ ବିନା ଦର୍ଶକରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚର ଚତୁର୍ଥ ଦିବସ ଖେଳ ଚା’ ପାନ ସୁଦ୍ଧା ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ୩ ଉଇକେଟ ବିନିମୟରେ ୧୬୮ ରନ ସଂଗ୍ରହ କରିଛି। ଜ୍ୟାକ୍ କ୍ରଲି ୩୮ ଏବଂ ଅଧିନାୟକ ବେନ୍ ଷ୍ଟୋକ୍ ବିନା କୌଣସି ରନରେ ଅପରାଜିତ ରହିଛନ୍ତି। ପ୍ରଥମ ଇନିଂସରେ ପଛୁଆ ରହିଥିବା ଇଂଲଣ୍ଡ ୫୪ରନରେ ଅଗ୍ରଣୀ ରହିଛି।


ରୋରି ବର୍ନ୍ସ

ଘରୋଇ ଦଳ ପୂର୍ବଦିନର ଅସମାପ୍ତ ସ୍କୋର ୧୫/୦ରୁ ଖେଳ ଆରମ୍ଭ କରିଥିଲା। ଓପନର ରୋରି ବର୍ନ୍ସ ଓ ଡମ୍ ସିବ୍ଲି ଧୀମା ବ୍ୟାଟିଂ କରିଥିଲେ। ଉଭୟେ ଶନିବାର ଖେଳ ମଧ୍ୟାହ୍ନ ଭୋଜନ ସୁଦ୍ଧା ୩୦ ଓଭରରେ ମାତ୍ର ୬୪ ରନ ଯୋଗ କରିପାରିଥିଲେ। ସକାଳ ସେସନରେ କେବଳ ବର୍ନ୍ସଙ୍କ ଉଇକେଟ ପତନ ଘଟିଥିଲା। ସେ ୧୦୪ ବଲ୍ ସାମ୍ନା କରି ୫ ଚୌକା ସହ ୪୨ ରନ କରିଥିବାବେଳେ ରୋଷ୍ଟନ ଚେଜ୍‌ଙ୍କ ବଲ୍‌ରେ ବ୍ୟାକ୍‌ୱାର୍ଡ ପଏଣ୍ଟରେ ଜନ୍ କ୍ୟାମ୍ପବେଲ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ସେତେବେଳେ ଦଳର ସ୍କୋର ୭୨ ରନ ହୋଇଥିଲା। ପାର୍ଟନର ସିବ୍‌ଲି ବ୍ୟାଟିଂ ଜାରି ରଖିଥିଲେ। ମାତ୍ର ସେ ଅର୍ଦ୍ଧଶତକ ହାସଲ କରିବା ପରେ ଶାନନ ଗାବ୍ରିଏଲ୍‌ଙ୍କ ବଲ୍‌ରେ ଉଇକେଟକିପର ଡାଓରିଚ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ସେ ଓ ଜୋ ଡେନ୍‌ଲିଙ୍କ ଦ୍ୱିତୀୟ ଉଇକେଟରେ ମାତ୍ର ୩୧ ରନ ଯୋଗ କରିପାରିଥିଲେ। ଦଳର ସ୍କୋର ୧୫୧ ଥିବାବେଳେ ତୃତୀୟ ଉଇକେଟ ପତନ ଘଟିଥିଲା। ଡେନ୍‌ଲି ୨୯ ରନ ସ୍କୋର କରି ରୋଷ୍ଟନ ଚେଜ୍‌ଙ୍କ ବଲ୍‌ରେ ହୋଲ୍‌ଡରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ।

ବର୍ଷାରେ ପ୍ରଭାବିତ ଏହି ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୦୪ ରନ ସ୍କୋର କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୧୮ ରନ କରି ଅଗ୍ରଣୀ ଲାଭ କରିଥିଲା।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ: ୨୦୪
- ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୩୧୮ (କ୍ରେଗ୍ ବ୍ରାଥୱେଟ୍-୬୫, ଶେନ୍ ଡାଉ୍ରିଚ୍-୬୧, ରୋଷ୍ଟନ ଚେଜ୍-୪୭, ଶାମରା ବ୍ରୁକ୍ସ-୩୯, ବେନ୍ ଷ୍ଟୋକ୍ସ-୪/୪୯, ଜେମ୍ସ ଆଣ୍ଡରସନ-୩/୬୨, ଡମ୍ ବିଜ୍-୨/୫୧)।
- ଇଂଲଣ୍ଡ ଦ୍ୱିତୀୟ ଇନିଂସ (ଚା’ପାନ ସୁଦ୍ଧା): ୧୬୮/୩ (ଡୋମିନିକ୍ ସିବ୍‌ଲି-୫୦, ରୋରି ବର୍ନ୍ସ-୪୨, ଜ୍ୟାକ୍ କ୍ରଲି-୩୮* ରୋଷ୍ଟନ ଚେଜ୍-୨/୪୫)।

## ତଦନ୍ତ କମିଟି ଗଠନ କଲା ସାଇ

**ନୂଆଦିଲ୍ଲୀ, ୧୧।୭ (ପି.ଟି.):** ପଟିଆଲାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ଠାରେ ୩ଜଣ ବକ୍ସର କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ଶନିବାର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ଏକ ତଦନ୍ତ କମିଟି ଗଠନ କରିଛି। ସାଇ ସେକ୍ରେଟାରି ରୋହିତ ଭରଦ୍ୱାଜ ୪ ଜଣିଆ ସଦସ୍ୟବିଶିଷ୍ଟ ଏହି ତଦନ୍ତ ପ୍ୟାନେଲର ମୁଖ୍ୟ ଅଛନ୍ତି। ଅନ୍ୟମାନେ ହେଲେ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ସିଇଓ କମାଣ୍ଡର ରାଜେଶ ରାଜଗୋପାଳନ, ପୂର୍ବତନ ହକି କୋଚ୍ ଏ.କେ. ବଂଶଲ ଓ ସାଇ ଡେପୁଟି ଡାଇରେକ୍ଟର (ପର୍ସୋନେଲ) ଦଣ୍ଡପାଣି। ଖବର ଅନୁସାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ବିକାଶ କ୍ରିଷ୍ଣନ, ନୀରଜ ଗୋୟାତ ଏବଂ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ସତୀଶ କୁମାର ଆଇସୋଲେଶନ ପିରିୟଡରେ କ୍ୱାରାଣ୍ଟାଇନ ନିୟମ ଉଲ୍ଲଂଘନ କରି ସେମାନଙ୍କ ସାଥୀ ଆଥଲେଟ୍‌ଙ୍କ ସହ ମିଳାମିଶା କରିଥିଲେ। ବିକାଶ (୬୯କେଜି) ଏବଂ ସତୀଶ (+୯୧କେଜି) ଉଭୟେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କେଉଁ ପରିସ୍ଥିତିରେ ଏହା ଘଟିଛି କମିଟି ତାହାର ତଦନ୍ତ କରି ଯଥା ଶୀଘ୍ର ରିପୋର୍ଟ ଉପସ୍ଥାପନ କରିବ।

## ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହେଁ: ରାହାନେ

**ନୂଆଦିଲ୍ଲୀ, ୧୧।୭(ପି.ଟି.)**



ଭାରତୀୟ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଆଜିଙ୍କ୍ୟ ରାହାନେ ଦିନିକିଆ ଫର୍ମାଟକୁ ଫେରିବାକୁ ଇଚ୍ଛା ଜାହିର କରିଛନ୍ତି। ଶେଷଥର ପାଇଁ ୨୦୧୮ ଫେବୃୟାରୀରେ ଦିନିକିଆ ଖେଳିଥିଲେ। ପ୍ରତ୍ୟାବର୍ତ୍ତନ ପାଇଁ ତାଙ୍କ ପାଖରେ ଦକ୍ଷତା ଅଛି ବୋଲି ସେ ଭାବୁଛନ୍ତି। ୩ଟି ଯାକ ଫର୍ମାଟ୍‌ରେ ଖେଳିବା ପାଇଁ ମାନସିକ ଭାବେ ପ୍ରସ୍ତୁତି ଚଳାଉଛି ବୋଲି ସେ କହିଛନ୍ତି।

ଦିନିକିଆରେ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଅଛି। ଓପନିଂ ହେଉ କି ୪ ନମ୍ବରରେ ହେଉ ସବୁ ସ୍ଥାନରେ ବ୍ୟାଟିଂ କରିପାରିବି। ମୋଟମୋଟି ଉପରେ ଦିନିକିଆକୁ ଫେରିବାକୁ ଚାହେଁ ବୋଲି ସେ ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ଚାର୍ଟା ଶୋ’ରେ ଦୀପ୍ ଦାସ୍‌ଗୁପ୍ତାଙ୍କ ସହ କଥା ହେବା ବେଳେ କହିଛନ୍ତି। ପୁଣି କେବେ ଦିନିକିଆ ଖେଳିବାକୁ ସୌଭାଗ୍ୟ ମିଳିବ ତାହା ଜଣେ ନାହିଁ। କିନ୍ତୁ ମାନସିକ ଭାବେ ସବୁ ଫର୍ମାଟ ଖେଳିବାକୁ ପ୍ରସ୍ତୁତ ରହିଛି। ଓପନିଂ କରିବାକୁ ଭଲପାଏ। କିନ୍ତୁ ଯଦି କୁହାଯିବ ତା’ହେଲେ ୪ ନମ୍ବରରେ ମଧ୍ୟ ବ୍ୟାଟିଂ କରିପାରିବି। ଦୁଇଟି ସ୍ଥାନରେ ବ୍ୟାଟିଂ କରିବାକୁ ଉପଭୋଗ କରେ ୯୦ଟି ଦିନିକିଆ ମ୍ୟାଚ୍ ଖେଳିଥିବା ରାହାନେ କହିଛନ୍ତି। ସେ ମଧ୍ୟ ଏପର୍ଯ୍ୟନ୍ତ ୬୫ଟି ଟେଷ୍ଟ ଖେଳିଛନ୍ତି। ଶେଷଥର ପାଇଁ ସେ ନ୍ୟୁଜିଲାଣ୍ଡ ଗସ୍ତରେ ଟେଷ୍ଟ ଖେଳିଥିଲେ। ଗତ ୪ ବର୍ଷ ହେବ ସେ ଭାରତୀୟ ଟି୨୦ ଦଳରେ ମଧ୍ୟ ସ୍ଥାନ ପାଇନାହାନ୍ତି। ଟି୨୦ରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ପ୍ରଦର୍ଶନ କରିପାରିବି ବୋଲି ସେ କହିଛନ୍ତି।

## ଷ୍ଟୋକ୍ସଙ୍କ ବିରଳ ସଫଳତା

**ସାଉଥାମ୍ପଟନ, ୧୧।୭:** ଇଂଲଣ୍ଡ ଅଲରାଉଣ୍ଡର ତଥା କାମଚଳା ଅଧିନାୟକ ବେନ୍ ଷ୍ଟୋକ୍ସ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ଟେଷ୍ଟ ଫର୍ମାଟରେ ବିଶ୍ୱର ଦ୍ୱିତୀୟ ଦ୍ରୁତତମ ଅଲରାଉଣ୍ଡର ଭାବେ ୪,୦୦୦ ରନ କରିବା ସହ ୧୫୦ ଉଇକେଟ ହାସଲ କରିଛନ୍ତି। ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିନରେ ସେ ଏହି ମାଇଲ୍ ଖୁଣ୍ଟ ଅତିକ୍ରମ କରିଛନ୍ତି। ଭ୍ରମଣକାରୀ ଦଳର ଅଲଜାରି ଜୋସେଫ୍‌ଙ୍କୁ ଆଉଟ୍ କରି ଏକ ବିରଳ କ୍ଲବ୍‌ରେ ସାମିଲ ହୋଇଥିଲେ। ପୂର୍ବରୁ ଇଂଲଣ୍ଡ କିମ୍ବଦନ୍ତୀ ଅଲରାଉଣ୍ଡର ଇଆନ ବୋଥାମ ଓ ଅନ୍ୟ ୪ ଅଲରାଉଣ୍ଡର ଏହି ସଫଳତା ପାଇଛନ୍ତି। ଷ୍ଟୋକ୍ସ ୧୪ ଓଭର ବୋଲିଂ କରି ୪୯ ରନ ଦେଇ ୪ ଉଇକେଟ ନେଇଛନ୍ତି। ଏଥିରେ ୫ଟି ମେଡେନ ଓଭର ସାମିଲ ରହିଛି। ୬୪ଟି ମ୍ୟାଚ୍ ଖେଳି ଷ୍ଟୋକ୍ସ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଗ୍ୟାରୀ ସୋବୋର୍ସ ତାଙ୍କ ଆଗରେ ରହିଛନ୍ତି। ସେ ୬୩ ମ୍ୟାଚ୍‌ରୁ ଏହି ସଫଳତା ପାଇଥିଲେ। ସୋବର୍ସ ଓ ଷ୍ଟୋକ୍ସଙ୍କୁ ବାଦ୍ ଦେଲେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଜ୍ୟାକ୍ କାଲିସ୍, ଭାରତର କପିଳ ଦେବ ଓ ନ୍ୟୁଜିଲାଣ୍ଡର ଡାନିଏଲ ଭିଟ୍ଟୋରୀ ଏହି କ୍ଲବ୍‌ରେ ସାମିଲ ରହିଛନ୍ତି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଷ୍ଟୋକ୍ସ ୪୩ ରନ ସଂଗ୍ରହ କରିଥିଲେ ଓ ଇଂଲଣ୍ଡ ତରଫରୁ ସର୍ବାଧିକ ସ୍କୋର ଥିଲା।






## ସମଲିଙ୍ଗୀ ସମ୍ପର୍କରେ ଅଛନ୍ତି ସରସ୍ୱତୀ: ଦୂତୀ

**ଭୁବନେଶ୍ୱର, ୧୧।୭ (ସ୍ପୋର୍ଟ୍ସ ବ୍ୟୁରୋ/ ରସୁଲପୁର, ଡି.ଏନ୍.ଏ):** ଭାରତର ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ବଡ଼ ଭଉଣୀ ସରସ୍ୱତୀ ଯିଏକି ଜଣେ ରାଜ୍ୟସ୍ତରୀୟ ଆଥଲେଟ୍ ସେ ଜଣେ ସମଲିଙ୍ଗୀ ବୋଲି ଦୂତୀ ଶନିବାର ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ମୁଁ ନିଜେ ଜଣେ ସମଲିଙ୍ଗୀ ହୋଇଥିବାରୁ ସରସ୍ୱତୀ ତାହାର ଦୃଢ଼ ବିରୋଧ କରି ଆସୁଥିଲେ। ମାତ୍ର ସେ (ସରସ୍ୱତୀ) ନିଜେ ଆସାମର ଜଣେ ଝିଅ ସହିତ ସମଲିଙ୍ଗୀ ସମ୍ପର୍କରେ ଅଛନ୍ତି। ଝିଅଟି ୨ବର୍ଷ ହେଲା ଆମ ଘରେ ରହିଆସୁଛି। ମାତାପିତା ଏବଂ ପରିବାର ସଦସ୍ୟମାନେ ସମସ୍ତ ବିଷୟ ଜାଣିଥିଲେ ମଧ୍ୟ ଏହାକୁ ବିରୋଧ କରିବା ଲାଗି ସାହସ କରୁ ନାହାନ୍ତି। ଦୂତୀ କହିଛନ୍ତି, ତାଙ୍କ ଭଉଣୀ ଝିଅଟିକୁ ଦେଖା କରିବା ଲାଗି କଲିକତା ଯାଇଥାନ୍ତି।


ଦୂତୀ ଓ ସରସ୍ୱତୀ।

### ସରସ୍ୱତୀଙ୍କ ଖଣ୍ଡନ

ଦୂତୀ ଆଣିଥିବା ଅଭିଯୋଗକୁ ବଡ଼ ଭଉଣୀ ସରସ୍ୱତୀ ତାହାର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦୂତୀ ଏବେ କଳା ଚଷମା ପିନ୍ଧିଛନ୍ତି। ସେ ଯାହା ଦେଖୁଛନ୍ତି ତାହା ଠିକ୍ ନୁହେଁ। ଆସାମର ଏହି ଝିଅଟି ମୋ ପାଖରେ ରହି ଟ୍ରେନିଂ ନେଉଛି। ତା ସହିତ ମୋର ଅନ୍ୟ କୌଣସି ସମ୍ପର୍କ ନାହିଁ। ମାତାପିତା ଏହି ଭଲରୂପେ ଏବିଷୟ ଜାଣନ୍ତି। ବର୍ତ୍ତମାନ ପରିସ୍ଥିତିରେ ମୁଁ ଅଧିକ କିଛି କହିବାକୁ ଚାହେଁନା। ଦୂତୀ ଅର୍ଜୁନ ପୁରସ୍କାର ପାଇବା ପରେ ସମସ୍ତ ବିଷୟ ମୁଁ ସ୍ପଷ୍ଟ କରିବି।

## ସିପିଏଲ୍ ଟି୨୦ ଲିଗ୍ ଅଗଷ୍ଟ ୧୮ରୁ

**ନୂଆଦିଲ୍ଲୀ, ୧୧।୭:** କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଟେଷ୍ଟ କ୍ରିକେଟ ଆରମ୍ଭ ହୋଇଛି। ଏବେ ଆଉ ଏକ ହାଇପ୍ରୋଫାଇଲ ଟି୨୦ ଲିଗ୍ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)। ଏହା ସେପ୍ଟେମ୍ବର ୧୦ ତାରିଖରେ ଶେଷ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ଲିଗ୍ ତ୍ରିନିଦାଦ୍ ଆଣ୍ଡ ଟୋବାଗୋରେ ଖେଳାଯିବ। ସ୍ୱାସ୍ଥ୍ୟଗତ ପ୍ରୋଟୋକଲକୁ ଧ୍ୟାନରେ ରଖି ଏହି ଲିଗ୍ ୩୪ ଦିନ ଧରି ଖେଳାଯିବ। କରୋନା ଭାଇରସ୍ ସଂକ୍ରମଣ ପାଇଁ ମ୍ୟାଚ୍‌ଗୁଡିକ ଫାଙ୍କା ଷ୍ଟାଡିୟମରେ ତଥା ବିନା ଦର୍ଶକରେ ଖେଳାଯିବ।






## ଇଂଲଣ୍ଡ ବିଶ୍ୱକପ୍ ବିଜେତା ଫୁଟ୍‌ବଲର ଚାର୍ଲଟନଙ୍କ ପରଲୋକ

**ଲଣ୍ଡନ, ୧୧।୭(ଏପି):** ଇଂଲଣ୍ଡ କିମ୍ବଦନ୍ତୀ ଫୁଟବଲର ତଥା ସେଣ୍ଟ୍ରାଲ ଡିଫେଣ୍ଡର ଜ୍ୟାକ୍ ଚାର୍ଲଟନ ୮୫ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ବିଗ୍ ଜ୍ୟାକ୍ ନାମରେ ପରିଚିତ ଥିବା ଚାର୍ଲଟନ ଶୁକ୍ରବାର ନର୍ଥଉମ୍ବରଲାଣ୍ଡସ୍ଥିତ ତାଙ୍କ ବାସଭବନରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

୧୯୬୬ ଫିଫା ବିଶ୍ୱକପ୍‌ରେ ଚାର୍ଲଟନ ନିଜ ଭାଇ ବବିଙ୍କ ସହ ଇଂଲଣ୍ଡ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଦମ୍‌ଦାର ପ୍ରଦର୍ଶନ ଦଳକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅବସର ନେବାପରେ ସେ ଆୟର୍ଲାଣ୍ଡର କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରି ବେଶ୍ ସଫଳ ରହିଥିଲେ। ୧୯୬୭ରେ ତାଙ୍କୁ ଇଂଲଣ୍ଡର ଫୁଟବଲର ଅଫ୍ ଦି ଇୟର ବିବେଚନା କରାଯାଇଥିଲା। ୧୯୫୨ରୁ ୭୩ ମଧ୍ୟରେ ସେ ଲିଡ୍ସ ତରଫରୁ କ୍ଲବ୍ ଫୁଟବଲ ଖେଳିଥିଲେ। ଏହି କ୍ଲବ ତରଫରୁ ୭୭୩ଟି ମ୍ୟାଚ୍ ଖେଳି ସର୍ବକାଳୀନ ରେକର୍ଡ ସ୍ଥାପନ କରିଥିଲେ। ତାଙ୍କ ସମୟରେ ସେ ସବୁ ଘରୋଇ ସମ୍ମାନର ଅଧିକାରୀ ହୋଇଥିଲେ। ୧୯୬୯ରେ ଲିଗ୍ ଟାଇଟଲ ମଧ୍ୟ ମିଳିଥିଲା। ତାଙ୍କ ପରଲୋକରେ ଇଂଲଣ୍ଡ ଫୁଟବଲରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଇଂଲଣ୍ଡ ଟିମ୍ ଟୁଇଟର ଆକାଉଣ୍ଟରେ ଉଲ୍ଲେଖ କରାଯାଇଛି। ୧୯୬୬ ବିଶ୍ୱକପ୍‌ରେ ଇଂଲଣ୍ଡ ଫାଇନାଲରେ ଜର୍ମାନୀକୁ ଅତିରିକ୍ତ ସମୟ ପରେ ୪-୨ରେ ହରାଇଥିଲା। ଏହା ଥିଲା ତାଙ୍କ କ୍ୟାରିୟର ଓ ଜୀବନର ସବୁଠାରୁ ରୋମାଞ୍ଚକ ଓ ବଡ଼ ସଫଳତା।



ତାଙ୍କ ସାନଭାଇ ବବି ମିଡ୍‌ଫିଲ୍ଡରେ ଖେଳୁଥିଲେ। ୧୯୬୫ରୁ ୭୦ ମଧ୍ୟରେ ଇଂଲଣ୍ଡ ପାଇଁ ଚାର୍ଲଟନ ୩୫ଟି ମ୍ୟାଚ୍ ଖେଳି ୬ଟି ଗୋଲ ସ୍କୋର କରିଥିଲେ। ସେ ୧୯୬୮ ୟୁରୋପିଆନ ଚାମ୍ପିୟନଶିପ୍ ଓ ୧୯୭୦ ବିଶ୍ୱକପ୍ ମଧ୍ୟ ଖେଳିଥିଲେ। ତାଙ୍କ କୋଚିଂରେ ଆୟର୍ଲାଣ୍ଡ ଆଶାତୀତ ସଫଳତା ହାସଲ କରିଥିଲା। ଫଳରେ ତାଙ୍କୁ ସମ୍ମାନଜନକ ଆୟର୍ଲାଣ୍ଡର ନାଗରିକତ୍ୱ ପ୍ରଦାନ କରାଯାଇଥିଲା। ଇଂଲଣ୍ଡ ସହିତ ସମାନ ଭାବେ ମୁଁ ଆୟର୍ଲାଣ୍ଡର ନାଗରିକ ବୋଲି ସେ କହିଥିଲେ। ସର୍ବକାଳୀନ ସେଣ୍ଟ୍ରାଲ ଡିଫେଣ୍ଡର ଭାବେ ସେ ବେଶ୍ ଜଣାଶୁଣା।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ